


নିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୨୦ ଏପ୍ରିଲ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 20 April 2026

Vol.No. 36 ■ No.104 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ଆସୁଛି

ସାଗରିକା

(ବିଷୁବ ପକ୍ଷ୍ୟା)

ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net


# ଇରାନକୁ ଟ୍ରମ୍ପଙ୍କ ଅନ୍ତିମ ଚେତାବନୀ: ସର୍ତ୍ତ ମାନିବା ପାଇଁ ଶେଷ ସୁଯୋଗ

## "ମର୍ଯ୍ୟାଦାର ସହ ଯୁଦ୍ଧର ଅନ୍ତ ଚାହୁଁ, କିନ୍ତୁ ପରମାଣୁ ଅଧିକାର ସହ ସାଲିସ ଅସମ୍ଭବ": ଆମେରିକାକୁ ଚେତାବନୀ ଦେଲେ ଇରାନ ରାଷ୍ଟ୍ରପତି



ନୂଆଦିଲ୍ଲୀ,୧୯/୪ : ଯଦି ଇରାନ ୟୁରାନିୟମ ସମୃଦ୍ଧୀକରଣ ଏବଂ ସାମୁଦ୍ରିକ ନିୟନ୍ତ୍ରଣ ଉପରେ ଆମେରିକାର ସର୍ତ୍ତ ମାନିବାକୁ ମନା କରେ, ତେବେ ଆମେରିକା ଆଲୋଚନାରୁ ଆକ୍ରମଣକୁ ଓହ୍ଲାଇବ ଏବଂ ଇରାନ ଏହାର ଭୟାନକ ପରିଣତି ଭୋଗିବାକୁ ବାଧ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ ସର୍ତ୍ତମାନିବା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ହିଁ ଇରାନ ପାଇଁ ଶେଷ ସୁଯୋଗ। ଇସଲାମାବାଦରେ ଚାଲିଥିବା ବର୍ତ୍ତମାନର କୂଟନୈତିକ ପ୍ରୟାସ ଉପରେ ସମଗ୍ର ବିଶ୍ୱର ନଜର ରହିଥିବା ବେଳେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଆକ୍ରମଣାତ୍ମକ ଆଭିମୁଖ୍ୟ ଏହି ପ୍ରକ୍ରିୟାକୁ ଅଧିକ ଜଟିଳ କରିଦେଇଛି। ହ୍ୱାଇଟ୍ ହାଉସ୍ ପାରମ୍ପାରିକ କୂଟନୀତିର ସୀମା ପାର କରିସାରିଛି ବୋଲି ଆଜି ଇରାନକୁ ସଙ୍କେତ ଦେଇଛି ଏବଂ ବୁଧବାର ସୁଦ୍ଧା ଚୁକ୍ତିରେ ପହଞ୍ଚିବାକୁ ଇରାନ ବାଧ ବୋଲି ଟ୍ରମ୍ପଙ୍କ ବୟାନ ପୁଣି ଉତ୍ତେଜନା ବଢ଼ାଇ ଦେଇଛି। ଆମେରିକାର ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟକୋଫ୍ ଏବଂ ଜାରେଡ୍ କୁଶନରଙ୍କ ନେତୃତ୍ୱରେ ଆମେରିକୀୟ ପ୍ରତିନିଧି ଦଳ ଆସନ୍ତାକାଲି ଇସଲାମାବାଦ ପହଞ୍ଚିବେ। ସେରେନା ହୋଟେଲ ଏବଂ 'ରେଡ୍ ଜୋନ୍' ଚତୁଃପାର୍ଶ୍ୱରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଉକ୍ତ ଅଂଚଳରେ ମୋବାଇଲ୍ ସିଗ୍ନାଲ ଜାମ୍ କରାଯାଇଛି ଏବଂ ଯାନ ଚଳାଚଳ ଉପରେ ମଧ୍ୟ କଟକଣା ଲଗାଯାଇଛି। ଇରାନକୁ ତାର ସମସ୍ତ ସମୃଦ୍ଧ ୟୁରାନିୟମ ଗଚ୍ଛିତ ଭଣ୍ଡାର ହସ୍ତାନ୍ତର କରିବାକୁ ଆମେରିକା ସର୍ତ୍ତ ରଖିଛି ଏବଂ ଇରାନ ସଂସଦର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ୍ ଏହାକୁ ଅସମ୍ଭବ ବୋଲି ଦର୍ଶାଇ ପ୍ରତ୍ୟାଖ୍ୟାନ କରିଛନ୍ତି। ଅନ୍ୟପକ୍ଷରେ ତେହେରାନ ଆମେରିକାର ସାମୁଦ୍ରିକ ଅବରୋଧର ତୁରନ୍ତ ଅନ୍ତ ଦାବି କରିଛି। ହର୍ମୁଜ ପ୍ରଣାଳୀରେ ଗୁଳି ବିନିମୟ ଏବଂ ଜାହାଜଗୁଡ଼ିକ ଉପରେ ଆକ୍ରମଣ ପରେ ପରିବେଶ ଆହୁରି ତିକ୍ତ ହୋଇଛି। ରାଷ୍ଟ୍ରପତି ଟ୍ରମ୍ପ ଅଭିଯୋଗ କରିଛନ୍ତି ଯେ ଇରାନ ସେନା ଶନିବାର ଦିନ ବିଭିନ୍ନ ଜାହାଜ ଉପରେ ଗୁଳି ଚଳାଇ ଦୁଇ ସପ୍ତାହର ଅସ୍ତ୍ରବିରତିକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରିଛି। ତେହେରାନ ଯଦିଓ ଦାବି କରୁଛି ଯେ ଏହା କେବଳ ଅନଧିକୃତ ପ୍ରବେଶ ବିରୁଦ୍ଧରେ ନିଜର ସାମୁଦ୍ରିକ ସାର୍ବଭୌମତ୍ୱକୁ ରକ୍ଷା କରୁଥିଲା, କିନ୍ତୁ ଏହି ଘଟଣା ୱାସିଂଟନକୁ ପୁଣି ଥରେ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ଏକ ସୁଯୋଗ ଦେଇଛି।ଏହି ସଙ୍କଟ ସମୟରେ ପାକିସ୍ତାନ ଫିଲ୍ଡ ମାର୍ଶଲ ଅସୀମ ମୁନୀରଙ୍କ ଭୂମିକା ଏବେ ଚର୍ଚ୍ଚାରେ ରହିଛି। ପାକିସ୍ତାନର ରାଜନେତାଙ୍କୁ ପଛରେ ପକାଇ ସେ କୂଟନୀତିରେ ଶ୍ରେୟ ନେବାକୁ ଜୋରଦାର ପ୍ରୟାସ ଚଳାଇଛନ୍ତି।

# ଅସହ୍ୟ ତାତିରେ ସିଝୁଛି ଓଡ଼ିଶା: ଗରମ ସହିତ ନାକେଦମ୍ କରୁଛି ଗୁଳୁଗୁଳି, ୨୪ ପର୍ଯ୍ୟନ୍ତ ତାତିରୁ ନାହିଁ ନିସ୍ତାର



ଭୁବନେଶ୍ୱର, ୧୯/୪ (ନି.ପ୍ର): ସାରା ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ । ଜଳୁଛି ପଶ୍ଚିମରୁ ଉପକୂଳ, ଉତ୍ତରରୁ ଦକ୍ଷିଣ। ଅସହ୍ୟ ତାତିରେ କଲବଲ ହେଉଛନ୍ତି ରାଜ୍ୟବାସୀ। ସକାଳୁ ଆରମ୍ଭ ହୋଇଯାଉଛି ଭୀଷଣ ଗୁଳୁଗୁଳି। ଆଉ ଦିନ ୧୦ଟା ହେବା ବେଳକୁ ଆକାଶରୁ ଯେପରି ନିଆଁ ବର୍ଷୁଛି। ପାଣିପାଗ ବିଭାଗର ଆକଳନ ୨୪ ତାରିଖ ପର୍ଯ୍ୟନ୍ତ ତାତିରୁ ନିସ୍ତାର ମିଳିବନାହିଁ। ଆସନ୍ତାକାଲି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଖରା ସାଙ୍ଗକୁ ଗୁଳୁଗୁଳି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ମୟୂରଭଞ୍ଜ, କେନ୍ଦୁଝର, ଗଞ୍ଜାମ, କନ୍ଧମାଳ, ରାୟଗଡ଼ା ଓ କୋରାପୁଟ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା। ସମ୍ଭାବନା ରହିଥିବା ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଭୀଷଣ ତାତି ଓ ଗ୍ରୀଷ୍ମପ୍ରବାହ ପାଇଁ ଶିକ୍ଷାନୁଷ୍ଠାନ ଛୁଟି ଘୋଷଣା କରାଯାଉଛି।

# ମହିଳା ସଂରକ୍ଷଣକୁ ବିରୋଧ କରିବାର ପ୍ରଶ୍ନ ଉଠୁନାହିଁ : ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଭିଭାଷଣ ନେଇ ମମତାଙ୍କ ପ୍ରଥମ ପ୍ରତିକ୍ରିୟା



ନୂଆଦିଲ୍ଲୀ,୧୯/୪ : ସଂସଦରେ ମହିଳା ସଂରକ୍ଷଣ ବିଲ୍ ପାସ୍ ନହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କଂଗ୍ରେସ ଏବଂ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସମେତ ଅନେକ ଦଳକୁ କଡ଼ା ସମାଲୋଚନା କରିଥିଲେ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରବିବାର ଇନଷ୍ଟାଗ୍ରାମରେ ଏକ ପୋଷ୍ଟରେ ବିଜେପିକୁ ଟାର୍ଗେଟ କହିଛନ୍ତି, ଏହା ଦୁର୍ଭାଗ୍ୟଜନକ ଯେ, ପ୍ରଧାନମନ୍ତ୍ରୀ ସଚ୍ଚୋଟତାର ସହ ଏହି ପ୍ରସଙ୍ଗର ସମାଧାନ କରିବା ପରିବର୍ତ୍ତେ ଦେଶକୁ ଭ୍ରମିତ କରିବାକୁ ଚାହୁଁଛନ୍ତି । ମମତା ବାନାର୍ଜୀ କହିଛନ୍ତି,ମୁଁ ସ୍ପଷ୍ଟ କରିବାକୁ ଚାହୁଁଛି ଯେ, ତୃଣମୂଳ କଂଗ୍ରେସ ସର୍ବଦା ମହିଳାଙ୍କ ପାଇଁ ଅଧିକ ରାଜନୈତିକ ପ୍ରତିନିଧିତ୍ୱର ଦାବି କରିଆସିଛି। ସଂସଦ ଏବଂ ରାଜ୍ୟ ବିଧାନସଭା ଉଭୟରେ ଆମ ପାଖରେ ନିର୍ବାଚିତ ମହିଳା ପ୍ରତିନିଧିଙ୍କ ଅନୁପାତ ସର୍ବାଧିକ । ଲୋକସଭାରେ ଆମର ନିର୍ବାଚିତ ସଦସ୍ୟଙ୍କ ମଧ୍ୟରୁ ୩୭.୯% ମହିଳା। ଆମେ ରାଜ୍ୟସଭାରେ ୪୬% ମହିଳା ସଦସ୍ୟଙ୍କୁ ମନୋନୀତ କରିଛୁ। ମହିଳା ସଂରକ୍ଷଣକୁ ବିରୋଧ କରିବାର କୌଣସି ପ୍ରଶ୍ନ ଉଠୁନାହିଁ, ଏବଂ କେବେ ହେବନାହିଁ। ଆମେ ଯାହାର ଦୃଢ଼ ବିରୋଧ କରୁଛୁ ତାହା ହେଉଛି ସୀମା ନିର୍ଦ୍ଧାରଣ ପ୍ରକ୍ରିୟା। ମୋଦୀ ସରକାର ନିଜର ନିହିତ ସ୍ୱାର୍ଥକୁ ଆଗକୁ ବଢ଼ାଇବା ପାଇଁ ମହିଳାଙ୍କୁ ଢାଲ ଭାବରେ ଆଗକୁ ଆଣିବାକୁ ଷଡ଼ଯନ୍ତ୍ର କରୁଥିଲେ। ଆମେ ବାବାସାହେବ ଆମ୍ବେଦକରଙ୍କ ସମ୍ବିଧାନରେ ପରିବର୍ତ୍ତନ, ଦେଶର ବିଭାଜନ ଏବଂ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ବିଜେପି ଶାସିତ ରାଜ୍ୟଗୁଡ଼ିକୁ ଅଧିକ ପ୍ରତିନିଧିତ୍ୱ ଦେବା ପାଇଁ ରାଜନୈତିକ ସୀମାର ହେରଫେରକୁ ଦୃଢ଼ ବିରୋଧ କରୁଛୁ। ଏହା ସଂଘୀୟ ଗଣତନ୍ତ୍ର ଉପରେ ଆକ୍ରମଣ, ଏବଂ ଆମେ ଚୁପ୍ ରହିବୁ ନାହିଁ।


15001/21/2627



ପବିତ୍ର ଅକ୍ଷୟ ତୃତୀୟା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଜୟ ଜଗନ୍ନାଥ !

କୃଷିଭିତ୍ତିକ ପର୍ବ ଅକ୍ଷୟ ତୃତୀୟା ତଥା କୃଷକ ଦିବସ ଅବସରରେ ରାଜ୍ୟବାସୀ, ବିଶେଷ କରି କୃଷକ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । କୃଷିପ୍ରଧାନ ରାଜ୍ୟ ଓଡ଼ିଶାରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ କୃଷି କାର୍ଯ୍ୟର ଅୟମାରମ୍ଭ ହୋଇଥାଏ । ଏହି ପବିତ୍ର ତିଥିରେ ଆମ ଅନ୍ନଦାତା ଅକ୍ଷିମୁଠି ଅନୁକୂଳ କରି ଖେତରେ ସୁନାର ଫସଲ ଫଳାଇବା ପାଇଁ ସଂକଳ୍ପ ନେଇଥାନ୍ତି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଚଳିତ ବର୍ଷ ଅକ୍ଷିମୁଠି ଅନୁକୂଳ ଶୁଭଙ୍କର ହେଉ । ଓଡ଼ିଶା ମାଟି ଶସ୍ୟଶ୍ୟାମଳା ହେଉ । ପ୍ରତିଟି ଚାଷୀ ପରିବାର ହସଖୁସି ଓ ସମୃଦ୍ଧିରେ ଭରି ଉଠୁ, ଏହା ହିଁ ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/15001/2/26-27/0021



10001/69/2627

ଅଂଶୁଘାତ ସତର୍କତା



ଲକ୍ଷଣ

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

ସତର୍କତା

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

ପ୍ରତିକାର

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

OIPR: 10001/10003/2/26-27/0005

# ଅକ୍ଷୟ ତୃତୀୟା ଓ ଚନ୍ଦନ ଯାତ୍ରା



## କବୀର କୁମାର ଜେନା



ମହାପ୍ରଭୁଙ୍କ ଯେତେ ନୀତିକାନ୍ତି ରହିଛି ଏ ସବୁ ଭିତରେ ତାଙ୍କ ଚନ୍ଦନ ଯାତ୍ରା ଏକ ଭବ୍ୟ ଓ ଆକର୍ଷଣୀୟ ହୋଇଥାଏ। ଆମେ ପିଲାଟି ଦିନରୁ ଏକ ଓଡ଼ିଆ ଲୋକକଥା ଶୁଣି ଆସିଛୁ "ପୁରୀ ଚନ୍ଦନ, ଓଳକଣା ମେଲଣ, ଆଳି ଝୁଲଣ, କଟକ ଭସାଣ"। ପୁରୀ ଚନ୍ଦନ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରାକୁ ହିଁ ବୁଝାଏ। ଏହି ବୟାଳିଶ ଦିନ ଧରି ଯାତ୍ରାଟି ବୈଶାଖ ଶୁକ୍ଳ ତୃତୀୟା ବା ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇ ସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ। ଏହାର ସ୍ୱତନ୍ତ୍ର ନାମକରଣ ଓ ବିଭକ୍ତି ମଧ୍ୟ ରହିଛି। ଯେପରି ପ୍ରଥମ ଏକୋଇଶ ଦିନକୁ ବାହାର ଚନ୍ଦନ ଏବଂ ପର ଏକୋଇଶ ଦିନକୁ ଭିତର ଚନ୍ଦନ କୁହାଯାଏ।

ଅକ୍ଷୟ ତୃତୀୟା ଠାରୁ ଏକୋଇଶ ଦିନ ରସିକଶେଖର ଶ୍ରୀମଦନମୋହନ, ଭୂଦେବୀ ଓ ଶ୍ରୀଦେବୀ ମଣ୍ଡିତ ମଣିବିମାନରେ, ରାମ ଓ କୃଷ୍ଣ ସୁସଜ୍ଜିତ ହାନ୍ଦୋଳାରେ ଏବଂ ପଞ୍ଚୁପାଣ୍ଡବ ଭାବେ ଆଖ୍ୟାତ ପଞ୍ଚଶମ୍ଭୁ ନିଜ ନିଜ ବିମାନରେ ବସି ନୌବିହାର ନିମନ୍ତେ ନରେନ୍ଦ୍ର ପୁଷ୍କରିଣୀକୁ ଯାତ୍ରା କରୁଥିବାରୁ ଲୋକମୁଖରେ ଏହା ଚନ୍ଦନ ଯାତ୍ରା।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ସହ ଜଡ଼ିତ ଥିବା ପ୍ରାଚୀନ ଉତ୍ସବ ହେଉଛି ଏହି ଚନ୍ଦନ ଯାତ୍ରା। ଏହାର ମହିମା ଓ ଉତ୍ପତ୍ତି ସମ୍ପର୍କରେ ପୁରୁଷୋତ୍ତମ ପୁରାଣରେ ବିଶେଷ ଭାବରେ ଉଲ୍ଲେଖ ରହିଛି। ମହାଭାରତ ବର୍ଣ୍ଣିତ ମତ୍ସ୍ୟରାଜାଙ୍କ ଏକ ଉତ୍ସବ ଅବଲମ୍ବନରେ ଏହା ଶ୍ରୀଜଗନ୍ନାଥ ମନ୍ଦିରରେ ପାଳିତ ହେଉଥିବା ବିଶ୍ୱାସ କରାଯାଏ। ଦ୍ୱାଦଶ ଶତାବ୍ଦୀର ଶେଷ ଭାଗରେ, ମହାରାଜା ଚୋଡ଼ଗଙ୍ଗ ଦେବଙ୍କ ଶାସନ କାଳରେ, ଜଗନ୍ନାଥ ବଲ୍ଲଭ ବେଣୁ ପୋଖରୀରେ, ଚୁଡ଼ଙ୍ଗ ହନୁମାନଙ୍କ କ୍ଷେତ୍ରପାଳତ୍ୱରେ, ଏହି ଯାତ୍ରା ଅନୁଷ୍ଠିତ ହେଉଥିଲା। ଗଜପତି କପିଳେନ୍ଦ୍ର ମହିପତିଙ୍କ ଭାଇ ନରେନ୍ଦ୍ର ଦେବ ନିଜ ଚଉଦ ପୁଅଙ୍କ ସହ ରଣାଙ୍ଗନରେ ନିହତ ହେବା ପରେ, ସେମାନଙ୍କ ସ୍ମୃତିରେ ନରେନ୍ଦ୍ର ସରୋବର ଖୋଳାଯାଇଥିଲା। ସେହି ଦିନଠାରୁ ଏହି ସରୋବରରେ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଆସିଲାଣି। ଏହା ଶ୍ରୀଜଗନ୍ନାଥଙ୍କ ସବୁଠାରୁ ଲମ୍ବା ଯାତ୍ରା। ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁମାନେ ଏହି ଯାତ୍ରାରେ ସାମିଲ ହୋଇ ମହାପ୍ରଭୁଙ୍କ କୃପା ପ୍ରାପ୍ତ ହେବାକୁ ଅଶେଷ ଭାଗ୍ୟ ମନେ କରିଥାନ୍ତି।

କହିବାକୁଗଲେ ବିଶ୍ୱର ସବୁଠାରୁ ଦୀର୍ଘ ଅବଧି ଅର୍ଥାତ୍ ବୟାଳିଶ ଦିନ ଧରି ଚାଲୁଥିବା ଏହି ଅନନ୍ୟ ଯାତ୍ରା ହେଉଛି ଚନ୍ଦନ ଯାତ୍ରା। ପବିତ୍ର ଅକ୍ଷୟ ତୃତୀୟା ତିଥିରୁ ବାହାର ଚନ୍ଦନ ଯାତ୍ରା ଏକୋଇଶ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ। ଚନ୍ଦନ ଯାତ୍ରା ମୁଖ୍ୟତଃ ଦୁଇଟି ପର୍ଯ୍ୟାୟରେ। ଗୋଟିଏ ହେଉଛି ଭିତର ଚନ୍ଦନ ଯାତ୍ରା, ଅନ୍ୟଟି ହେଉଛି ବାହାର ଚନ୍ଦନ ଯାତ୍ରା। ମହାପ୍ରଭୁ ନୂଆ ଲୁଗା ପିନ୍ଧିବା ପରେ ଦ୍ୱିପ୍ରହର ଧୂପ ଓ ଦ୍ୱାଦଶୀ ଯାତ୍ରା ବନ୍ଦାପନା ହୁଏ। ରଥ କାମ ଅନୁକୂଳ ପାଇଁ ଆଜ୍ଞାମାଳ ବିଜେ କରାଯାଏ। ଚନ୍ଦନଯାତ୍ରା ପାଇଁ ଠାକୁରଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କ ସହ ଭୂଦେବୀ, ଶ୍ରୀଦେବୀ ମଧ୍ୟ ବିମାନକୁ ବିଜେ କରନ୍ତି। ତିନୋଟି ରଥ ପାଇଁ ତିନୋଟି ଆଜ୍ଞାମାଳ ପୂଜା ପଣ୍ଡା ସେବକ ବିଜେ କରାନ୍ତି। ମନ୍ଦିର ଅଫିସ ନିକଟରେ ଗୋଟିଏ ଚାଳିଆ ହୋଇଥାଏ। ଯେଉଁଥିରେ ତିନୋଟି ରଥ କାଠ ରଖାଯାଇଥାଏ। ଆଜ୍ଞାମାଳ ଆଗେ ଆଗେ ଆସୁଥିବାବେଳେ ପଛରେ ବିମାନରେ ଠାକୁର ଆସିଥାଆନ୍ତି। ଚାଳିଆ ନିକଟରେ ଠାକୁର ପହଞ୍ଚିବା ପରେ ଆଜ୍ଞାମାଳ ଲାଗି ହୁଏ। ଦେଉଳକରଣ ମହାରଣା ଓ ଭୋଇଙ୍କୁ ଶାଢ଼ୀ ବନ୍ଧାନ୍ତି। ସେଠାରେ ପୂଜା ପାଠ ହୁଏ। ମଦନମୋହନଙ୍କ ଉପସ୍ଥିତିରେ ରଥ କାଠରେ ଛେଦ ପଡ଼େ ଅର୍ଥାତ୍ ବିଧିବଦ୍ଧ ଭାବରେ ରଥ କାମର ଅନୁକୂଳ ହୁଏ। ଠାକୁର ସେଠାରେ ପଂକ୍ତି ଭୋଗ ଖାଆନ୍ତି।

ଅକ୍ଷୟ ତୃତୀୟାରେ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରାର ସ୍ୱତନ୍ତ୍ରତା ହେଉଛି ମହାପ୍ରଭୁ ଶ୍ରୀ ଜଗନ୍ନାଥ ଜଣେ ସାଧାରଣ ମଣିଷ ଭଳି ଦେହରେ ଅପୂର୍ବ ସୁଗନ୍ଧି ପ୍ରଦାନ କରୁଥିବା ଚନ୍ଦନ ଲଗାଇ ନୌ ବିହାର କରିଥାନ୍ତି। ଏହି ଯାତ୍ରା କେବଳ ଧାର୍ମିକ ପରମ୍ପରା ନୁହେଁ ଏହା ହେଉଛି ଭକ୍ତ ଓ ଭଗବାନଙ୍କ ଭିତରେ ରହିଥିବା ଆବହମାନ ସମୟରୁ ଦିବ୍ୟ ଅନନ୍ୟ ମାନବୀୟ ଲୀଳା।

+ଅଣିକଣା, ବରୀ, ଯାଜପୁର,
ମୋ : ୮୯୧୭୩୭୭୯୮୭

# ଅକ୍ଷୟ ତୃତୀୟାରେ କୃଷକ ଦେବତାଙ୍କ ପୂଜା



## ପ୍ରତାପ କୁମାର ସାହୁ

ଭାରତ ହେଉଛି କୃଷି ପ୍ରବଣ ଦେଶ। ଭାରତରେ ଥିବା ୧୪୦ କୋଟି ଲୋକ ମୁଖ୍ୟତଃ କୃଷି ଉପରେ ନର୍ଭର କରୁଥିବା ବେଳେ କୃଷକମାନେ ଧାନ, ଗହମ, ମୁଗ, ବିରି, କୋଳଥ, ମାଣ୍ଡିଆ ଭଳି ଶସ୍ୟ ଉତ୍ପାଦନ କରି ସାରା ଦେଶରେ ଥିବା ୧୪୦ କୋଟି ଲୋକଙ୍କୁ ଦାନା ଯୋଗାଇଥାନ୍ତି। ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀ କିଷାନ ମାନଙ୍କୁ ସମ୍ମାନ ଜଣାଇ ଜୟ ଜବାନ, ଜୟ କିଷାନ ନାରା ଦେଇ କୃଷକମାନଙ୍କୁ ଉତ୍ସାହିତ କରିଥିଲେ ଏବଂ କୃଷକମାନଙ୍କର ଅଧିକାର ଉପରେ ବହୁ ସମୟରେ ଗୁରୁତ୍ୱ ଦେଉଥିଲେ। ତାର କାରଣ ଯେଉଁ ସମୟରେ ଭାରତରେ ଖାଦ୍ୟାଭାବ ଯୋଗୁ କୋଟି କୋଟି ଲୋକ ଭୋକ ଉପାସରେ ରହୁଥିଲେ, ସେହି ସମୟରେ ଭାରତର କୃଷକମାନେ କ୍ଷେତରେ ଅକ୍ଳାନ୍ତ ପରିଶ୍ରମ କରି ଭାରତବର୍ଷକୁ ଖାଦ୍ୟ ଶସ୍ୟରେ ଭରପୁର କରିବା ସହ ଲୋକମାନଙ୍କୁ ମୃତ୍ୟୁମୁଖରୁ ବଞ୍ଚାଇଥିଲେ।




ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ପ୍ରତ୍ୟେକ ବର୍ଷ ଅକ୍ଷୟତୃତୀୟା ଦିନ କୃଷକମାନେ ବିଲରେ ଅଖିମୁଠି ବା ଧାନ ଅନୁକୂଳ କରିବା ସହ ହଳ ଲଙ୍ଗଳ ସାହାଯ୍ୟରେ ଧାନକ୍ଷେତକୁ ହଳ କରି ବସୁଧା ମାତାକୁ ଶାନ୍ତ କରାଇଥାନ୍ତି ଏବଂ ଚାଷୀମାନେ ପବିତ୍ର ଅକ୍ଷୟ ତୃତୀୟ ଦିନ ସକାଳୁ ଉଠି ସ୍ନାନ କରି ନିଜ ହାତରେ ବେତ ଦ୍ୱାରା ତିଆରି ଗଉଣି, ଟୋକେଇରେ ବିହନ ନେବା ସହ ଦୁବ, ବରକୋଳି ପତ୍ର, ସିନ୍ଦୁର, ଧୂପଦୀପ, ଝୁଣା ନେଇ ବିଲରେ ପୂଜାର୍ଚ୍ଚନା କରିଥାନ୍ତି। ତେଣୁ କିଷାନମାନେ କୋଟି କୋଟି ଲୋକଙ୍କୁ ଦାନାକନା ଯୋଗାଉ ଥିବାରୁ ତାଙ୍କୁ ଈଶ୍ୱରଙ୍କ ଅବତାର ବୋଲି କୁହାଯାଏ। ତେଣୁ କୃଷକମାନଙ୍କୁ ଉତ୍ସହିତ କରିବା ସହିତ ଚାଷକୁ ଉଜ୍ଜିବୀତ କରି ରଖିବା ପାଇଁ କଟକ ଜିଲ୍ଲା ମାହାଙ୍ଗା ଥାନା ଅନ୍ତର୍ଗତ ଗୋକନ ମଣିଜୋରି ଠାରେ ୨୦୦୫ ମସିହାରେ ଭାରତର ପ୍ରଥମ କୃଷକ ମନ୍ଦିର (କୃଷକ ଦେବତା) ପ୍ରତିଷ୍ଠା କରାଯାଇଥିଲା। ଜଣାଶୁଣା ସମାଜସେବୀ ପ୍ରତାପ ସାହୁଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଏହି କୃଷକ ମନ୍ଦିରକୁ ବିଶିଷ୍ଟ କବି ରବି ସିଂ ଏବଂ ବରିଷ୍ଠ ସ୍ତମ୍ଭକାର ତଥା ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ଓ ବରିଷ୍ଠ ଚାଷୀନେତା କୈଳାସ ମିଶ୍ର ପ୍ରମୁଖ ଉଦ୍‌ଘାଟନ କରିଥିଲେ। ସେହି ବର୍ଷ ଠାରୁ ପ୍ରତ୍ୟେକ ବର୍ଷ ଅକ୍ଷୟ ତୃତୀୟା ଦିନ ଗୋକନ ମଣିଜୋରିଠାରେ କୃଷକ ଦେବତାଙ୍କୁ ପୂଜା କରିବା ସହିତ ହଜାର ହଜାର ଚାଷୀମାନେ ଏକତ୍ରିତ ହୋଇ ଆଗାମୀ ଦିନରେ ବିଲରେ ଭଲ ଫସଲ ଅମଳ କରିବା ପାଇଁ କୃଷକ ଦେବତାଙ୍କୁ ପୂଜା କରିଥାନ୍ତି ଏବଂ ମା'ବୁଢ଼ୀ ଜାଗୁଲାଇ କୀର୍ତ୍ତନ ମଣ୍ଡଳୀ ଦ୍ୱାରା କୃଷକ କୀର୍ତ୍ତନ ପରିବେଷଣ କରାଯାଏ। ଏଥିସହିତ ପୂର୍ବ ଓସଙ୍ଗ ପଞ୍ଚାୟତର ତଥା ମାହାଙ୍ଗା ନିର୍ବାଚନ ମଣ୍ଡଳୀର ଭଲ ଫସଲ ଅମଳ କରୁଥିବା ମୁଗ, ବିରି, କୋଳଥ ଓ ଧାନ ଚାଷ କରୁଥିବା ବହୁ ଉଦ୍ୟୋଗୀ ଚାଷୀମାନଙ୍କୁ ମାନପତ୍ର, ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥାଏ। ଲୁହ, ଲହୁ ଢାଳି ଅକ୍ଳାନ୍ତ ପରିଶ୍ରମ କରି ଖାଦ୍ୟ, ବସ୍ତ୍ର ଯୋଗାଉଥିବା କୃଷକ ଦେବତାଙ୍କୁ ସେହିଦିନ ପୂଜା କରାଯାଇଥାଏ। ସେହିପରି ଏହିଦିନ କୃଷକମାନଙ୍କ ମଧ୍ୟରେ ହଳ ପ୍ରତିଯୋଗିତା କରାଯାଇ ଶ୍ରେଷ୍ଠ କୃଷକମାନଙ୍କୁ ମଧ୍ୟ ପୁରସ୍କାର କରାଯାଇଥାଏ। ଶେଷରେ ହଜାର ହଜାର ଲୋକଙ୍କ ପାଇଁ ପ୍ରସାଦ ବଣ୍ଟନ କରାଯାଇ ଚାଷକାର୍ଯ୍ୟ କରିବା ପାଇଁ ଉତ୍ସାହିତ କରାଯାଇଥାଏ। ଗୋକନ ମଣିଜୋରି ଗ୍ରାମର ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ପ୍ରତ୍ୟେକ ଲୋକ ଏହି ମହାନ କାର୍ଯ୍ୟରେ ସାମିଲ୍ କରି ସଫଳତାର ସହିତ କୃଷକ ଦେବତାଙ୍କୁ ପୂଜା କରିଥାନ୍ତି। ଏହି ଦିନ ମଧ୍ୟ କାଶି ବିଶ୍ୱନାଥରେ ଯଦି କୌଣସି ବ୍ୟକ୍ତି ଅନ୍ନଦାନ ପ୍ରଦାନ କରିଥାଏ, ତେବେ ତାହାର ମଙ୍ଗଳ କାମନା ହୋଇଥାଏ ବୋଲି କୁହାଯାଏ।

+ମଣିଜୋରି, ମାହାଙ୍ଗା, କଟକ
ମୋ : ୯୪୩୮୧୮୨୭୭୫

## ବୈଶାଖ ଶୁକ୍ଳ ତୃତୀୟା...

### ରାମଚନ୍ଦ୍ର ବେହେରା



ପୂଣ୍ୟ ବୈଶାଖର ଶୁକ୍ଳ ତୃତୀୟା
ତା'ର ଆଗମନେ ହସେ ଦୁନିଆଁ
ମାନି ପରମ୍ପରା ନୀତି
ଚାଷ ଅନୁକୂଳ କରେ ଚଷାପୁଅ
ପୂର୍ଣ୍ଣକରି ପୂଜା ବିଧି।

ଅଣ୍ଟାରେ ଭିଡି ସେ ଧୂଆ ଗାମୁଛା
ଧରଣୀ ମାଆକୁ କରଇ ପୂଜା
ସିନ୍ଦୁର ଚନ୍ଦନ ବୋଳି
ମାତା କମଳାଂକୁ ଭକ୍ତି ଅର୍ଘ୍ୟ ଦେଇ
ଅକ୍ଷି ମୁଠି ଦିଏ ବୁଣି।

ଗୋମୟରେ ଲିପା ହୁଏ ଅଗଣା
ଗୃହେ ମହକଇ ପିଠା ଓ ପଣା
ଶୋଭାପାଏ ଝୋଟି ଚିତା
ଶଂଖ ହୁଳହୁଳି ଧୂପ ନୈବେଦ୍ୟରେ
ବିରାଜନ୍ତି ଲକ୍ଷ୍ମୀମାତା।

ଅକ୍ଷୟ ତୃତୀୟା ଅତି ପବିତ୍ର
ଆରମ୍ଭ ହୁଅଇ ଚନ୍ଦନ ଯାତ
ହସିଉଠେ ଜନ ମନ
ଚନ୍ଦନ ପ୍ରଲେପି ଭବ୍ୟ ଜଳକ୍ରୀଡା
କରନ୍ତି ମଧୁସୂଦନ।

ପୂଣ୍ୟ ତୃତୀୟାର ଶୁଭ ଲଗନେ
ରଥ ଅନୁକୂଳ ହୁଏ ବିଧାନେ
ପୂଜାହୁଏ ଆଜ୍ଞାମାଳ
ତିନି ବିଶ୍ୱକର୍ମା କଳା ସାଆନ୍ତଂକୁ
ମାଗନ୍ତି ଆଶିଷ ବଳ।

କୃଷି ଭିତ୍ତିକ ଏ ମହାନ ପର୍ବ
ଆମ ଉତ୍କଳର ଗର୍ବ ଗୌରବ
କିଣନ୍ତି ସର୍ବେ ସୁବର୍ଣ୍ଣ
ମାତା କମଳାଂକ ଶୁଭାଶିଷ ବଳେ
ଗୃହ ହୁଏ ଧନଧାନ୍ୟ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୬୩୫୫୬୩୪୩୪୬

# କୃଷକର ଖଡ଼ିଛୁଆଁ ପର୍ବ ଅକ୍ଷୟ ତୃତୀୟା

## ସୁବାସ କୁମାର ତାରଣିଆଁ

ଭାରତ ଏକ କୃଷି ପ୍ରଧାନ ଦେଶ। ଭାରତର ଶତକଡ଼ା ୭୫ ଭାଗ ଲୋକ କୃଷି ଉପରେ ନିର୍ଭର କରିଥାନ୍ତି। ଏକଦା କୃଷିଜାତ ଦ୍ରବ୍ୟ ଉତ୍ପାଦନ କ୍ଷେତ୍ରରେ ଭାରତ କୃଷିଜୀବି ରାଷ୍ଟ୍ର ଭାବରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ଦେଶର ୧୪୦ କୋଟି ଜନତା ଖାଦ୍ୟ ଉପରେ ନିର୍ଭର କରିଥାନ୍ତି। କାରଣ ବିନା ଖାଦ୍ୟରେ ମଣିଷ ଜୀବନ ଯାପନ କରିବା ଅସମ୍ଭବ। ତେଣୁ ଚାଷୀମାନେ ହିଁ ଖାଦ୍ୟର ଅଭାବକୁ ପୂରଣ କରିଥାନ୍ତି। ସେଥିପାଇଁ ଚାଷୀଙ୍କୁ ଅନ୍ନଦାତା ବୋଲି କୁହାଯାଏ। ଓଡ଼ିଶାରେ ସାଧାରଣତଃ ଧାନ, ବିରି, ମୁଗ, କୋଳଥ, ହରଡ଼, ନଳିତା, ଚିନାବାଦାମ ଓ ସୂର୍ଯ୍ୟମୁଖୀ ଠାରୁ ଆରମ୍ଭ କରି ବିଭିନ୍ନ କିସମର ଚାଷ କରାଯାଇଥାଏ। 'କର୍ମ ମୋହର ନିଜ ଗୁରୁ, ଉଦ୍ଧବ କେତେ ତୁ ପଚାରୁ' ଏହି ଉକ୍ତିଟିକୁ ପ୍ରମାଣିତ କରି ଚାଷୀଟି ବଡି ଭୋରରୁ କଂସାଏ ପଖାଳ ଓ ଶାଗଭଜା ଖାଇ ତାର ଅତି ଆପଣାର ସାଥୀ ବଳଦଙ୍କୁ ଯୋଚି ଲଙ୍ଗଳ ଧରି ବିଲକୁ ଯାଏ ଚାଷ କାମ ପାଇଁ। ଖରା ବର୍ଷାକୁ ଖାତିର ନ କରି ନିଜ ଜମିକୁ ଉର୍ବର କରି ସୁନାର ଫସଲ ଫଳାଇବା ପାଇଁ ଅହରହ ପ୍ରୟାସ କରିଥାଏ। ସମୟର ପରିବର୍ତ୍ତନ ଫଳରେ ପୁରାତନ ଚାଷ ପଦ୍ଧତିକୁ ଛାଡ଼ି ଆଧୁନିକ ପଦ୍ଧତିରେ ଉନ୍ନତମାନର ବିହନ, କୀଟନାଶକ ଔଷଧ ଓ ରାସାୟନିକ ସାର ପ୍ରୟୋଗ ମାଧ୍ୟମରେ କିପରି କମ୍ ଜମିରେ ଅଧିକ ଫସଲ ଅମଳ କରିପାରିବ ସେଥିପ୍ରତି ଅଧିକ ଦୃଷ୍ଟି ଦେଉଛି ଚାଷୀ। କୃଷି ଉପରେ ନିର୍ଭରଶୀଳ ଓଡ଼ିଶାରେ ଯେତେସବୁ ପର୍ବପର୍ବାଣୀ ରହିଛି ସେସବୁର ମୂଳ ଉତ୍ସ ହେଉଛି କୃଷି। ରଜପର୍ବ ହେଉ ବା ଅଗ୍ନି ଉତ୍ସବ, ମାଣବସା ଗୁରୁବାର ଅବା ପଣା ସଂକ୍ରାନ୍ତି ସବୁକିଛି କୃଷିଭିତ୍ତିକ। କାରଣ କୃଷକର ଖଡ଼ିଛୁଆଁ ଦିବସ ହେଉଛି ଅକ୍ଷୟ ତୃତୀୟା। ଏହି ଦିନ ହିଁ କୃଷିକର ଆଦ୍ୟପର୍ବ ଆରମ୍ଭ ହୋଇଥାଏ। ଶୁଦ୍ଧପୂତ ହୋଇ ଏହିଦିନ ମାହେନ୍ଦ୍ର ବେଳା ଦେଖି ଯେକୌଣସି କାର୍ଯ୍ୟକଲେ ଶୁଭଫଳ ମିଳିଥାଏ।

ଦେଶ ଦେଶ ମଧ୍ୟରେ ସୁସମ୍ପର୍କ ରକ୍ଷା କରିବାରେ ମଧ୍ୟ ଚାଷୀ ଅବଦାନ ଅତୁଳନୀୟ। କାରଣ ଆମ ଦେଶରେ ଉତ୍ପାଦିତ ହେଉଥିବା ଦ୍ରବ୍ୟ ପଡ଼ୋଶୀ ରାଷ୍ଟ୍ରକୁ ପଠାଯାଉଥିବା ବେଳେ ପଡ଼ୋଶୀ ରାଷ୍ଟ୍ରରେ ଉତ୍ପାଦିତ ଦ୍ରବ୍ୟ ମଧ୍ୟ ଆମ ଦେଶକୁ ଆସିଥାଏ ଯାହାକୁ ଆମଦାନୀ ଓ ରପ୍ତାନୀ କୁହାଯାଏ। ବେଳେ ବେଳେ କିଛି କୁଟନୈତିକ ଶକ୍ତି ପ୍ରୟୋଗ କରି ଅନେକ ରାଷ୍ଟ୍ର ଆମ ଦେଶକୁ ଦ୍ରବ୍ୟ ରପ୍ତାନୀ କରିବାରେ ଜାଣିଶୁଣି ସମସ୍ୟା ସୃଷ୍ଟି କରନ୍ତି। ଫଳରେ ଦେଶରେ କଳାବଜାରୀ ଓ ଅଭାବୀ ବିକ୍ରି ଦେଖାଦିଏ ଏବଂ ଏଥିପାଇଁ ଚାଷୀ ବହୁ ସମସ୍ୟାର ସମ୍ମୁଖୀନ ହୁଏ, ଯାହାର ପ୍ରଭାବ ଜନସାଧାରଣଙ୍କ ଉପରେ ପଡୁଥିବା ବେଳେ ଏହାର ଫାଇଦା ନେଅନ୍ତି କିଛି ଅସାଧୁ ବ୍ୟବସାୟୀମାନେ। ତେବେ ଯେଉଁ କୃଷକ ଦିନ ରାତି ପରିଶ୍ରମ କରି ନିଜ ରକ୍ତକୁ ପାଣି କରି ଦେଶକୁ ଖାଦ୍ୟଶସ୍ୟ ଯୋଗାଉଛି, ସେହି କୃଷକ ଏବେ ଘୋର ସଙ୍କଟ ଦେଇ ଗତିକରୁଛି ଓ ଚାଷର ଭବିଷ୍ୟତ ମଧ୍ୟ ଅନ୍ଧାରରେ। ସେହିପରି କୃଷକର ପ୍ରଧାନ ପର୍ବ ଅକ୍ଷୟ ତୃତୀୟା। ଏହି ପବିତ୍ର ଦିନରେ କୃଷକମାନେ ବଡ଼ିଭୋରରୁ ଅଖିମୁଠି ଅନୁକୂଳ କରି ନିଜ କ୍ଷେତରେ ବିହନ ବୁଣି ପ୍ରଥମେ ଚାଷ ଆରମ୍ଭ କରିଥାଏ। ଯେଉଁ ଚାଷକୁ ଅମଳ କରି କୃଷକଭାଇମାନେ ସାରା ଦେଶକୁ ଖାଦ୍ୟ ଯୋଗାଇଥାଏ। କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ଏହି ପବିତ୍ର ଦିନକୁ ଛୁଟି ଘୋଷଣା କରିବାକୁ କୃଷକଭାଇମାନେ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ ନ କରିବା କୃଷକମାନଙ୍କୁ ଗଭୀର ଭାବେ ବ୍ୟଥିତ କରିଛି। କାରଣ କୃଷକ ଆଜି ଉପଯୁକ୍ତ ପ୍ରୋତ୍ସାହନରୁ ବଞ୍ଚିତ। ଯଦି ଚାଷୀକୁ ଉପଯୁକ୍ତ ପ୍ରୋତ୍ସାହନ ସହିତ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦିଆଯାଇପାରିବ, ତେବେ ଜଣେ ଚାଷୀ ଭଲ ଫସଲ ଉତ୍ପାଦନ କରିପାରିବ ଓ ଚାଷ କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରିବ। କିନ୍ତୁ ଉପଯୁକ୍ତ ପ୍ରୋତ୍ସାହନର ରାଶି ସାଙ୍ଗକୁ ଆବଶ୍ୟକୀୟ ସାମଗ୍ରୀ ଅଭାବରୁ ଫସଲରେ କ୍ଷତି ଘଟୁଛି ଏବଂ ଚାଷୀ ଆତ୍ମହତ୍ୟା କରୁଛି। ସେହିପରି ଦୈବ ଦୁର୍ବିପାକ ଘଟଣା ପାଇଁ ମଧ୍ୟ ଚାଷ କ୍ଷେତ୍ରରେ ଅନେକ ସମସ୍ୟା ସୃଷ୍ଟି ହେଉଛି। 'ଜଳ ବିହୁନେ ସୃଷ୍ଟି ନାଶ, ଜଳ ବହୁଳେ ସୃଷ୍ଟି ନାଶ'। ଜଳସେଚନ ପ୍ରତି ଯଥେଷ୍ଟ ପ୍ରାଧାନ୍ୟ ଦିଆ ନଯିବାରୁ ଜଳ ସଙ୍କଟରୁ ଚାଷୀ ମରୁଡ଼ିର ସମ୍ମୁଖୀ ହେଉଛି ଓ ଅତ୍ୟଧିକ ବୃଷ୍ଟିବାତ ଓ ବନ୍ୟା ଫଳରେ କ୍ଷେତରେ ଦୀର୍ଘଦିନ ପର୍ଯ୍ୟନ୍ତ ପାଣି ଜମି ରହିବା ଫଳରେ ଫସଲ ପଚି ନଷ୍ଟ ହୋଇଯାଉଛି। ଫଳରେ ଚାଷୀଟି ଋଣ କରି ଚାଷରେ ଲଗାଇଥିବା ପୁଞ୍ଜି ଶୁଝି ନପାରି ଆତ୍ମହତ୍ୟା କରୁଛି।



ଆମ ଦେଶରେ ସରକାରୀ ପଦପଦବୀରେ ଅବସ୍ଥାପିତ ବଡ଼ ବଡ଼ ଅଫିସରଙ୍କ ଠାରୁ ଆରମ୍ଭ କରି ତଳିଆ କର୍ମଚାରୀ କିରାଣୀ ଓ ପିଅନ ପର୍ଯ୍ୟନ୍ତ ନିଜର ଚାକିରୀ କାଳ ମଧ୍ୟରେ ନିଜର କର୍ତ୍ତବ୍ୟ ଓ କାର୍ଯ୍ୟଦକ୍ଷତା ତୁଳନାରେ ଢେର ଅଧିକ ଦରମା ପାଇବା ସହିତ ସରକାରୀ ସୁବିଧା ଯଥା ମାଗଣା ଘର, ଗାଡ଼ି, ସ୍ୱାସ୍ଥ୍ୟ ସେବା, ଇପିଏଫ୍ ଓ ଇଏସ୍‌ଆଇ ଇତ୍ୟାଦି ସୁବିଧା ପାଉଛନ୍ତି ଏବଂ ଅବସର ପରେ ସାରା ଜୀବନ ପେନ୍‌ସନ ପାଇ ସୁଖ ସ୍ୱାଚ୍ଛନ୍ଦରେ ଜୀବନ ଅତିବାହିତ କରୁଛନ୍ତି। ସେହିପରି ରାଜନୀତି କ୍ଷେତ୍ରରେ ଜନପ୍ରତିନିଧିମାନେ ମାତ୍ର ୫ ବର୍ଷ ପାଇଁ ନିର୍ବାଚିତ ହେଉଥିଲେ ମଧ୍ୟ ପାଞ୍ଚ ବର୍ଷ ମଧ୍ୟରେ ନିଜର ମୋଟା ଅଙ୍କର ଦରମା ସହିତ ଅସାଧୁ ଉପାୟରେ ପ୍ରଚୁଳ କଳାଧନ ଠୁଳ କରି ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ପେନ୍‌ସନ ପାଇ ଜୀବନ ଅତିବାହିତ କରନ୍ତି ଏବଂ ପାରିବାରିକ ରାଜନୀତିକୁ ଆପଣେଇ ନିଜେ ରାଜନୀତିରୁ ଦୂରେଇ ରହି ନିଜ ପୁଅ, ଝିଅଙ୍କୁ ସୁଯୋଗ ଦେଇ ଟଙ୍କାର ପାହାଡ଼ ସୃଷ୍ଟିକରି ଚାଲନ୍ତି ବହୁ ବିଳାସପୂର୍ଣ୍ଣ ଅଟ୍ଟାଳିକାର ମାଲିକ ବନୁଥିବା ବେଳେ ଚାଷୀଟି ନିଜ କ୍ଷେତରୁ ଚାଷକାର୍ଯ୍ୟ ସାରି ଘରକୁ ଫେରିଲା ପରେ ଘରେ ରୋଷେଇ କରିବା ପାଇଁ ସଉଦା ନଥିବା ବେଳେ ଅର୍ଥ ଅଭାବରୁ ପୁଅର ପାଠପଢାରେ ଡ଼ୋରୀ ବନ୍ଧା ହେଉଛି, ଋଣ ପରିଶୋଧ କରିନପାରିବାରୁ ଗାଁ ସାହୁକାରଙ୍କ ଜୁଲମ୍ ଚାଷୀକୁ ଆତ୍ମହତ୍ୟା କରିବାକୁ ଏକ ପ୍ରକାର ବାଧ କରୁଛି, ପରିବାରର ଆର୍ଥିକ ସ୍ଥିତିକୁ ହୃଦୟଙ୍ଗମ କରି ଚଷା ପୁଅ ଝିଅମାନେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ନେତା, ମନ୍ତ୍ରୀମାନେ ସେମାନଙ୍କ ଝିଅ ବାହାଘରରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚର୍ଚ୍ଚାକୁ ଆସୁଥିବା ବେଳେ ଜଣେ କୃଷକ ନିଜ ଝିଅ ବାହାଘର ପାଇଁ ଅର୍ଥ ଅଭାବରୁ ଘରର ପଟ୍ଟା ପାଉତି ଗାଁ ସାହୁକାର ପାଖରେ ବନ୍ଧା ପକାଇଲାଣି ତ ଆଉ କେଉଁଠି ତାର ଅତି ଆପଣାର ସାଥୀ ନିଜର ବଳଦକୁ ବିକିବାକୁ ବାଧ ହେଉଛି।

ଅପର ପକ୍ଷରେ ଆଧୁନିକ ଯନ୍ତ୍ରପାତିର ବହୁଳ ବ୍ୟବହାର ଚାଷୀ ପ୍ରତି ଶକ୍ତ ଧକ୍କା ଲାଗିଛି। ଫଳରେ ଚାଷରେ ଉନ୍ନତି ଘଟିଛି ସତ, ମାତ୍ର ଚାଷୀ କିନ୍ତୁ ରସାତଳକୁ ଗତି କରୁଛି। ଟ୍ରାକ୍ଟରର ବ୍ୟବହାର ଯୋଗୁ ଚାଷୀ ତାର ବଳଦ ଓ ଲଙ୍ଗଳ ସାହାଯ୍ୟରେ ଜମିକୁ ଚାଷ କରି ଦି'ପଇସା ରୋଜଗାର କରି ନିଜର ପରିବାର ଭରଣ ପୋଷଣ କରୁଥିଲା ସେ ବାଟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଆଉ ହଳ ଲଙ୍ଗଳ କ୍ଷେତରେ ଦେଖିବାକୁ ମିଳୁନାହିଁ, ବଳଦ ଏବେ ଅଦରକାରୀ ହୋଇଯାଇଛି ଏବଂ ଲଙ୍ଗଳ ଘରେ ରହି ରହି କିଛିଦିନ ପରେ ନଷ୍ଟ ହୋଇଯାଉଛି। ସେହିପରି ଧାନ ରୁଆ ସମୟରେ ଚାଷୀ ତାର ସ୍ତ୍ରୀ ଓ ପିଲାଙ୍କୁ ଧରି ଧାନ ରୋଇ କିଛି ରୋଜଗାର କରି ଭବିଷ୍ୟତ ପାଇଁ ସଞ୍ଚୟ କରୁଥିବା ବେଳେ ଏବେ ସେ ସ୍ଥାନ ପୂରଣ କରିଛି ଧାନରୁଆ ମେସିନ୍, ଯାହା ଫଳରେ କିଛି ଶିଳ୍ପ ପ୍ରତିଷ୍ଠାନ ଓ ଟ୍ରାକ୍ଟର ମାଲିକମାନେ ମାଲେମାଲ ହେଉଛନ୍ତି। ସେହିପରି ପ୍ରଶାସନିକ ଅଧିକାରୀ, ଜମି ମାଫିଆ ଓ ଦଲାଲମାନଙ୍କ ମିଳିତ ଚକ୍ରାନ୍ତରେ ଚାଷ ଜମିର କିସମ ପରିବର୍ତ୍ତନ କରାଯାଇ ଘରବାରିରେ ପରିଣତ କରାଯାଉଛି। ଫଳରେ ଏହି ଜମି ଦଲାଲ ଓ ମାଫିଆ ମାନେ ଚାଷୀଙ୍କୁ ଧମକ ଚମକ ଦେଇ ସେମାନଙ୍କ ଜମିକୁ ଶାଗମାଛ ଦରରେ କିଣି ତାକୁ ପ୍ଲଟିଂ କରି, ଘରବାରି ଦର୍ଶାଇ ଗୋଟିଏ ଜମିକୁ ଏକାଧିକ ଲୋକଙ୍କୁ ଚଢା ଦରରେ ବିକ୍ରି କରୁଛନ୍ତି ଓ ଆଉ କିଛି ଜମି ଚଢା ଦର କାରଣରୁ ପଡ଼ିଆ ହୋଇ ପଡ଼ିରହୁଛି। ଫଳରେ ଚାଷୀ ଅନେକ କ୍ଷତି ସହୁଥିବା ବେଳେ ଚାଷରେ ବାଧା ସୃଷ୍ଟି ହେଉଛି ଓ 'ଜୟ ଯବାନ ଜୟ କିଷାନ' ଆଜି 'ଜୟ ଯବାନ ଜୟ ପ୍ରଶାସନ'ରେ ପରିଣତ ହୋଇଛି।

କୃଷକମାନଙ୍କୁ ସମ୍ମାନ ଦେବା ଓ ସେମାନଙ୍କ ମନୋବଳ ବୃଦ୍ଧି କରିବା ଉଦ୍ଦେଶ୍ୟରେ ୨୦୦୫ ମସିହାରେ ସମାଜସେବୀ ତଥା ଉଦୀୟମାନ ଯୁବକ ପ୍ରତାପ କୁମାର ସାହୁ ନିଜ ଗ୍ରାମ କଟକ ଜିଲ୍ଲା ମାହାଙ୍ଗା ଥାନା ଅନ୍ତର୍ଗତ ବରାହିଁପୁର ପଞ୍ଚାୟତର ମଣିଜୋରୀ ଗ୍ରାମରେ ଭାରତର ସର୍ବପ୍ରଥମ କୃଷକ ମନ୍ଦିର ପ୍ରତିଷ୍ଠା କରିଥିଲେ। ବିପ୍ଳବୀ କବି ରବି ସିଂ ଓ ପ୍ରାକ୍ତନ ସାଂସଦ ମୋହନ ଜେନା ଏହି କୃଷକ ମନ୍ଦିରକୁ ଉଦ୍‌ଘାଟନ କରିଥିଲେ। ସେହିଦିନ ଠାରୁ ପ୍ରତିବର୍ଷ କୃଷକମାନଙ୍କର ପବିତ୍ର ଉତ୍ସବ 'ଅକ୍ଷୟ ତୃତୀୟ' ଦିନ ଉକ୍ତ କୃଷକ ମନ୍ଦିରରେ ହୋମଯଜ୍ଞ କରାଯିବା ସହ ହଳ ପ୍ରତିଯୋଗିତା, ଗାଈ ଗୋରୁମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଥାଏ। ସେଠାରେ କୃଷକମାନଙ୍କୁ ଉତ୍ସାହିତ କରିବା ପାଇଁ ହଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ ଓ କୃତି କୃଷକ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହିତ ମାନପତ୍ର ପ୍ରଦାନ କରାଯାଇଥାଏ।

ଦେଶରେ ସମୁଦାୟ ଚାଷୀମାନଙ୍କ ମଧ୍ୟରୁ ଅଶୀ ଭାଗ ହେଉଛନ୍ତି କ୍ଷୁଦ୍ର ବା ନାମମାତ୍ର ଚାଷୀ। କୃଷି ଦେଶର ପଚାଶଭାଗ ଲୋକଙ୍କୁ କର୍ମନିଯୁକ୍ତି ଯୋଗାଉଥିଲା ବେଳେ ସେମାନଙ୍କୁ ଅବହେଳା କରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଅନେକ ଧାନଚାଷୀ, ମୁଗ ଚାଷୀ, ଆଖୁଚାଷୀଙ୍କ ଭଳି ଆହୁରି ଅନେକ ଚାଷୀ ଏବେ ବି ସରକାରୀ ସାହାଯ୍ୟ ସୁବିଧାକୁ ଚାହିଁ ବସିଛନ୍ତି। ଆଧୁନିକ ଜ୍ଞାନକୌଶଳ, ଉନ୍ନତମାନ ବିହନର ଅଭାବ ସହିତ ଜଳସେଚନର ସୁବିଧା, ବିଶେଷକରି ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପ୍ରଦାନରେ ବିଫଳତା, ବ୍ୟାଙ୍କମାନଙ୍କ ତରଫରୁ ଋଣ ପ୍ରଦାନରେ ଅବହେଳା, ଗାଁ ସାହୁକାରର କୃଷକମାନଙ୍କ ପ୍ରତି ଜୁଲମ, ଉତ୍ପାଦିତ ଦ୍ରବ୍ୟର କ୍ରୟ ବିକ୍ରୟ ପାଇଁ ସ୍ଥାନ ଚିହ୍ନଟ ନ କରିବା, ଭାଗଚାଷୀମାନଙ୍କୁ ଚିହ୍ନଟ ପ୍ରକ୍ରିୟାରେ ଜାଣିଶୁଣି ଅବହେଳା କରିବା, ଉତ୍ପାଦିତ ଦ୍ରବ୍ୟକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକ ଶୀତଳ ଭଣ୍ଡାର ପ୍ରତିଷ୍ଠା ନକରିବା କାରଣରୁ ଚାଷୀ ଆଜି ଦେଶର ଅନ୍ନଦାତା ହୋଇଥିଲେ ମଧ୍ୟ ତାର ଅଭାବ ଦେଖାଦେଇଛି। ଏଥିପାଇଁ ଚାଷୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ପାଣ୍ଠି ଗଠନ କରାଯାଇ ସେମାନଙ୍କୁ ଅନ୍‌ଲାଇନ ମାଧ୍ୟମରେ ପଞ୍ଜିକରଣ କରିବା, ପ୍ରତିରାଜ୍ୟ ଓ ଜିଲ୍ଲାରେ କୃଷି ଗବେଷଣା କେନ୍ଦ୍ର ଖୋଲାଯାଇ ଆଧୁନିକ ଜ୍ଞାନ କୌଶଳ ମାଧ୍ୟମରେ ସେମାନଙ୍କୁ ତାଲିମ୍ ଦେବା, ବୃଷ୍ଟି ଜଳକୁ ସଂରକ୍ଷତି ରଖି ତାକୁ ଚାଷ ସମୟରେ ଠିକ ଭାବେ ବିନିଯୋଗ କରିବା, ବହୁ ପାରିମାଣରେ ଶୀତଳ ଭଣ୍ଡାର ନିର୍ମାଣ କରି ଉତ୍ପାଦିତ ଦ୍ରବ୍ୟସବୁକୁ ସୁରକ୍ଷିତ ରଖିବା ସହିତ ଗରିବ କୃଷକଙ୍କ କଲ୍ୟାଣ ନିମନ୍ତେ ସରକାରଙ୍କ ତରଫରୁ ଏକ କୃଷକ କଲ୍ୟାଣ ପାଣ୍ଠି ଗଠନ କରାଯାଇ ଦୈବୀ ଦୁର୍ବିପାକ ଓ ଅତ୍ୟାବଶ୍ୟକ ସମୟରେ ଏହି ପାଣ୍ଠିର ସୁବିନିଯୋଗ କରିବା, ଚାଷ କ୍ଷେତ୍ରରେ କୃଷକମାନଙ୍କୁ ଉତ୍ସାହିତ କରିବା ପାଇଁ ଅକ୍ଷୟ ତୃତୀୟାକୁ ସରକାରୀ ଭାବେ ଛୁଟି ଘୋଷଣା କରିବା, ସରକାରୀ ପଦାଧିକାରୀଙ୍କ ଭଳି କୁଶଳୀ ତଥା ଅଭିଜ୍ଞ ଚାଷୀମାନଙ୍କୁ ପୁରସ୍କୃତ କରାଯିବା ସହିତ ସରକାରୀ କର୍ମଚାରୀଙ୍କ ଭଳି କୃଷକମାନଙ୍କ ପାଇଁ ପେନ୍‌ସନ ବ୍ୟବସ୍ଥା ଲାଗୁ କରାଯାଏ, ତେବେ ଯାଇ ଚାଷୀର ସବୁ ସମସ୍ୟା ଦୂର ହୋଇପାରନ୍ତା ଓ ଚାଷୀମାନଙ୍କୁ ଆଉ ଆତ୍ମହତ୍ୟା କରିବାକୁ ପଡ଼ନ୍ତା ନାହିଁ।

+କଣ୍ଟି, ବାହାରଣା,
ବାଲିକୁଦା, ଜଗତସିଂହପୁର


ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୨୦ ଏପ୍ରିଲ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 20 April 2026
Vol.No. 36 ■ No.104 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ଆସୁଛି
ସାଗରିକା
(ବିଷୁବସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


# ଏମ୍‌କେ ଷ୍ଟାଲିନ ଓ ଡିଏମ୍‌କେ ପ୍ରତି ପ୍ରଧାନମନ୍ତ୍ରୀଙ୍କ କଟୁ ସମାଲୋଚନା



ନୂଆଦିଲ୍ଲୀ,୧୯/୪ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ତାମିଲନାଡୁର ଶାସକ ଡିଏମ୍‌କେକୁ ଟାର୍ଗେଟ୍ କରି ଅଭିଯୋଗ କରିଛନ୍ତି ଯେ ଏହାର ଶାସନ ମଡେଲ 'ପରିବାର ଦ୍ୱାରା, ପରିବାର ପାଇଁ' ଏବଂ 'ଲୁଟ୍ କରିବା' ପାଇଁ ପରିବାର ମଧ୍ୟରେ ଏକ ପ୍ରତିଯୋଗିତା ଚାଲିଛି ବୋଲି ଦାବି କରିଛନ୍ତି। ଏନ୍‌ଡିଏର ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି ମୋଦୀ କହିଛନ୍ତି ଯେ, ଗତ ପାଞ୍ଚ ବର୍ଷ ମଧ୍ୟରେ ତାମିଲନାଡୁରେ ଦୁଇଟି ଜିନିଷ ରେକର୍ଡ ସ୍ତରକୁ ବୃଦ୍ଧି ପାଇଛି। ଗୋଟିଏ ପରିବାରର ସମ୍ପତ୍ତି ଏବଂ ରାଜ୍ୟର ଋଣ। ତାମିଲନାଡୁର ପ୍ରତ୍ୟେକ ବ୍ୟକ୍ତିଙ୍କ ଉପରେ ଋଣ ବଢ଼ିବାରେ ଲାଗିଥିବା ବେଳେ ଡିଏମ୍‌କେର ଶୀର୍ଷ ପରିବାର ଧନୀ ହେବାରେ ଲାଗିଛନ୍ତି। ଡିଏମ୍‌କେର ନୀତି ହେଉଛି 'ପରିବାର ଦ୍ୱାରା, ପରିବାରର ଓ ପରିବାର ପାଇଁ'। ମୁଖ୍ୟମନ୍ତ୍ରୀ ହୁଅନ୍ତୁ, ଉପମୁଖ୍ୟମନ୍ତ୍ରୀ ହୁଅନ୍ତୁ, ଦିଲ୍ଲୀର ଜଣେ ପ୍ରମୁଖ ସାଂସଦ ହୁଅନ୍ତୁ, ସମସ୍ତେ ଗୋଟିଏ ପରିବାରରୁ ଆସିଥାନ୍ତି। ଏପରିକି ଫିଲ୍ମ ଇଣ୍ଡଷ୍ଟ୍ରି ଓ ମିଡିଆ ହାଉସ୍ ଗୋଟିଏ ପରିବାର ଦ୍ୱାରା ନିୟନ୍ତ୍ରିତ। ଡିଏମ୍‌କେର ବରିଷ୍ଠ ନେତାମାନଙ୍କୁ ମଧ୍ୟ ସେହି ପରିବାରର ଯୁବ ସଦସ୍ୟଙ୍କ ପାଇଁ ପଦପଦବୀ ଛାଡିବାକୁ ପଡିବ ବୋଲି ସେ କହିଛନ୍ତି। ସେ ଅଭିଯୋଗ କରିଛନ୍ତି, ଯେତେବେଳେ ବି ମୁଁ ତାମିଲନାଡୁର ଲୋକଙ୍କୁ ଭେଟିଥାଏ, ସେମାନେ ମୋତେ କୁହନ୍ତି ଯେ କିଏ ଅଧିକ ଲୁଟ୍ କରିବ ସେ ନେଇ ପରିବାର ମଧ୍ୟରେ ଏକ ପ୍ରତିଯୋଗିତା ଅଛି। ସେ ଆହୁରି କହିଛନ୍ତି ଯେ, ରାଜ୍ୟକୁ ଶାସନରେ ଦୂରଦୃଷ୍ଟି ଆବଶ୍ୟକ, ପୁଅ କିମ୍ବା ଜ୍ୱାଇଁଙ୍କ ଦ୍ୱାରା ପରିଚାଳିତ ରାଜନୀତି ନୁହେଁ। ଏକ ସମାନ୍ତରାଳ ଚିତ୍ର ଆଙ୍କି ମୋଦୀ କହିଛନ୍ତି ଯେ ଦିଲ୍ଲୀରେ ଡିଏମ୍‌କେ ଓ ଏହାର ସହଯୋଗୀଙ୍କ ମଧ୍ୟରେ ସମାନତା ରହିଛି ଏବଂ ଉଭୟ ଜ୍ୱାଇଁର ପ୍ରଭାବ ଦ୍ୱାରା ଚିହ୍ନିତ। ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନଙ୍କ ଉଦାହରଣ ଦେଇ ମୋଦୀ କହିଛନ୍ତି ଯେ କୌଣସି ରାଜନୈତିକ ପୃଷ୍ଠଭୂମି ନ ଥିବା ସତ୍ତ୍ୱେ ସେ ସଚ୍ଚୋଟତା ଓ କଠିନ ପରିଶ୍ରମ ମାଧ୍ୟମରେ ଉଠିଛନ୍ତି। କତା ବୋର୍ଡରେ ରାଧାକ୍ରିଷ୍ଣନଙ୍କ କାର୍ଯ୍ୟକାଳ ସମୟରେ ରପ୍ତାନି ରେକର୍ଡ ସ୍ତରରେ ପହଞ୍ଚିଥିଲା। ଏକ ପ୍ରମୁଖ ଅଭିବୃଦ୍ଧି ଇଞ୍ଜିନ ଭାବେ ତାମିଲନାଡୁର ଭୂମିକା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ରାଜ୍ୟର ବିକାଶରେ କେନ୍ଦ୍ରର ଅବଦାନ ଉପରେ ଆଲୋକପାତ କରିଥିଲେ। ସେ କହିଛନ୍ତି ଯେ, ଗତ ୧୧ ବର୍ଷ ମଧ୍ୟରେ କେନ୍ଦ୍ର ଟିକସ ବିନିଯୋଗ, ଭିତ୍ତିଭୂମି ଓ କଲ୍ୟାଣକାରୀ ଯୋଜନା ମାଧ୍ୟମରେ ତାମିଲନାଡୁକୁ ୧୪ ଲକ୍ଷ କୋଟିରୁ ଅଧିକ ଟଙ୍କା ପ୍ରଦାନ କରିଛି।

## ଓଡ଼ିଶାରେ ହେବ ଦେଶର ପ୍ରଥମ ଥ୍ରୀଡି ଚିପ୍ ପ୍ୟାକେଜିଂ ୟୁନିଟ: ଭୁବନେଶ୍ୱରରେ ଶିଳାନ୍ୟାସ କଲେ କେନ୍ଦ୍ରମନ୍ତ୍ରୀ



ଭୁବନେଶ୍ୱର, ୧୯/୪ (ନି.ପ୍ର): ଶିଳାନ୍ୟାସ ହେଲା ଦେଶର ପ୍ରଥମ ଥ୍ରୀ-ଡି ଚିପ୍ ପ୍ୟାକେଜିଂ ୟୁନିଟ୍। ୨ ହଜାର କୋଟି ନିବେଶରେ ତିଆରି ହେଉଥିବା ପ୍ରକଳ୍ପ ଦ୍ୱାରା ରାଜ୍ୟରେ ୨ ହଜାର ୫୦୦ ନିଯୁକ୍ତି ସୃଷ୍ଟି ହେବ। ଚିପ୍ ତିଆରି ହେଲେ ପ୍ରତିରକ୍ଷା ଓ ଏଆଇରେ ବ୍ୟବହାର ହେବ। ଓଡ଼ିଶାରେ ଶିଳ୍ପ ଓ ରୋଜଗାର ସୃଷ୍ଟି ପାଇଁ ମୁଖ୍ୟମନ୍ତ୍ରୀଙ୍କ କାମକୁ ପ୍ରଶଂସା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ଖୋର୍ଦ୍ଧା ଇନଫୋ ଭ୍ୟାଲିରେ ପ୍ରତିଷ୍ଠିତ ସେମିକଣ୍ଡକ୍ଟର ସଂସ୍ଥା ଥ୍ରୀଡି ଗ୍ଲାସ ସଲ୍ୟୁସନର ଅତ୍ୟାଧୁନିକ ଗ୍ଲାସ୍ ସବ୍‌ଷ୍ଟ୍ରେଟ୍ ପ୍ୟାକେଜିଂ ୟୁନିଟ୍ ପାଇଁ ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ଏହି ପ୍ରକଳ୍ପ ଦେଶରେ ପ୍ରଥମ ଥର ପାଇଁ ଏକ ଆଡଭାନ୍ସଡ୍ ଥ୍ରୀଡି ଗ୍ଲାସ୍ ସବ୍‌ଷ୍ଟ୍ରେଟ୍ ପ୍ୟାକେଜିଂ ସୁବିଧା ସୃଷ୍ଟି କରିବ। ଏଠାରେ ଉତ୍ପାଦିତ କମ୍ପୋନେଣ୍ଟ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ହାଇ ପର୍ଫମାନ୍ସ କମ୍ପ୍ୟୁଟିଂ ଓ ପ୍ରତିରକ୍ଷା ଇଲେକ୍ଟ୍ରୋନିକ୍ସ ଭଳି ବିକାଶଶୀଳ କ୍ଷେତ୍ରରେ ଗୁରୁତ୍ୱ ଅର୍ଜନ କରିବ। ୨ ହଜାର କୋଟି ଟଙ୍କା ନିବେଶରେ ସ୍ଥାପିତ ହେଉଥିବା ପ୍ରକଳ୍ପ ବର୍ଷକୁ ୭୦ ହଜାର ଗ୍ଲାସ୍ ପ୍ୟାନେଲ, ୫୦ ମିଲିୟନ ଆସେମ୍ବଲ୍ଡ ୟୁନିଟ୍ ଏବଂ ୧୩ ହଜାର ୨୦୦ ଅତ୍ୟାଧୁନିକ ଥ୍ରୀଡିଏଚ୍ ମଡ୍ୟୁଲ୍ ଉତ୍ପାଦନ କରିବ।

## ସୁଧୁରୁଛି ଭାରତ-ବାଂଲାଦେଶ ସଂପର୍କ: ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିନେଶ ତ୍ରିବେଦୀ ହେବେ ବାଂଲାଦେଶର ଉଚ୍ଚାୟୁକ୍ତ



ନୂଆଦିଲ୍ଲୀ,୧୯/୪ : ବାଂଲାଦେଶରେ ତାରିକ୍ ରେହମାନଙ୍କ ନେତୃତ୍ୱରେ ସରକାର ଗଠନ ପରେ ଭାରତ ଦୁଇ ଦେଶ ମଧ୍ୟରେ ସମ୍ପର୍କ ସୁଧାରିବାକୁ ଲଗାତାର ପ୍ରୟାସ କରୁଛି । ଏହି ପରିପ୍ରେକ୍ଷୀରେ ଭାରତ ସରକାର ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବର୍ତ୍ତମାନ ବିଜେପିରେ ଥିବା ଦିନେଶ ତ୍ରିବେଦୀଙ୍କୁ ବାଂଲାଦେଶକୁ ଭାରତର ଉଚ୍ଚାୟୁକ୍ତ ଭାବେ ପଠାଉଛନ୍ତି। ଜଣେ ବର୍ଷିଆନ୍ ରାଜନେତାଙ୍କୁ ଉଚ୍ଚାୟୁକ୍ତ ଭାବେ ନିଯୁକ୍ତ କରିବା ଭାରତ ଦୁଇ ଦେଶର ସମ୍ପର୍କକୁ କେତେକ ଗୁରୁତ୍ୱ ଦେଉଛି ତାହା ଜଣାପଡୁଛି। ତ୍ରିବେଦୀ କୂଟନୀତିଜ୍ଞ ପ୍ରଣୟ ବର୍ମାଙ୍କ ସ୍ଥାନରେ ଉଚ୍ଚାୟୁକ୍ତ ଭାବେ ଅବସ୍ଥାପିତ ହେବେ। ପ୍ରଣୟ ବର୍ମାଙ୍କୁ ସରକାର ୟୁରୋପୀୟ ସଂଘ (ଇୟୁ) ଓ ବେଲଜିୟମକୁ ଭାରତୀୟ ରାଷ୍ଟ୍ରଦୂତ ଭାବେ ବ୍ରସେଲ୍ସ ପଠାଇବେ। ୭୫-ବର୍ଷୀୟ ତ୍ରିବେଦୀଙ୍କୁ ଉଚ୍ଚାୟୁକ୍ତ ଭାବେ ପଠାଇବାକୁ ଭାରତ ସରକାରଙ୍କୁ ତାରିକ ରେହମାନଙ୍କ ସରକାରଠାରୁ ଅନୁମତି ଆଣିବାକୁ ପଡ଼ିବ। ତ୍ରିବେଦୀଙ୍କ ପରି ଜଣେ ପ୍ରବୀଣ ରାଜନେତାଙ୍କୁ ଭାରତର ରାଷ୍ଟ୍ରଦୂତ ଭାବେ ନିଯୁକ୍ତ କରିବା ବିଦେଶ ମନ୍ତ୍ରଣାଳୟର କୂଟନୀତିଜ୍ଞଙ୍କ ପାଇଁ ଉତ୍ତରଦାୟିତ୍ୱର ବାର୍ତ୍ତା ମଧ୍ୟ ଦେଉଛି। ୟୁପିଏ ସରକାର ସମୟରେ ତତ୍କାଳୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ତ୍ରିବେଦୀ କେନ୍ଦ୍ର ରେଳମନ୍ତ୍ରୀ ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ତେବେ ୨୦୨୧ରେ ସେ ଟିଏମ୍‌ସି ଛାଡ଼ି ବିଜେପିରେ ଯୋଗ ଦେଇଥିଲେ।

## ଜଳଭଣ୍ଡାରରେ ଗାଧୋଇବା ହେଲା କାଳ: ବୁଡ଼ିଗଲେ ୨ ଛାତ୍ର, ବର୍ତ୍ତିଲେ ୪ ଯୁବକ

ଭଞ୍ଜନଗର, ୧୯/୪ (ନି.ପ୍ର): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଅଞ୍ଚଳରେ ଆଜି ସନ୍ଧ୍ୟା ସମୟରେ ଏକ ଅଭାବନୀୟ ଘଟଣା ଘଟିଛି। ସହର ଉପକଣ୍ଠ ଜଳଭଣ୍ଡାରରେ ବୁଡ଼ି ଦୁଇ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଉଭୟେ ସ୍ଥାନୀୟ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ଯୁକ୍ତ ଦୁଇର ଛାତ୍ର ବୋଲି ଜଣାପଡିଛି। ମୃତକମାନେ ହେଲେ ଭଞ୍ଜନଗର ଥାନା ଅଧିନ ଲାଲସିଂ ଗ୍ରାମର ଶରତ ପ୍ରଧାନର ପୁଅ କାହ୍ନା ପ୍ରଧାନ ଓ ଆଶୁତୋଷ ଭୂୟାଁ। ଦୁଇ ସାଙ୍ଗ ଜଳଭଣ୍ଡାରରେ ବୁଡ଼ି ଯିବା ଖବର ପାଇ ଅଗ୍ନିଶମ ବିବାଗ ଏବଂ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ଉଭୟଙ୍କୁ ପୁଲିସ ଏବଂ ଅଗ୍ନିଶମ ସହାୟତାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ।

# ରାଜ୍ୟରେ ଚାଲିଛି ଖଣି ମାଫିଆଙ୍କ ରାଜ୍: ବିପୁଳ ରାଜସ୍ୱ ହରାଉଛନ୍ତି ସରକାର



ଭୁବନେଶ୍ୱର, ୧୯/୪ (ନି.ପ୍ର): ଓଡ଼ିଶାରେ ବେଧଡ଼କ ଚାଲିଛି ଖଣିଜ ଲୁଟ। ରାଜ୍ୟର ଅଧିକାଂଶ ଖଣି ଏବେ ମାଫିଆଙ୍କ ନିୟନ୍ତ୍ରଣରେ ରହିଛି । ଖଣି ବିଭାଗର ଅଜାଣତରେ ଖଣିଜ ସଂପତ୍ତିର ହରିଲୁଟ ଚାଲିଛି । ଏହାକୁ ନେଇ ସରକାରଙ୍କୁ ଘେରିଛନ୍ତି ବିରୋଧୀ। ଅଭିଯୋଗ ଆଣିଛନ୍ତି ସରକାର ମାଫିଆଙ୍କୁ ଚଳାଉଛନ୍ତି । ଅନ୍ୟପଟେ ଅଭିଯୋଗକୁ ଅସ୍ୱୀକାର କରି ଖଣି ମନ୍ତ୍ରୀ କହିଛନ୍ତି, ମାଫିଆରାଜର ଶେଷ ସମୟ ଆସିଯାଇଛି । ସୁପ୍ରିମକୋର୍ଟଙ୍କ ତାଗିଦ୍, ହାଇକୋର୍ଟଙ୍କ କଟକଣା, ଶାହା କମିସନଙ୍କ ପରାମର୍ଶ ସବୁ ପାଣିରେ ପଡ଼ିଛି। ଏବେ ବି ମାଫିଆଙ୍କ ନିୟନ୍ତ୍ରଣରେ ରାଜ୍ୟର ଖଣି ଖାଦାନ। ଦିନ ଦିପହରରେ ବେଧଡ଼କ ଚାଲିଛି ରାଜ୍ୟର ବିଭିନ୍ନ ଖଣିରୁ, ଖଣିଜ ସଂପତ୍ତିର ଲୁଟତରାଜ। କେଉଁଠି ଅନୁମତିଠୁ ଅଧିକ ଉତ୍ତୋଳନ ହେଉଛି, ପୁଣି କେଉଁଠି ଗଚ୍ଛିତ ଖଣିଜକୁ ବିକ୍ରି କରିଦେଉଛନ୍ତି ମାଫିଆ। କେତେ ଖୋଲା ହେଲା, କେତେ ବିକ୍ରି ହେଲା କାହା ପାଖରେ ଖବର ନାହିଁ। ଖଣିଜ ଲୁଟ୍ ପାଇଁ ପରିବେଶ ମଞ୍ଜୁରି ଓ ଜଙ୍ଗଲ ଅନୁମତିର ଖୋଲାଖୋଲି ଉଲ୍ଲଂଘନ ବି ହେଉଛି। ଏହାକୁ ନେଇ ଉଦବେଗ ପ୍ରକାଶ କରିଥିଲେ ସିଏଜି। ରିପୋର୍ଟରେ ଉଲ୍ଲେଖ କରିଥିଲେ ଅନୁମତି ଠାରୁ ଅଧିକ ଉତ୍ତୋଳନ ଯୋଗୁଁ ୩, ୭୬୧.୮୮ କୋଟି ଟଙ୍କା ଜରିମାନା ଦେଇଛି ଓଏମ୍‌ସି । ବଡ଼ ପ୍ରଶ୍ନ ହେଉଛି ସରକାର ଜାଣୁଛନ୍ତି ଖଣି ଲୁଟ ଚାଲିଛି, ତଥାପି କାହା ସ୍ୱାର୍ଥରେ ଲିଜଧାରୀଙ୍କ ଲିଜ ଅବଧି ବର୍ଷ ବର୍ଷ ଧରି ବଢ଼ାଇ ଚାଲିଛନ୍ତି। ଖୋଲମଖୋଲା ଚୋରା ଚାଲାଣ ହେଉଛି ବକ୍ସାଇଟ, ଆଇରନ ଓର, ମାଙ୍ଗାନିଜ୍, କୋଇଲା, କ୍ରୋମାଇଟ ଆଦି ଖଣିଜ ସଂପତ୍ତି। କେଉଁଠି ଜଙ୍ଗଲର ଛାତି ଚିରି, ପୁଣି କେଉଁଠି ପାହାଡ଼ ପିଠି ତାଡ଼ି ଖଣିଜ ଉତ୍ତୋଳନ କରି ମୁନାଫା କମାଉଛନ୍ତି ମାଫିଆ।

## ବାଣ କାରଖାନାରେ ବିସ୍ଫୋରଣ: ୨୦ ମୃତ

ନୂଆଦିଲ୍ଲୀ,୧୯/୪ : ତାମିଲନାଡୁର ବିରୁଧନଗର ଜିଲ୍ଲାର କଟ୍ଟନାରପଟ୍ଟୀ ଗାଁରେ ରବିବାର ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୨୦ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅପରାହ୍ନରେ ଏହି ଘଟଣା ଘଟିଥିବା ବେଳେ ଖବର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା। କାରଖାନାରେ ଲାଗିଥିବା ନିଆଁକୁ ସେମାନେ ଏକ ଘଣ୍ଟାର ପରିଶ୍ରମ ପରେ ଲିଭାଇଥିଲେ। ତା'ସହିତ ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ଘଟଣା ଘଟିବା ବେଳେ କାରଖାନାରେ ପ୍ରାୟ ୩୦ ଜଣ କର୍ମଚାରୀ କାମ କରୁଥିଲେ ବୋଲି ସ୍ଥାନୀୟ ପୁଲିସ କହିଛି। ଏହି ବିସ୍ଫୋରଣର ତୀବ୍ରତା ଏତେ ଥିଲା ଯେ କାରଖାନାର କୋଠାର କିଛି ଅଂଶ ଭୁଶୁଡ଼ି ପଡ଼ିଛି।

# ଗୋପାଳକୃଷ୍ଣ ଆଚାର୍ଯ୍ୟଙ୍କ ରଚିତ 'ନୂଆ ଡାହୁକବୋଲି' ପୁସ୍ତକର ଉନ୍ମୋଚନ ଉତ୍ସବ



କଟକ, ୧୯/୪ (ନି.ପ୍ର): ଚହଟାଘାଟ ନିକଟସ୍ଥ ଗାୟତ୍ରୀ ମନ୍ଦିର ପରିସରରେ ବିଶିଷ୍ଟ ଆଧ୍ୟାତ୍ମିକ ଓ ବ୍ୟଙ୍ଗକବି ଜ୍ଞାନ ହୋତାଙ୍କର ସଭାପତିତ୍ୱରେ ଡ.ଗୋପାଳକୃଷ୍ଣ ଆଚାର୍ଯ୍ୟଙ୍କ ରଚିତ ପୁସ୍ତିକା 'ନୂଆ ଡାହୁକବୋଲି' ଆଜି ଅପରାହ୍ଣରେ ପାଠକାର୍ପିତ ହୋଇଛି।ଏହି ଅବସରରେ ଅତିଥିମାନେ ପରମ୍ପରାକୁ ସମ୍ମାନ ଜଣାଇ ଏହି ପୁସ୍ତକର ଆବଶ୍ୟକତା ରହି ଆସୁଥିଲା ବୋଲି ମତବ୍ୟକ୍ତ କରିଛନ୍ତି। ମୁଖ୍ୟଅତିଥି ଡ.ଅଜୟ କୁମାର ମିଶ୍ର 'କର୍ମାଙ୍ଗୀ ମାଦଳା'ରେ ଅଶ୍ଳୀଳ ବିବେଚିତ ତୁଚ୍ଛପଦ ରୂପେ କାଳକ୍ରମେ ଅନାଦୃତ ହୋଇ ମନ୍ଦିର ପ୍ରଶାସନ ତରଫରୁ ନିଷେଧ କରାଯାଇଥିବା ଦୁଇଅର୍ଥବୋଧକ ଏହି ବୋଲିର ଉପଯୁକ୍ତ ପରିପୂରକ ଭାବରେ ଅଶ୍ଳୀଳତା ବର୍ଜିତ ଦେଶଜ ଶବ୍ଦରେ ପରିପୂର୍ଣ୍ଣ ନୂଆ ଡାହୁକବୋଲିକୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରାରେ ଡାହୁକମାନେ ଗାନ କରିବାକୁ ନିବେଦନ କରିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ଚଳଚ୍ଚିତ୍ର ସଂଳାପକାର ଓ ଶିକ୍ଷାବିତ ଡ.ରଜନୀରଞ୍ଜନ ଏହି ପୁସ୍ତିକାର ଉପାଦେୟତା ଉପରେ ଗୁରୁତ୍ୱ ଆରୋପ କରିବା ସହିତ କବିଙ୍କର ଏଭଳି ଆୟସସାଧ୍ୟ ପ୍ରଚେଷ୍ଟାକୁ ସାଧୁବାଦ ଜଣାଇଥିଲେ। ବରେଣ୍ୟଅତିଥି ବିଶିଷ୍ଟ କଥାକାର ତଥା ଶିକ୍ଷାବିତ ଅନୀଲ୍ କୁମାର ପାଢ଼ୀ କବି ଡ. ଆଚାର୍ଯ୍ୟଙ୍କର ନୂଆଢଗଢମାଳି, ନୂଆଡାହୁକ ବୋଲି ଭଳି ପ୍ରାଚୀନ ଲୁପ୍ତପ୍ରାୟ ଲୋକସାହିତ୍ୟ ଓ ସଂସ୍କୃତିଭିତ୍ତିକ ପୁସ୍ତକମାନ ପ୍ରତି ଓଡ଼ିଆ ଭାଷା ପ୍ରତିଷ୍ଠାନ, ଓଡ଼ିଶା ସାହିତ୍ୟ ଏକାଡେମୀ ତଥା ଓଡ଼ିଶା ସରକାର ସହୃଦୟତା ମନୋଭାବ ପୋଷଣ କରିବା ପାଇଁ ଅନୁରୋଧ କରିଥିଲେ।କବି ଡ.ଆଚାର୍ଯ୍ୟ ନୂଆ ଡାହୁକବୋଲି'ର ପରିକଳ୍ପନା ଓ ଡାହୁକବୋଲିର ଐତିହାସିକ ଓ ସାଂସ୍କୃତିକ ପୃଷ୍ଠଭୂମି ଉପରେ ସ୍ୱକୀୟ ମତ ପୋଷଣ କରିଥିଲେ। ପ୍ରକାଶକ ପ୍ରଫୁଲ୍ଲ କୁମାର ପୃଷ୍ଟି ଉପସ୍ଥିତ ସମବେତ ଭକ୍ତମଣ୍ଡଳୀ ତଥା ମଞ୍ଚାସୀନ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭାକାର୍ଯ୍ୟ ପରିଚାଳନା କରିଥିଲେ ଦୂରଦର୍ଶନ ଓ ଆକାଶବାଣୀର ସମ୍ବାଦପାଠକ ଆଶୁତୋଷ ପତି ଓ ଆବାହନୀ ଭକ୍ତିସଂଗୀତ ଗାନ କରିଥିଲେ ବିଶିଷ୍ଟ କଣ୍ଠଶିଳ୍ପୀ କରୁଣାକର। ଉକ୍ତ ନିରାଡ଼ମ୍ବର ଉତ୍ସବରେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଶତାଧିକ ବ୍ୟକ୍ତିବିଶେଷ ଯୋଗଦାନ କରିଥିଲେ।

# ସରକାରୀ ପ୍ରକଳ୍ପ ଭାଙ୍ଗିବାକୁ ନେଇ ଗ୍ରାମରେ ଉତ୍ତେଜନା

■ଏତେଲା ପରେବି ଥାନା ଅଧିକାରୀଙ୍କ ନୀରବତା

■ଏସପିଙ୍କଠାରେ ଅଭିଯୋଗ ଆଣିଲେ ସରପଞ୍ଚ



ନୀଳଗିରି, ୧୯/୪ (ନି.ପ୍ର): ନୀଳଗିରି ବ୍ଲକ ମାଟିଆଳି ପଞ୍ଚାୟତ ଦୁର୍ଗାପୁର ଅଙ୍ଗନଓ୍ୱାଡ଼ି ସେଣ୍ଟରକୁ ଆସିଥିବା ପାଇଖାନା ଓ ପାନୀୟ ଜଳଯୋଗାଣ ପାଇଁ ଗତ ୧୪ତାରିଖ ପ୍ରକଳ୍ପକାର୍ଯ୍ୟ ଚାଲିଥିଲା।ବିଭାଗ ନାମରେ କାର୍ଯ୍ୟାଦେଶ ଥିବାବେଳେ ଗ୍ରାମର ଗଣେଶ୍ୱର ନାୟକ ଓ ଶଶଧର ବିଶ୍ୱାଳ ଉକ୍ତକାର୍ଯ୍ୟକୁ ତଦାରଖ କରୁଥିଲେ।ଗ୍ରେଡ଼ବିମ କାମ ଚାଲିଥିବା ସମୟରେ ହଠାତ ସକାଳ୧୦ଟା ସମୟରେ ଉକ୍ତଗ୍ରାମର ସୁରେନ୍ଦ୍ର ପଣ୍ଡା, ସନ୍ତୋଷ ପାତ୍ର, ସଞ୍ଜୟ ସିଂ, ରାଜୁ ପାତ୍ର ପ୍ରମୁଖ ସେଠାରେ ପହଞ୍ଚି ପ୍ରକଳ୍ପକାର୍ଯ୍ୟକୁ ଭାଙ୍ଗିଦେଇଥିଲେ ପଏନେଇ ସ୍ଥାନୀୟ ସରପଞ୍ଚ ଶାନ୍ତିଲତା ବିଶ୍ୱାଳ ସଂପୃକ୍ତ ଲୋକଙ୍କ ବିରୋଧରେ ବରହମପୁର ଥାନାରେ ଲିଖିତଅଭିଯୋଗ କରିଥିଲେ। ଅଭିଯୋଗପାଇ ତଦନ୍ତ କରିବା ପରିବର୍ତ୍ତେ ୫ଦିନ ବିତିଯାଇଥିଲେ ମଧ ବରହମପୁର ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ କିମ୍ବା ମାମଲା ରୁଜ୍ଜୁ କରିନାହିଁ। ବରହମପୁର ଆଇଆଇସିଙ୍କ ଏତାଦୃଶ କାର୍ଯ୍ୟରେ ଅସନ୍ତୋଷ ପ୍ରକାଶକରିବା ସହିତ ନିରପେକ୍ଷ ତଦନ୍ତପାଇଁ ସରପଞ୍ଚ ଶ୍ରୀମତୀ ବିଶ୍ୱାଳ ବାଲେଶ୍ୱର ଏସପିଙ୍କୁ ହସ୍ତକ୍ଷେପ ପାଇଁ ଅନୁରୋଧକରିଥିବା ଜଣାପଡ଼ିଛି। ଯଦି ନ୍ୟାୟ ନମିଳେ ସରପଂଚ ନୀଳଗିରି ଏସଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାଦେବେ ବୋଲି ଲିଖିତଭାବେ ଏସପିଙ୍କୁ ଜଣାଇଛନ୍ତି। ଘଟଣା ସମ୍ପର୍କରେ ବରହମପୁର ଆଇଆଇସି ପ୍ରେମଦା ନାୟକଙ୍କୁ ପଚାରିବାରୁ ତଦନ୍ତ ଚାଲିଥିବା କହିଛନ୍ତି।

## ଆଜି ଅକ୍ଷୟତୃତୀୟା: ଅନୁକୂଳ ହେବ ରଥ ନିର୍ମାଣ କାମ

ଭୁବନେଶ୍ୱର, ୧୯/୪ (ନି.ପ୍ର): ରାତି ପାହିଲେ ପବିତ୍ର ଅକ୍ଷୟ ତୃତୀୟା। ଶ୍ରୀକ୍ଷେତ୍ର ହେଲାଣି ଚଳଚଞ୍ଚଳ। ଅନୁକୂଳ ହେବ ରଥ ନିର୍ମାଣ, ଶୀତଳ ଉପଚାରରେ ଚାପ ଖେଳିବେ ମଦନମୋହନ। ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି ଚାପ ନିର୍ମାଣ କାର୍ଯ୍ୟ। ସଜେଇ ହେଉଛି ନନ୍ଦା, ଭଦ୍ରା। ପ୍ରସ୍ତୁତ ତୀର୍ଥ ପୁଷ୍କରିଣୀ ନରେନ୍ଦ୍ର। ରଥ ନିର୍ମାଣ ଅନୁକୂଳ ପାଇଁ ବି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ସେପଟେ ଚନ୍ଦନ ଚକଡ଼ା ଓ ତା'ର ଚତୁଃପାର୍ଶ୍ୱରେ ବାଣ ଫୁଟାଇବା ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଅକ୍ଷୟ ତୃତୀୟାରେ ମହାପ୍ରଭୁଙ୍କର ଦୁଇ ଦୁଇଟି ଅନନ୍ୟ ପରମ୍ପରା। ଆରମ୍ଭ ହେବ ମହାପ୍ରଭୁଙ୍କ ୨୧ ଦିନ ଧରି ବାହାର ଚନ୍ଦନ ଯାତ୍ରା। ଏଥିସହ ରଥ ନିର୍ମାଣ ଅନୁକୂଳ ହେବ। ତୀର୍ଥ ପୁଷ୍କରିଣୀ ନରେନ୍ଦ୍ର ଚଳଚଞ୍ଚଳ। ଭୋଇ ସେବକ ଓ ମହାରଣା ସେବକମାନେ ପ୍ରସ୍ତୁତ କରୁଛନ୍ତି ଚାପ। ୧୦ ମହାରଣା ଓ ୧୦ ଭୋଇ ସେବାୟତ କାମରେ ଲାଗିଛନ୍ତି।

# ଅହଂକାର ବନାମ ଆଦର୍ଶ: ଟ୍ରମ୍ପ-ପୋପ୍ ବିବାଦ

ରାଷ୍ଟ୍ରୀୟ କ୍ଷମତା ଏବଂ ଧର୍ମୀୟ ନୈତିକତା ମଧ୍ୟରେ ସଂଘର୍ଷ ଇତିହାସରେ ନୂଆ ନହେଲେ ମଧ୍ୟ, ଦୁଇ ଜଣ ଶୀର୍ଷସ୍ଥାନୀୟ ଆମେରିକୀୟ ବ୍ୟକ୍ତିତ୍ୱଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ସାମ୍ପ୍ରତିକ ବିବାଦ ବିଶ୍ୱ ରାଜନୀତିରେ ଏକ ଅଭୂତପୂର୍ବ ପରିସ୍ଥିତି ସୃଷ୍ଟି କରିଛି । ଏହି ବିବାଦର ଗୋଟିଏ ପାର୍ଶ୍ୱରେ ବିଶ୍ୱର ସର୍ବବୃହତ ଶକ୍ତିଶାଳୀ ରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଥିବା ବେଳେ ଅନ୍ୟ ପାର୍ଶ୍ୱରେ ଅଛନ୍ତି ୧୪୦ କୋଟି କ୍ୟାଥୋଲିକ୍ ଖ୍ରୀଷ୍ଟିୟାନଙ୍କ ସର୍ବୋଚ୍ଚ ଧର୍ମଗୁରୁ ୭୦ ବର୍ଷୀୟ ପୋପ୍ ଲିଓ ଚତୁର୍ଦ୍ଦଶ । ଆମେରିକା ଏବଂ ଇସ୍ରାଏଲର ମିଳିତ ଉଦ୍ୟମରେ ଇରାନ ଉପରେ ଚାଲିଥିବା ଯୁଦ୍ଧକୁ କେନ୍ଦ୍ର କରି ଏହି ବିବାଦ ଉପୁଜିଛି। କିଛି ମୁଷ୍ଟିମେୟ ସ୍ୱେଚ୍ଛାଚାରୀ ଶାସକଙ୍କ ଦ୍ୱାରା ଧ୍ୱଂସ ଆଡ଼କୁ ଗତି କରୁଥିବା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ସମସ୍ତଙ୍କର ଦାୟିତ୍ୱ ବୋଲି ପୋପ୍ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ପାଶ୍ଚାତ୍ୟ ଇତିହାସରେ ରାଷ୍ଟ୍ର ଏବଂ ଚର୍ଚ୍ଚ ମଧ୍ୟରେ ବିବାଦ ନୂଆ ନହେଲେ ମଧ୍ୟ ଆମେରିକାର ସେନାଧ୍ୟକ୍ଷ ଏବଂ ଜଣେ ପୋପଙ୍କ ମଧ୍ୟରେ ଏଭଳି ସର୍ବସାଧାରଣ ବାକ୍ୟୁଦ୍ଧ ଆଧୁନିକ ଯୁଗରେ ପ୍ରଥମ । ଏହାକୁ ଅଧିକ କୌତୁହଳପୂର୍ଣ୍ଣ କରୁଛି ଉଭୟଙ୍କର ଆମେରିକୀୟ ଜାତୀୟତା । ତେବେ ଟ୍ରମ୍ପଙ୍କ ବିରକ୍ତିର ଏକ ପ୍ରମୁଖ କାରଣ ହେଉଛି ପୋପ୍ ଲିଓଙ୍କ ବ୍ୟାପକ ଲୋକପ୍ରିୟତା । ଏକ ସାମ୍ପ୍ରତିକ ଏନବିସି (NBC) ନ୍ୟୁଜ୍ ସର୍ବେକ୍ଷଣ ଅନୁଯାୟୀ, ପୋପ୍ ଲିଓଙ୍କ ସପକ୍ଷରେ ୩୪ ପଏଣ୍ଟ ନେଟ୍ ସକାରାତ୍ମକ ରେଟିଂ ଥିବା ବେଳେ ଟ୍ରମ୍ପଙ୍କ ରେଟିଂ ମାଇନସ୍ ୧୨ ପଏଣ୍ଟ ରହିଛି, ଯାହା ପ୍ରମାଣିତ କରେ ଯେ ନୈତିକ ନେତୃତ୍ୱ କ୍ଷେତ୍ରରେ ପୋପ୍ ଟ୍ରମ୍ପଙ୍କ ଠାରୁ ବହୁ ଆଗରେ ଅଛନ୍ତି ।

ଏହି ବିବାଦ ଗତ ଏପ୍ରିଲ୍ ୧୨ ତାରିଖରେ ଉଗ୍ର ରୂପ ନେଇଥିଲା, ଯେତେବେଳେ ଟ୍ରମ୍ପ ତାଙ୍କ ସୋସିଆଲ୍ ମିଡିଆ ପ୍ଲାଟଫର୍ମରେ ପୋପଙ୍କ ବିରୋଧରେ ଏକ ଲମ୍ବା ତଥା ଆକ୍ରମଣାତ୍ମକ ପୋଷ୍ଟ କରିଥିଲେ । ସେ ପୋପଙ୍କୁ ଅପରାଧ ଓ ପରମାଣୁ ଅସ୍ତ୍ରଶସ୍ତ୍ର ପ୍ରସଙ୍ଗରେ ଦୁର୍ବଳ ଏବଂ ବୈଦେଶିକ ନୀତି ପାଇଁ ଭୟଙ୍କର ବୋଲି ବର୍ଣ୍ଣନା କରିଥିଲେ । ବ୍ୟକ୍ତିଗତ ଆକ୍ରମଣ ସ୍ତରକୁ ଯାଇ ଟ୍ରମ୍ପ ଦାବି କରିଥିଲେ ଯେ ରବର୍ଟ ଫ୍ରାନ୍ସିସ୍ ପ୍ରିଭୋଷ୍ଟ (ପୋପ୍ ଲିଓ)ଙ୍କ ନାମ ପୋପ୍ ହେବା ତାଲିକାରେ ଆଦୌ ନଥିଲା; ଟ୍ରମ୍ପଙ୍କ ସହ ମୁକାବିଲା କରିବା ପାଇଁ ଚର୍ଚ୍ଚ କେବଳ ଜଣେ ଆମେରିକୀୟଙ୍କୁ ଏହି ପଦରେ ବସାଇଛି । ଯଦି ସେ ହ୍ୱାଇଟ୍ ହାଉସରେ ନଥାନ୍ତେ, ତେବେ ଲିଓ ମଧ୍ୟ ଭାଟିକାନରେ ନଥାନ୍ତେ ବୋଲି ସେ ଦାବି କରିଥିଲେ । ଏହା ସହିତ ସେ ପୋପଙ୍କୁ ବାମପନ୍ଥୀଙ୍କୁ ସନ୍ତୁଷ୍ଟ କରିବା ବନ୍ଦ କରି ଜଣେ ରାଜନେତା ପରିବର୍ତ୍ତେ ଜଣେ ମହାନ ପୋପ୍ ହେବା ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ଟ୍ରମ୍ପଙ୍କ ଏହି କ୍ରୋଧର ମୂଳରେ ରହିଛି ଫେବୃଆରୀ ୨୮ରେ ଇରାନ ବିରୋଧରେ ଆରମ୍ଭ ହୋଇଥିବା 'ଅପରେସନ୍ ଏପିକ୍ ଫ୍ୟୁରୀ' । ଏହି ଯୁଦ୍ଧକୁ ନେଇ ଆମେରିକାରେ କୌଣସି ରାଜନୈତିକ ବିରୋଧ ନାହିଁ, କାରଣ କଂଗ୍ରେସରେ ରିପବ୍ଲିକାନ୍ ଦଳର ନିୟନ୍ତ୍ରଣ ଥିବା ବେଳେ ଡେମୋକ୍ରାଟମାନେ ମଧ୍ୟ ଇସ୍ରାଏଲକୁ ବିନା ସର୍ତ୍ତରେ ସମର୍ଥନ ଦେଉଛନ୍ତି । ଏହି ସୁଯୋଗରେ ଟ୍ରମ୍ପ ପ୍ରଶାସନ ଏକ ଇଚ୍ଛାକୃତ ଯୁଦ୍ଧକୁ 'ନ୍ୟାୟସଙ୍ଗତ ଯୁଦ୍ଧ' ବା ଈଶ୍ୱରୀୟ ମିଶନ୍ ଭାବରେ ପ୍ରଚାର କରିବାକୁ ପ୍ରୟାସ କରିଛି । ଯୁଦ୍ଧ ସଚିବ ପିଟ୍ ହେଗସେଥ୍ ପେଣ୍ଟାଗନ୍‌ରେ ଇଭାଞ୍ଜେଲିକାଲ୍ ଉପାସନା ଆରମ୍ଭ କରି ଏହି ଯୁଦ୍ଧକୁ ଈଶ୍ୱରଙ୍କ ଶତ୍ରୁମାନଙ୍କ ବିରୋଧରେ ଏକ ପବିତ୍ର ଯୁଦ୍ଧ ବୋଲି ଚିତ୍ରଣ କରିବା ସହ ଅତ୍ୟଧିକ ହିଂସାତ୍ମକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରାର୍ଥନା କରିଥିଲେ । କିନ୍ତୁ ବିଶ୍ୱର କୋଟି କୋଟି କ୍ୟାଥୋଲିକ୍‌ଙ୍କ ଆଧ୍ୟାତ୍ମିକ ନେତା ପୋପ୍ ଲିଓଙ୍କ ପାଇଁ ଏକ ଅନ୍ୟାୟ ଯୁଦ୍ଧ ସପକ୍ଷରେ ଯୀଶୁଙ୍କ ନାମର ବ୍ୟବହାର ଗ୍ରହଣୀୟ ନଥିଲା ।

ଯୁଦ୍ଧର ଦ୍ୱିତୀୟ ଦିନ ଅର୍ଥାତ୍ ମାର୍ଚ୍ଚ ୧ ତାରିଖରୁ ହିଁ ପୋପ୍ ଏହାକୁ ଏକ ଭୟାବହ ବିପର୍ଯ୍ୟୟ ବୋଲି ସତର୍କ କରାଇଥିଲେ । ମାର୍ଚ୍ଚରୁ ଏପ୍ରିଲ୍ ମଧ୍ୟରେ ଯୁଦ୍ଧ ତୀବ୍ର ହେବା ସହ ପୋପଙ୍କ ଆଭିମୁଖ୍ୟ ମଧ୍ୟ କଠୋର ହୋଇଥିଲା । ସାଧାରଣ ନାଗରିକଙ୍କ ମୃତ୍ୟୁରେ ଦୁଃଖ ପ୍ରକାଶରୁ ଆରମ୍ଭ କରି ସେ ସିଧାସଳଖ ନୈତିକ ନିନ୍ଦା କରିବା ଆରମ୍ଭ କରିଥିଲେ । ଟ୍ରମ୍ପ ଯେତେବେଳେ ଇରାନୀୟ ସଭ୍ୟତାକୁ ଧ୍ୱଂସ କରିଦେବାକୁ ଧମକ ଦେଲେ, ପୋପ୍ ଏହାକୁ ଅଗ୍ରହଣୀୟ ବୋଲି ସ୍ପଷ୍ଟ କରିଥିଲେ । ଏପ୍ରିଲ୍ ୧୧ ତାରିଖର ଏକ ପ୍ରାର୍ଥନା ସଭାରେ ସେ ଇରାନ ଯୁଦ୍ଧ ପାଇଁ ଦିଆଯାଉଥିବା ଧର୍ମୀୟ ଯୁକ୍ତି ବିରୋଧରେ ସ୍ୱର ଉତ୍ତୋଳନ କରି କ୍ଷମତାର ଅହଂକାରକୁ ପ୍ରତିହତ କରିବାକୁ ଆହ୍ୱାନ ଦେଇଥିଲେ । ସେ ସେହିମାନଙ୍କୁ କଡ଼ା ସମାଲୋଚନା କରିଥିଲେ ଯେଉଁମାନେ ନିଜକୁ ଏକ ଅନ୍ଧ ଏବଂ ବଧିର ଦେବତାରେ ପରିଣତ କରି ସମଗ୍ର ବିଶ୍ୱକୁ ନିଜ ଆଗରେ ମୁଣ୍ଡ ନୁଆଁଇବାକୁ ବାଧ୍ୟ କରୁଛନ୍ତି । ଏହାର ୨୪ ଘଣ୍ଟା ନପୂରୁଣୁ ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ନିଜର ଆକ୍ରୋଶମୂଳକ ପୋଷ୍ଟ କରିଥିଲେ ଏବଂ ନିଜକୁ ଯୀଶୁ ଖ୍ରୀଷ୍ଟଙ୍କ ରୂପରେ ଚିତ୍ରଣ କରୁଥିବା ଏକ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ପ୍ରସ୍ତୁତ ଫଟୋ ପୋଷ୍ଟ କରି ତୀବ୍ର ବିରୋଧ ପରେ ଡିଲିଟ୍ କରିବାକୁ ବାଧ୍ୟ ହୋଇଥିଲେ । ପୋପ୍ ସ୍ପଷ୍ଟ କରିଥିଲେ ଯେ ଯେଉଁମାନେ ବୋମା ପକାନ୍ତି, ଈଶ୍ୱର ସେମାନଙ୍କୁ ଆଶୀର୍ବାଦ କରନ୍ତି ନାହିଁ । ଟ୍ରମ୍ପ ଏହାପରେ ରକ୍ଷଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିଥିଲେ ମଧ୍ୟ ତାଙ୍କର ଦୁଇ ସହଯୋଗୀ ଜେ.ଡି. ଭ୍ୟାନ୍ସ ଏବଂ ମାଇକ୍ ଜନସନ୍ ପୋପଙ୍କୁ ସମାଲୋଚନା କରିଥିଲେ । ଭ୍ୟାନ୍ସ ପୋପଙ୍କୁ କେବଳ ନୈତିକତା ପ୍ରସଙ୍ଗରେ ସୀମିତ ରହିବାକୁ କହିଥିବା ବେଳେ ଜନସନ୍ 'ନ୍ୟାୟସଙ୍ଗତ ଯୁଦ୍ଧ ନୀତି'ର ଉଦାହରଣ ଦେଇଥିଲେ । ମାତ୍ର ଭାଟିକାନ୍ ମୁଖପାତ୍ରମାନେ ଏହାକୁ ଖଣ୍ଡନ କରି ଦର୍ଶାଇଥିଲେ ଯେ ଯୁଦ୍ଧ ମୂଳତଃ ଏକ ନୈତିକ ପ୍ରସଙ୍ଗ ଏବଂ ଇରାନଠାରୁ କୌଣସି ଆସନ୍ନ ବିପଦ ନଥିବାରୁ ଏହାକୁ ନ୍ୟାୟସଙ୍ଗତ କୁହାଯାଇପାରିବ ନାହିଁ ।

ରାଜନୈତିକ ଓ ତଥ୍ୟଗତ ଦୃଷ୍ଟିକୋଣରୁ ବିଶ୍ଳେଷଣ କଲେ ଜଣାଯାଏ ଯେ, ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପାଖେଇ ଆସୁଥିବା ବେଳେ ପୋପଙ୍କ ସହ ସର୍ବସାଧାରଣରେ ବିବାଦ ଟ୍ରମ୍ପଙ୍କ ପାଇଁ ଏକ ଅବିବେକୀ ପଦକ୍ଷେପ । ଆମେରିକାର ମୋଟ ଭୋଟରଙ୍କ ମଧ୍ୟରୁ ୨୦ ପ୍ରତିଶତ ହେଉଛନ୍ତି କ୍ୟାଥୋଲିକ୍ । ପାରମ୍ପରିକ ଭାବରେ ସେମାନଙ୍କର ଭୋଟ୍ ରିପବ୍ଲିକାନ୍ ଏବଂ ଡେମୋକ୍ରାଟ୍ ଦଳ ମଧ୍ୟରେ ସମାନ ଭାବରେ ବିଭକ୍ତ ହୋଇଥାଏ, କିନ୍ତୁ ୨୦୨୫ ମସିହାର ରାଷ୍ଟ୍ରପତି ନିର୍ବାଚନରେ ୫୫ ପ୍ରତିଶତ କ୍ୟାଥୋଲିକ୍ ଟ୍ରମ୍ପଙ୍କୁ ଭୋଟ୍ ଦେଇଥିଲେ। ବର୍ତ୍ତମାନ ସୋସିଆଲ୍ ମିଡିଆ ଏବଂ ପ୍ରଭାବଶାଳୀ କ୍ୟାଥୋଲିକ୍ ଧର୍ମଯାଜକମାନଙ୍କ ପ୍ରତିକ୍ରିୟାରୁ ସ୍ପଷ୍ଟ ଯେ ଜନସାଧାରଣଙ୍କ ସହାନୁଭୂତି ଟ୍ରମ୍ପଙ୍କ ପରିବର୍ତ୍ତେ ପୋପଙ୍କ ସପକ୍ଷରେ ରହିଛି । ନିଜର କ୍ୟାଥୋଲିକ୍ ଭୋଟ୍ ବ୍ୟାଙ୍କରେ ବିଭାଜନ ଦେଖି ଟ୍ରମ୍ପ ବାଧ୍ୟ ହୋଇ କହିଥିଲେ ଯେ ସେ ପୋପଙ୍କ ସହ ଲଢୁନାହାଁନ୍ତି । ଟ୍ରମ୍ପଙ୍କ ସହ ପୋପ୍ ଲିଓଙ୍କର ବିବାଦ ନୂଆ ନୁହେଁ; ୨୦୨୫ରେ ସେ ଟ୍ରମ୍ପଙ୍କ ପ୍ରବାସୀ ବିରୋଧୀ ପଦକ୍ଷେପକୁ 'ଅମାନବୀୟ' ଆଖ୍ୟା ଦେଇ ପ୍ରଶ୍ନ କରିଥିଲେ ଯେ ପ୍ରବାସୀଙ୍କ ପ୍ରତି ନିଷ୍ଠୁରତା ପ୍ରଦର୍ଶନ କରୁଥିବା ବ୍ୟକ୍ତି କିପରି ଜୀବନ ସମର୍ଥକ ହୋଇପାରିବ । ପ୍ରଥମ ଆମେରିକୀୟ ପୋପ୍ ଭାବରେ ଲିଓ ତାଙ୍କ ପୂର୍ବବର୍ତ୍ତୀ ପୋପ୍ ଫ୍ରାନ୍ସିସ୍‌ଙ୍କ ପରି ଆମେରିକୀୟ ବୈଦେଶିକ ଓ ପ୍ରବାସୀ ନୀତିର କଠୋର ସମାଲୋଚକ ଅଟନ୍ତି । ଦୁଇ ଦଶନ୍ଧି ଧରି ପେରୁରେ ସରକାରୀ ବାହିନୀ ଏବଂ ବାମପନ୍ଥୀ ଗରିଲା ଗୋଷ୍ଠୀ 'ଶାଇନିଂ ପାଥ୍' ମଧ୍ୟରେ ଚାଲିଥିବା ରାଜନୈତିକ ହିଂସାର ସମ୍ମୁଖୀନ ହୋଇଥିବା ପୋପ୍ ଲିଓ ଅତୀତରେ ମଧ୍ୟ ଅତ୍ୟାଚାର ବିରୋଧରେ ନିର୍ଭୀକ ଭାବେ ସ୍ୱର ଉତ୍ତୋଳନ କରିଛନ୍ତି, ଯାହା ତାଙ୍କୁ ଆଜିର ପରିସ୍ଥିତିରେ ଆମେରିକୀୟ ନୀତିକୁ ସମାଲୋଚନା କରିବାର ନୈତିକ ସାହସ ପ୍ରଦାନ କରିଛି ।

ଖ୍ରୀଷ୍ଟିୟାନ ଧର୍ମର ଶାନ୍ତିବାଦୀ ନୀତି ଐତିହାସିକ ହେଲେ ମଧ୍ୟ ପୂର୍ବର ପୋପମାନେ ଭୌଗୋଳିକ ରାଜନୀତିରେ ହସ୍ତକ୍ଷେପ କରିବାକୁ ବା ଆମେରିକାର ବିନା କାରଣରେ ସାମରିକ ଆକ୍ରମଣକୁ ସମାଲୋଚନା କରିବାକୁ କୁଣ୍ଠାବୋଧ କରୁଥିଲେ । ତେବେ ପୋପ୍ ଲିଓ ବର୍ତ୍ତମାନର ସମୟକୁ ଏକ ବିପଜ୍ଜନକ ନୈତିକ ଶୂନ୍ୟସ୍ଥାନ ଭାବରେ ଦେଖୁଛନ୍ତି । ବିଶେଷକରି ଗାଜା ନରସଂହାର ପରେ ମାନବ ଜୀବନର ମୂଲ୍ୟ ପାଇଁ ସ୍ୱର ଉତ୍ତୋଳନ କରିବାକୁ ସେ ବାଧ୍ୟ ମଣୁଛନ୍ତି । ବିଶ୍ଳେଷକମାନଙ୍କ ମତରେ, ଯୌନ ଶୋଷଣ କେଳେଙ୍କାରୀ ଯୋଗୁଁ କ୍ଷୁର୍ଣ୍ଣ ହୋଇଥିବା କ୍ୟାଥୋଲିକ୍ ଚର୍ଚ୍ଚର ନୈତିକ ଅଧିକାରକୁ ପୁନଃସ୍ଥାପିତ କରିବା ପାଇଁ ପୋପ୍ ଏହାକୁ ଏକ ସୁଯୋଗ ଭାବରେ ମଧ୍ୟ ଦେଖୁଛନ୍ତି । ସାଧାରଣତଃ ନିଜର ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ଦବାଇବା ପାଇଁ ଶୁଳ୍କ, କଟକଣା, ବୋମା ଏବଂ ସରକାର ପରିବର୍ତ୍ତନ ଭଳି ଅସ୍ତ୍ର ବ୍ୟବହାର କରୁଥିବା ଟ୍ରମ୍ପଙ୍କ ପାଇଁ ପୋପଙ୍କ ସାମ୍ନାରେ ଏହି ସବୁ ଅସ୍ତ୍ର ସମ୍ପୂର୍ଣ୍ଣ ଅକାମୀ ପ୍ରମାଣିତ ହୋଇଛି । ନିଜର ଭୟଭୀତ କରିବାର ସ୍ୱଭାବକୁ ଛାଡ଼ି ଟ୍ରମ୍ପଙ୍କୁ ବର୍ତ୍ତମାନ ଶାନ୍ତ ମନରେ ହିସାବ ନିକାଶ କରିବାକୁ ପଡୁଛି । ଏପ୍ରିଲ୍ ୧୬ ତାରିଖରେ ଏକ୍ସ (X) ପ୍ଲାଟଫର୍ମରେ ପୋପ୍ ଲିଓ ସ୍ପଷ୍ଟ ଭାବରେ ଲେଖିଥିଲେ ଯେ, ଯେଉଁମାନେ ନିଜର ସାମରିକ, ଅର୍ଥନୈତିକ ଏବଂ ରାଜନୈତିକ ଫାଇଦା ପାଇଁ ଧର୍ମ ଏବଂ ଈଶ୍ୱରଙ୍କ ନାମର ଅପବ୍ୟବହାର କରନ୍ତି ଏବଂ ପବିତ୍ରତାକୁ ଅନ୍ଧକାର ଆଡ଼କୁ ଟାଣି ନିଅନ୍ତି, ସେମାନଙ୍କ ପାଇଁ କେବଳ ଦୁର୍ଦ୍ଦଶା ଅପେକ୍ଷା କରିଛି । ଏହି ବାର୍ତ୍ତା ପ୍ରମାଣିତ କରୁଛି ଯେ ଦୁଇ ଜଣ ଆମେରିକୀୟଙ୍କ ମଧ୍ୟରେ ଚାଲିଥିବା ଏହି ସଂଘର୍ଷ କେବଳ ଦୁଇଟି ଭିନ୍ନ ପଥର ନୁହେଁ, ବରଂ ଏହା ରାଜନୈତିକ ଅହଂକାର ଏବଂ ବିଶ୍ୱ ଶାନ୍ତିର ନୈତିକ ଦାୟିତ୍ୱ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲା ।

# ଅନୁକୂଳର ଦିନ ପବିତ୍ର ଅକ୍ଷୟ ତୃତୀୟା



**ଦଶରଥ ହେମ୍ବ୍ରମ୍**



ଜଗତରନାଥ ଶ୍ରୀଜଗନ୍ନାଥ ହେଉଛନ୍ତ ଓଡ଼ିଶାର ଇଷ୍ଟଦେବତା, ଓଡ଼ିଆ ଜାତିର ସର୍ବସ୍ୱ। ତାଙ୍କ ବିନା ଓଡ଼ିଆର କୌଣସି ପରିଚୟ ନାହିଁ କହିଲେ ହୁଏତ ଭୁଲ ହେବନାହିଁ। ତାଙ୍କୁ ଆଧାର କରି ଅନେକ କିଛି ପର୍ବ ଆମ ଓଡ଼ିଶାରେ ଅନୁଷ୍ଠିତ ହୁଏ। ଆଉ କିଛି ପର୍ବ ହେଉଛି କୃଷିଭିତ୍ତିକ। କୁହାଯାଏ, ପର୍ବ ପାଇଁ ଓଡ଼ିଶା ଗର୍ବିତ, ବାର ମାସରେ ତେର ପର୍ବ। ବର୍ଷ ଆରମ୍ଭରୁ ଆଦ୍ୟମାସରେ ପର୍ବ ପାଳନ ହୁଏ ଅନୁକୂଳର ପବିତ୍ର ତିଥି ଆକ୍ଷୟ ତୃତୀୟା। ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟାରେ ଏହି ପର୍ବ ପାଳନ ହୁଏ। ଗରିବ ହୁଅନ୍ତୁ ବା ଧନୀ ଏହି ଦିନ ଶୁଭତିଥି ମନେକରି ଗୃହନିର୍ମାଣ, ନିର୍ବନ୍ଧ, ବିବାହ, ଉପନୟନ ପ୍ରଭୃତି କାର୍ଯ୍ୟ ଆରମ୍ଭ କରିଥା' ଏବଂ ସେଥିରେ ସୁଫଳ ପ୍ରାପ୍ତ ହୁଏ ବୋଲି ସମସ୍ତଙ୍କ ବିଶ୍ୱାସ। ସ୍ନାନ, ଜପ, ତପସ୍ୟା, ଯଜ୍ଞ, ଆତ୍ମଅଧ୍ୟୟନ ଏବଂ ଦାନ ଇତ୍ୟାଦି ଏହିଦିନରେ କରିଲେ ଶ୍ରେଷ୍ଠ ଫଳ ମିଳିଥାଏ ବୋଲି ଧାରଣା ରହିଛି। ଆହୁରି ବିଶ୍ୱାସ କରାଯାଏ, ଏହି ଦିନ ପୂଜା କଲେ ମା' ଲକ୍ଷ୍ମୀଙ୍କ ଆଶୀର୍ବାଦ ମିଳିବା ସହ ସୁଖ, ସମୃଦ୍ଧି ଓ ମହିମା ଆଜୀବନ ରହିଥାଏ। ପବିତ୍ର ଅକ୍ଷୟ ତୃତୀୟାକୁ ମା' ଲକ୍ଷ୍ମୀଙ୍କ ଦିନ କୁହାଯାଏ। ସୁନାକୁ ଦେବୀ ଲକ୍ଷ୍ମୀଙ୍କ ପ୍ରତୀକ ରୂପରେ ବିବେଚନା କରାଯାଏ। ଏଥିପାଇଁ ଏହି ଦିନରେ ଲୋକମାନେ ସୁନା ଗହଣା କିଣିବାକୁ ପସନ୍ଦ କରିଥାନ୍ତି, ଏହା ଦ୍ୱାରା ଘରେ ଧନ, ସମୃଦ୍ଧି ଏବଂ ସକାରାତ୍ମକ ଶକ୍ତି ପ୍ରବେଶ ହେବାର ସଙ୍କେତ ମିଳିଥାଏ। ବିଶ୍ୱାସ କରାଯାଏ, ପବିତ୍ର ଅକ୍ଷୟ ତୃତୀୟାରେ କିଣାଯାଇଥିବା ସୁନା କେବେ ବି ମୂଲ୍ୟ ହ୍ରାସ କରେ ନାହିଁ ବରଂ ଏହା ବୃଦ୍ଧି ପାଇଥାଏ, ଯାହା ସମୟ ସହିତ ଶୁଭ ଫଳ ଆଣିଥାଏ। ତେଣୁ ସୁନା, ଅଳଙ୍କାର କିମ୍ବା ଧାତୁ ବାସନ ଏହିଦିନରେ କିଣିବା ଅତ୍ୟ' ଶୁଭପ୍ରଦ ହୋଇଥାଏ। ଏହା ବ୍ୟତୀତ, ଅକ୍ଷୟ ତୃତୀୟାକୁ 'ଅବୁଝ ମୁହୂର୍ତ୍ତ' ଭାବେ ଜଣାଯାଏ, ଅର୍ଥାତ୍ ଏହି ଦିନ ବିବାହ ଭଳି କୌଣସି ଶୁଭ ସମୟ ଖୋଜିବାର ଆବଶ୍ୟକତା ନାହିଁ। ମାନ୍ୟତା ଅଛି, ଏହି ଦିନ ସମସ୍ତଙ୍କ ଜୀବନରେ ଉତ୍ତମ ଭାଗ୍ୟ ଏବଂ ସଫଳତା ଆଣିଥାଏ। ଏଥିପାଇଁ ଲୋକମାନେ ଜମି ସମ୍ବନ୍ଧୀୟ କାର୍ଯ୍ୟ, ସେୟାର ମାର୍କେଟରେ ନିବେଶ ଏବଂ ନୂତନ ବ୍ୟବସାୟ ଆରମ୍ଭ କରିବା ପାଇଁ ଇଚ୍ଛାପ୍ରକଟ କରିଥାନ୍ତି। ନାମକରଣ ଅନୁଯାୟୀ, ଏହି ଦିନର ମହତ୍ତ୍ୱ ହେଲା ମନୁଷ୍ୟ ସମାଜରେ ସୁଖ, ସମୃଦ୍ଧିର ଆରମ୍ଭ ହେଉ କିନ୍ତୁ ତାହା ଅକ୍ଷୟ ରହୁ।

ଓଡ଼ିଶା ହେଉଛି କୃଷିପ୍ରଧାନ ରାଜ୍ୟ। କୃଷି ହେଉଛି କୃଷକର ପରିଚୟ ଓ ଜୀବନ-ଜୀବିକା, ଯାହା କୃଷକର ଅସ୍ମିତା ମଧ୍ୟ କହିପାରିବା। ଏହି ଦିନରେ ମାଟି ମାଆଙ୍କୁ ପୂଜାକରି କୃଷକମାନେ କ୍ଷେତରେ ଅଖିମୁଠି ଅନୁକୂଳ କରି କୃଷିକାର୍ଯ୍ୟର ଶୁଭାରମ୍ଭ କରିଥାନ୍ତି। ଚାଷୀ ନିଜ ଧର୍ମପତ୍ନୀଠାରୁ ହଳଦୀ, ଚନ୍ଦନ, ସିନ୍ଦୂର ବୋଳା ଧାନ ବିହନପୂର୍ଣ୍ଣ ନୂଆ ଗଉଣିକୁ ଶଙ୍ଖ ହୁଳହୁଳି ମଧ୍ୟରେ ମୁଣ୍ଡରେ ଥୋଇ ଏବଂ ଅନ୍ୟ ଏକ ନୂତନ ଟୋକେଇରେ ପିଠା ନେଇ ହଳଲଙ୍ଗଳ ଧରି କ୍ଷେତକୁ ଯାଏ। ସେଠାରେ ମାଆ ବିଶ୍ୱଧାତ୍ରୀ ପୃଥିବୀ ଏବଂ ମା' ମହାଲକ୍ଷ୍ମୀ ବା ଅନ୍ନପୂର୍ଣ୍ଣା ତଥା ଅନ୍ୟ ଦେବଗଣଙ୍କ ଉଦ୍ଦେଶ୍ୟରେ ଜମିର ଐଶାନ୍ୟ କୋଣ ବା ଉତ୍ତର-ପୂର୍ବ କୋଣରେ ଭୋଗ ଗୁଡ଼ିକୁ ସମର୍ପଣ କରାଯାଏ। ପରେ ଏକ ଗାତ ଖୋଳି ପୋତି ଦିଆଯାଏ ଏବଂ ଚାଷୀଟି ଏହି ଅମୃତବେଳାରେ ପ୍ରଥମେ ତାଙ୍କର କ୍ଷେତରେ ହଳ ବୁଲାଇଥାଏ ଏବଂ ମୁଠାମୁଠା ବିହନ କିଆରୀରେ ବୁଣେ। ଏହାକୁ ଅକ୍ଷିମୁଠି କହନ୍ତି। ଏଥିସହ ଧରିତ୍ରୀ ମାତା ଓ ଭୂମିଜାଙ୍କର ଆର୍ଶୀବାଦ ଭିକ୍ଷା ମଧ୍ୟ କରିଥା'ନ୍ତି। ବିଶ୍ୱାସ ରହିଛି, ଏହିଦିନ ଯିଏ ଅଖିମୁଠି ଅନୁକୂଳ କରି ଧାନକ୍ଷେତରେ ଚାଷ କରିଥାନ୍ତି ବର୍ଷସାରା ତାଙ୍କର ଧନସମ୍ପଦର ଅଭାବ ରହେନାହିଁ ଏବଂ ଧାନ ପ୍ରଚୁର ପରିମାଣରେ ଫଳିଥାଏ। ସଧବା ସ୍ତ୍ରୀମାନେ ଏହି ଦିନରେ 'ଷଠିଦେବୀ'ଙ୍କ ପୂଜା କରନ୍ତି।

ଶ୍ରୀଜୀଉମାନଙ୍କର ରଥଯାତ୍ରା ପାଇଁ ଏହି ପବିତ୍ର ଦିନରେ ରଥକାଠର ଅନୁକୂଳ ହୋଇଥାଏ। ମହାପ୍ରଭୁଙ୍କୁ ରଥରେ ବୁଲାଇ ନେବା ପାଇଁ ବସନ୍ତ ପଞ୍ଚମୀରେ ଯେଉଁ ରଥକାଠ ଅନୁକୂଳ ହୋଇଥାଏ, ଶ୍ରୀରାମ ନବମୀରେ ଯେଉଁ ରଥକାଠ ଚିରା ଯାଇଥାଏ ଏବଂ ସେଥିରେ ପବିତ୍ର ଅକ୍ଷୟ ତୃତୀୟା ଦିନ ରଥ ନିର୍ମାଣର ଶୁଭାରମ୍ଭ ସମ୍ପନ୍ନ ହୁଏ। ଶ୍ରୀଜଗନ୍ନାଥ ସଂସ୍କୃତି ବା ଧାର୍ମିକ ପରମ୍ପରା ଅନୁସାରେ, ଏହି ଦିନ ଓଡ଼ିଆଙ୍କ ଇଷ୍ଟଦେବ ଶ୍ରୀଜଗନ୍ନାଥଙ୍କ ୪୨ ଦିନ ବ୍ୟାପି ଚାଲିବାକୁ ଥିବା ଚନ୍ଦନ ଯାତ୍ରାର ଶୁଭାରମ୍ଭ ହୁଏ। ଏହି ଦିନଠାରୁ ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ପର୍ଯ୍ୟନ୍ତ ୨୧ଦିନ ନରେନ୍ଦ୍ର ପୁଷ୍କରଣୀରେ ବାହାର ଚନ୍ଦନଯାତ୍ରା ରୂପେ ଓ ପରବର୍ତ୍ତୀ ୨୧ଦିନ (ଜ୍ୟୈଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ) ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଭିତର ଚନ୍ଦନ ରୂପେ ପାଳିତ ହୋଇଥାଏ। ଶାସ୍ତ୍ର ଅନୁସାରେ, ଏହି ପବିତ୍ର ଅକ୍ଷୟ ତୃତୀୟା ଦିନରେ ମର୍ତ୍ତ୍ୟପୃଷ୍ଠରେ ପତିତପାବନୀ ଗଙ୍ଗାଙ୍କର ଆବିର୍ଭାବ ହୋଇଥିଲା। ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ଏହିଦିନ ଅକ୍ଷୟ ପାତ୍ର ପ୍ରଦାନ କରିଥିଲେ, ଯେଉଁ ଅକ୍ଷୟ ପାତ୍ର ଦ୍ୱାରା ସେ ମୁନି ଦୁର୍ବାସା ଏବଂ ତାଙ୍କର ସମସ୍ତ ଶିଷ୍ୟମାନଙ୍କୁ ଆତିଥ୍ୟ ପ୍ରଦାନ କରିଥିଲେ। ଆହୁରି କୁହାଯାଏ, ଏହିଦିନ ସୁଦାମା ନିଜର ବାଲ୍ୟବନ୍ଧୁ ଶ୍ରୀକୃଷ୍ଣଙ୍କୁ ଦ୍ୱାରକାରେ ଭେଟିଥିଲେ ଏବଂ ଅମାପ ଧନସମ୍ପତ୍ତିର ଅଧିକାରୀ ହୋଇଥିଲେ। ପରଂବ୍ରହ୍ମଙ୍କର ଷଷ୍ଠ ଅବତାର ପର୍ଶୁରାମଙ୍କର ମର୍ତ୍ତ୍ୟମଣ୍ଡଳରେ ଆବିର୍ଭାବ ହୋଇଥିଲା। ଏହି କାରଣରୁ ଅକ୍ଷୟ ତୃତୀୟା ଦିନ ଭଗବାନ ବିଷ୍ଣୁଙ୍କ ଉପାସନା କରିବା ସହିତ ଭଗବାନ ପର୍ଶୁରାମଙ୍କ ପୂଜା କରିବାର ବିଧି ରହିଛି। ଏହି ଦିନରେ ସତ୍ୟ ଯୁଗ ଓ ତ୍ରେତୟା ଯୁଗର ଆରମ୍ଭ ହୋଇଥିଲା ଏବଂ ମୁନୀ ବେଦବ୍ୟାସଙ୍କ ତତ୍ତ୍ୱାବଧାନରେ ଗଜାନନ ଶ୍ରୀଗଣେଶ ଭାରତର ମହାନଗାଥା ତଥା 'ମହାଭାରତ'ର ଲେଖା ଶୁଭାରମ୍ଭ କରିଥିଲେ। ମହାକବି ଜୟଦେବ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଗୀତଗୋବିନ୍ଦ ରଚନା ମଧ୍ୟ ଏହିଦିନ ଆରମ୍ଭ କରିଥିଲେ। ବଦ୍ରିନାଥ ଧାମ, ଗଙ୍ଗୋତ୍ରୀ ଓ ଯମୁନୋତ୍ରୀ ମନ୍ଦିର ବର୍ଷକରେ ଥରଟିଏ ଖୋଲାଯିବାର ବିଧାନ ରହିଛି। ସବୁଠାରୁ ମାହାତ୍ମ୍ୟ କଥା ହେଲା, ଦିବଙ୍ଗତ ଆତ୍ମାଙ୍କୁ ସମ୍ମାନ ଜଣାଇବା ପାଇଁ ଏହିଦିନ ପୂଜା କରାଯାଏ। ତେଣୁ ଏହା ମୃତ ପ୍ରିୟଜନଙ୍କ ପାଇଁ ସ୍ମରଣର ଦିନ ମଧ୍ୟ କୁହାଯାଏ। ଏହିଭଳି ଭାବେ ଅନେକ କିମ୍ବଦନ୍ତୀ ସହିତ ଜଡ଼ିତ ଅକ୍ଷୟ ତୃତୀୟା ଦିନଟିର ମାହାତ୍ମ୍ୟ ଅନେକ ବଢ଼ିଯାଇଛି, ଯାହା ମଣିଷର ସୁଖ, ଶାନ୍ତି, ସମୃଦ୍ଧି ଲାଭ ପାଇଁ ଏହି ଦିନ ଭଗବାନ ତଥା ପରଂବ୍ରହ୍ମଙ୍କୁ ପ୍ରାର୍ଥନା କରାଯାଏ।

ବାଲେଶ୍ୱର
ମୋ-୯୩୩୭୪୦୪୨୫୪

# ଧନ୍ୟବାଦ ପାଇଁ ହକଦାର ନବରଙ୍ଗପୁର ଜିଲ୍ଲାର ଝରିଗା ବ୍ଲକ ବାସିନ୍ଦା



**ସୁବ୍ରତ କର**

ଆମ ସରକାର ଯାହା କରି ନ ପାରିଲେ ନବରଙ୍ଗପୁର ଜିଲ୍ଲାର ଝରିଗା ବ୍ଲକର ବାସିନ୍ଦା କରିବା ପାଇଁ ଆଗଭର ହୋଇଛନ୍ତି । ଏହି ବ୍ଲକର ବରଙ୍ଗିଭଟ୍ଟା ଗାଁର ଗ୍ରାମରେ ପ୍ରାୟ ୯୧ଟି ପରିବାର ରହୁଛନ୍ତି। ସେହି ଗାଁର ମୁଖିଆ ମାନେ ଏକତ୍ରିତ ହୋଇ ଠିକ୍ କରିଛନ୍ତି ମଦ ବିକିଲେ ଜୋରିମାନା, ପିଇଲେ ଗାଁରୁ ବାସନ୍ଦ ହେବେ। ସେମାନେ ଠିକ୍ କରିଛନ୍ତି ସେମାନଙ୍କ ଗାଁରେ ମଦ ବିକ୍ରି ନିଷେଧ । ସେମାନେ ସେମାନଙ୍କର ମତାମତ ମଦ ବିକ୍ରି ଏବଂ ପିଇବା ଉପରେ ଝରିଗା ଥାନାରେ ପେଠ କରିଛନ୍ତି । ସେମାନେ କେତେକ ସୁନ୍ଦର ପ୍ରସ୍ତାବ ସହିତ ଥାନାରେ ଲିଖିତ ଆକାରରେ ଦେଇଛନ୍ତି ଏବଂ ସେମାନେ ସେଠାକାର ଥାନାବାବୁମାନଙ୍କର ସାହାଯ୍ୟ ଚାହିଁଛନ୍ତି ଗାଁକୁ ସମ୍ପୂର୍ଣ୍ଣ ଭାବରେ ମଦମୁକ୍ତ କରିବା ପାଇଁ । ସେହି ପ୍ରସ୍ତାବ ଗୁଡ଼ିକ ହେଲା ଗାଁ ବୈଠକରେ ସମସ୍ତ ୯୧ ପରିବାରର ଲୋକଙ୍କୁ ଡକା ଯାଇଥିଲା, କିନ୍ତୁ ତନ୍ମଧ୍ୟରୁ ମଦ ବିକ୍ରି କରୁଥିବା ୮ଟି ପରିବାର ତରଫରୁ କେହି ବି ଆସି ନଥିଲେ । ଏହାକୁ ଅଣଦେଖା କରି ଗ୍ରାମବାସୀ ମାନେ ଠିକ୍ କରିଲେ ଯେଉଁ ଦୋକାନୀ ମଦ ବିକ୍ରି କରିବ ତାକୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ସହ ଗାଁରୁ ବହିଷ୍କାର କରାଯିବ । ସେହିପରି ଅନ୍ୟ ସ୍ଥାନକୁ ଯାଇ କେହି ବ୍ୟକ୍ତି ମଦ ପିଇ ଗାଁକୁ ଆସିଲେ ଚିହ୍ନଟ ପରେ ସେହି ବ୍ୟକ୍ତି ବିଶେଷକୁ ୫ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ। ଏହା ସହିତ ତାଙ୍କୁ ଗାଁରୁ ବହିଷ୍କାର କରାଯିବ । ଭବିଷ୍ୟତରେ ଏହାକୁ କଠୋର ଭାବେ ପାଳନ କରିବା ପାଇଁ ଗାଁର ମୁଖିଆମାନେ ଥାନା ବାବୁଙ୍କୁ ଲିଖିତ ଆକାରରେ ଜଣାଇଛନ୍ତି। ସେହି ବ୍ଲକରେ ସରକାରୀ ପଞ୍ଜିକଠୁ ଗୋଟିଏ ଠିପି ଖୋଲା ବିଦେଶୀ ମଦ ଦୋକାନ (ବାର୍) ରହିଛି ଏବଂ ଏହାଛଡ଼ା ଆଉ ଗୋଟାଏ ଲାଇସେନ୍ସ ଠିପିବନ୍ଦ ମଦ ଦୋକାନ ଅଛି । ଏହି ଦୁଇଟି ଲାଇସେନ୍ସ ପ୍ରାପ୍ତ ମଦ ଦୋକାନକୁ ମଦ ରିତିମତ ମଦ ବିକ୍ରି ଚାଲିଛି । ଏମାନଙ୍କୁ ଛାଡ଼ିଦେଲେ କିଛି ଗରିବ ପରିବାରର ଲୋକମାନେ ଦେଶୀମଦ ବିକ୍ରି କରୁଥିବାରୁ ସେମାନେ ଧରି ଅବକାରୀ ବିଭାଗ କୋର୍ଟ ଚାଲାଣ କରୁଛି । ଝରିଗାଁ ବାସିନ୍ଦା ଯାହା କରିବାକୁ ଯାଇଛନ୍ତି ଯଦି ସଫଳ ହୁଅନ୍ତି ତେବେ ସେମାନେ ନିଶା ନିବାରଣ କ୍ଷେତ୍ରରେ ନୂଆ ଇତିହାସ ସୃଷ୍ଟି କରିବେ କିନ୍ତୁ ଆମ ସରକାର ଏହି କାର୍ଯ୍ୟ କରିବା ପାଇଁ ସାହାଯ୍ୟର ହାତ ବଢ଼ାଇ ପାରିବେ କି ? ସରକାର ବାହାଦୂରଙ୍କୁ ମାନିବାକୁ ପଡ଼ିବ ଏପଟେ ଲୋକଙ୍କୁ ବୋକା ବନେଇ କହିଲେ ଆଉ ନୂଆ ମଦ ଦୋକାନ ସାରା ଓଡ଼ିଶାରେ ଖୋଲା ହବ ନାହିଁ କିନ୍ତୁ ମଦ ସମୁଦ୍ର ବିଚ୍‌ରେ (ପୁରୀଛଡ଼ା) ମଦ କୁଡ଼ିଆ ଖୋଲି ଅର୍ଦ୍ଧ ସରକାରୀ ସଂସ୍ଥା (ଓ.ଟି.ଡି.ସି) ମାଧ୍ୟମରେ ବିକ୍ରି କରାହେବ । ମାନିବାକୁ ପଡ଼ିବ ସରକାରଙ୍କୁ କାରଣ ତାଙ୍କର ଗୋଟାଏ ଲକ୍ଷ ୭୦୦୦-୮୦୦୦ କୋଟି ଟଙ୍କାକୁ ହରାଇବାର ନାହିଁ । ରାଜ୍ୟରେ ଯାହା ହେଉଛି ହେଉ ।

# ଗୃହ ଦୁଇଭାଗ: ସରକାରଙ୍କ ପାଇଁ ଏକ ଶିକ୍ଷା



**ସୌଭାଗ୍ୟ ରଂଜନ ମହାନ୍ତି**

ମହିଳାଙ୍କ ପାଇଁ ୩୩ଭାଗ ସ୍ଥାନ ସଂରକ୍ଷଣ କାର୍ଯ୍ୟକାରୀ କରିବାକୁ ପାର୍ଲିଆମେଂଟ ସ୍ୱତନ୍ତ୍ର ଅଧିବେଶନରେ ଆଗତ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ଦୁଇ ତୃତୀୟାଂଶ ସମର୍ଥନ ଅଭାବର ଲୋକସଭାରେ କାଟ ଖାଇଯିବା ପରେ ଏବେ ମୃତ ପ୍ରାୟ ସମ୍ବିଧାନ ସଂଶୋଧନ ବିଲଟି କାଟ୍ ଖାଇଯିବା ପରେ ବି ୨୦୨୩ରେ ପାର୍ଲିଆମେଂଟରେ ପ୍ରଣୀତ ମହିଳା ସଂରକ୍ଷଣ ବା ନାରୀ ଶକ୍ତି ବନ୍ଦନ ଅଧିନିୟମ ଆଇନକୁ ସେହିଦିନ ମଧ୍ୟରାତ୍ରିରୁ ସରକାର ଏକ ବିଜ୍ଞପ୍ତି ଜାରି କରି ଲାଗୁ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ସତୁରୀ ଦଶକରୁ ଅପରିବର୍ତିତ ବା ସ୍ଥିର ହୋଇ ରହିଥିବା ଲୋକସଭା ଓ ରାଜ୍ୟ ବିଧାନସଭା ଗୁଡିକରେ ଆସନ ସଂଖ୍ୟାକୁ ମହିଳା ସଂରକ୍ଷଣ ଆଇନ ସହ ଯୋଡି ନିର୍ବାଚନ ମଣ୍ଡଳୀଗୁଡିକରେ ପୁନଃ ସୀମା ନିର୍ଦ୍ଧାରଣ ପାଇଁ କେନ୍ଦ୍ର ସରକାର ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ସ୍ୱତନ୍ତ୍ର ଅଧିବେଶନରେ ଉପସ୍ଥାପିତ କରିଥିଲେ। ଲୋକସଭାର ଆସନ ସଂଖ୍ୟା ୮୫୦କୁ ବୃଦ୍ଧି ସହ ସୀମା ନିର୍ଦ୍ଧାରଣ ଓ ୨୦୨୯ ସାଧାରଣ ନିର୍ବାଚନରେ ଲାଗୁ କରିବା ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଆସନ ସଂଖ୍ୟା ବୃଦ୍ଧି ୨୦୧୧ ଜନଗଣନା ରିପୋର୍ଟ ଆଧାରରେ ହେବାକୁ ଲକ୍ଷ୍ୟ ଥିଲା। ଏଥିପାଇଁ ଗୃହରେ ଉପସ୍ଥିତ ସଦସ୍ୟଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ ଥିଲା। ସମ୍ବିଧାନ ସଂଶୋଧନ ବିଲ୍ ଉପରେ ଭୋଟିଂ ବେଳେ ଗୃହରେ ଉପସ୍ଥିତ ଥିବା ବୋଟ ୫୨୮ ଜଣ ସଦସ୍ୟଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ତଥା ୩୫୨ ଜଣଙ୍କ ସମର୍ଥନ ଆବଶ୍ୟକ ଥିବାବେଳେ ସପକ୍ଷରେ ୨୯୮ ଏବଂ ବିପକ୍ଷରେ ୨୩୦ ଭୋଟ ମିଳିଥିଲା। ୨୦୨୩ରେ ମହିଳା ସଂରକ୍ଷଣ ବିଲ ପ୍ରତି ସବୁଦଳର ସମର୍ଥନ ମିଳିଥିବାବେଳେ ୨୦୨୬ ସମ୍ବିଧାନ ସଂଶୋଧନ ବିଲ୍ ନେଇ ଗୃହ ଦୁଇ ଭାଗ ହୋଇଯାଇଥିଲା। ଶାସକ ମେଂଟର ସଦସ୍ୟମାନେ ବିଲକୁ ସମର୍ଥନ କରିଥିବାବେଳେ ବିଲକୁ ବିରୋଧି ମେଂଟର ସଦସ୍ୟମାନେ ବିରୋଧ କରିଥିଲେ। ଯାହାର ପରିଣତି ସ୍ୱରୂପ ଗତ ୧୨ବର୍ଷ ମଧ୍ୟରେ ମୋଦୀ ସରକାର ପ୍ରଥମ ଥର ପାଇଁ ପରାଜୟର ସମ୍ମୁଖୀନ ହୋଇଛନ୍ତି। ଅତୀତରେ ୩୭୦ ଧାରା ଠାରୁ ଉଚ୍ଛେଦ କରି ରାମ ମନ୍ଦିର ନିର୍ମାଣ ଏବଂ ତିନି ତଲାକ ଠାରୁ ଆରମ୍ଭ କରି ଅପରେସନ ସିନ୍ଦୂର ପର୍ଯ୍ୟନ୍ତ ବିରୋଧି ଦଳର ବିରୋଧ ସତ୍ତ୍ୱେ ଗୃହରେ ଅନୁମୋଦନ ଲାଭ କରିଥିଲେ। ଗୃହ ଭିତରେ ସରକାର କେବେ ଅପଦସ୍ଥ ହୋଇନଥିଲେ। ମହିଳା ସଂରକ୍ଷଣ ସହ ସୀମା ନିର୍ଦ୍ଧାରଣକୁ ଯୋଡିବାର ଉଦ୍ଦେଶ୍ୟ କ'ଣ ଏବଂ ସରକାର ଅତ୍ୟନ୍ତ ତରବରିଆ ଭାବେ ବିରୋଧି ଦଳ ସହ ଆଲୋଚନା ନକରି ପାର୍ଲିଆମେଂଟର ସ୍ୱତନ୍ତ୍ର ଅଧିବେଶନ ବିଲ୍ ଆଗତ କରିବାର ଭିତିର ରହସ୍ୟ କ'ଣ ନେଇ ବିରୋଧିଦଳ ପ୍ରଶ୍ନ କରିବା ସ୍ୱାଭାବିକ। ସେହିପରି ୨୦୧୧ ଜନଗଣନା କାହିଁକି ଏବେ ଚାଲିଥିବା ଜନଗଣନା ପରେ ସୀମା ପୁନଃ ନିର୍ଦ୍ଧାରଣ କରାଯାଇପାରିଥାନ୍ତା। ବିଲ୍ ପଛରେ ରହସ୍ୟର ସତ୍ୟ, ଜାଣିବା ପାଇଁ ବିଲ୍‌ର ଉଦ୍ଦେଶ୍ୟ ନେଇ ସନ୍ଦେହ, ଯାହାକି ବିରୋଧି ଦଳକୁ ଏକଜୁଟ ରଖିଥିଲା। କେବଳ ଏତିକି ନୁହେଁ, ବିଲ ଉପରେ ସରଗରମ ଆଲୋଚନା ସ୍ୱତନ୍ତ୍ର ଅଧିବେଶନକୁ ଏକ ପ୍ରକାର ପ୍ରହସନରେ ପରିଣତ କରିଦେଇଥିଲା ବୋଲି କହିଲେ ହୁଏତ ଅତିରଂଜିତ ହୋଇନପାରେ। ଲୋକସଭାରେ ବିଲଟି ଅଗ୍ରାହ୍ୟ ହେବା ପରେ ଶାସକ ମେଂଟ କଂଗ୍ରେସ ସମେତ ବିରୋଧି ଦଳଗୁଡିକୁ ମହିଳା ବିରୋଧି କରିଥିବାବେଳେ ବିରୋଧି ଦଳ ଲୋକସଭାର ବର୍ତ୍ତମାନର ସଂଖ୍ୟା ୫୪୩ ଉପରେ ମହିଳାଙ୍କ ପାଇଁ ଏକ ତୃତୀୟାଂଶ ଆସନ ସଂରକ୍ଷଣ ଆଇନ ୨୦୨୯ ନିର୍ବାଚନରେ ଲାଗୁ କରିବାକୁ ଦାବି କରିଛି। ସେମାନେ ମହିଳାଙ୍କ ପାଇଁ ୩୩ଭାଗ ସଂରକ୍ଷଣକୁ ବିରୋଧ କରନ୍ତି ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଏହା ନିସନ୍ଦେହ ଯେ, ମହିଳା ସଂରକ୍ଷଣ ଆଇନ କାର୍ଯ୍ୟକାରୀ ସହ ସୀମା ପୁନଃ ନିର୍ଦ୍ଧାରଣ ନେଇ ୧୩୧ତମ ସଂଶୋଧନକୁ ନେଇ ସଂସଦରେ ଚାଲିଥିବା ଲଢେଇ ଏବେ ଶେଷ ହୋଇଛି। ଏହି ପରାଜୟରୁ ସରକାର କିଛି ଶିକ୍ଷା କରିବା ଉଚିତ୍। ଅନ୍ୟ ପକ୍ଷରେ ବିରୋଧି ଦଳ ମହିଳା ସଂରକ୍ଷଣ ଆଇନ କାର୍ଯ୍ୟକାରୀତା ନେଇ ଏହାର ଅସମାପ୍ତ ଚ୍ୟାଲେଞ୍ଜ ପ୍ରତି ସଜାଗ ରହିବା ଆବଶ୍ୟକ। ଦେଶରେ ପଂଚାୟତ ରାଜ୍ୟ ସଂସ୍ଥାରେ ମହିଳାଙ୍କ ପାଇଁ ୩୩ପ୍ରତିଶତ ରୁ ୫୦ ପ୍ରତିଶତ ସଂରକ୍ଷଣ କାର୍ଯ୍ୟକାରୀ ହୋଇଥିବାବେଳେ ଲୋକସଭା ଓ ବିଧାନସଭାରେ ଏକ ତୃତୀୟ ସଂରକ୍ଷଣ ଆଇନ ଲାଗୁ ହୋଇଥିବା ସମୟରେ ୨୦୨୬-୨୭ ଜନଗଣନା ରିପୋର୍ଟ ଆଧାରରେ ୧୩୧ତମ ସଂଶୋଧନ ବିଲ୍ ସହ ସୀମା ପୁନଃ ନିର୍ଦ୍ଧାରଣ ଆଇନକୁ ସହମତି ଭିତିରେ ସଂସଦରେ ଗୃହୀତ କରାଇ ୨୦୨୯ ନିର୍ବାଚନରେ ଲାଗୁ କରିବାପାଇଁ ସରକାର ଯତ୍ନବାନ ହେବେ ବୋଲି ଆମର ଆଶା।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ:୯୪୩୭୯୯୪୩୭୯

କବିତା କୋଣାର୍କ

## ମଧ୍ୟପ୍ରାଚ୍ୟ ଯୁଦ୍ଧ

**ପ୍ର. ଗିରିଜା ଶଂକର ଶର୍ମା**

ବର୍ବରତାର ପ୍ରାଚୀର ଡେଇଁ
ଯୁଦ୍ଧ ଚାଲିଛି ଯେ ଚାଲିଛି ।
ମିସାଇଲ୍ ପରେ ମିସାଇଲ୍
ଆକାଶ ଭର୍ତ୍ତି ମିଶାଇଲ୍
ରାତିର ଅନ୍ଧାର ଚିରି, ଦିନର ଆଲୁଅରେ
ଆଖି ଝଲସାଇ ଆକାଶରୁ ଖସୁଛି ତଳକୁ ।
ଭୂଇଁରେ ପ୍ରଚଣ୍ଡ ଶବ୍ଦ, ବିସ୍ଫୋରଣରେ ଉଡ଼ିଯାଇଛି
ମାଟିଘର ଦ୍ୱାରା କାନକୁ ବଧିର କରି
ଥରେଇ ଦେଇଛି ମାଟି ଓ ଆକାଶ ।

କେଉଁଠି ଉଡ଼ନ୍ତା ହାତ, କେଉଁଠି ମଣିଷର
ରକ୍ତ ଓ ମାଂସ,
କେଉଁଠି ମଣିଷର କବଳ ଛିଟିକି ପଡୁଛି
ଆକାଶରୁ

ଭଂଗା ଘରର ପାହାଡ଼ ଭଗ୍ନ ସ୍ତୁପ ପରି ।
କଡ଼, କାଡ଼, ମଡ଼, ମାଡ଼ ଘର ଗଛ ବୃକ୍ଷ ଭାଂଗିବାର
ଶବ୍ଦ, ଆକାଶ ଉପରେ ମଥା ଟେକି ରହିଥିବା
ଉଚ୍ଚ ଅଟ୍ଟାଳିକା, ମିଶାଇଲ ମାଡ଼ରେ ଧୂଳିସାତ୍ ।
କେଉଁଠି ସ୍କୁଲ ଉପରେ ବୋମାମାଡ଼ ।
ଶହ ଶହ ନିରୀହ ଛାତ୍ରଙ୍କ ଲାଶ୍ ବିଛେଇ ପଡ଼ିଛି
ଭଂଗା ସ୍କୁଲର ଭଗ୍ନାବଶେଷରେ ।

ସବୁଆଡ଼େ ହାହାକାର ଯୁଦ୍ଧର ଘନଘଟା
ନିରୀହ ଲୋକଙ୍କ କାନ୍ଦଣା, ବୁକୁଫଟା ଚିତ୍କାର
କାହାର ସ୍ୱାମୀ, କାହାର ପୁତ୍ର କାହାର ଅତିପ୍ରିୟତମ
ଆଉ ନାହାନ୍ତି ଏହି ଦୁନିଆରେ,
ଆଖି ଆଗରେ ସୀମାହୀନ ଅଂଧକାର,
ବାହୁନି ବାହୁନି କାନ୍ଦିଲେ ବି,
ତଣ୍ଟି ଶୁଖିଯାଏ ସିନା, କେହି ନଥାନ୍ତି ପାଖରେ ।

କେତେ ଲୋକଙ୍କ ପାଇଁ ଯୁଦ୍ଧ ଏକ ଆତସବାଜି,
ଏକ ଖେଳ ଯିଏ ଆକାଶକୁ ଚିତ୍ରିତ କରିପାରେ
ବିଭିନ୍ନ ରଂଗର ଆଲୁଅରେ
ମନକୁ ଉଚ୍ଚାଟିତ କରିପାରେ
ଘନ ଘନ ମିଶାଇଲର କ୍ଷେପଣରେ
ତାର ବିକଟାଳ ହସରେ, ସେମାନେ ହସନ୍ତି
ପୈଶାଚିକ ହସ ।
ଧନ୍ୟ ସେମାନଙ୍କ ବୁଦ୍ଧି, ବିନାଶକୁ ଭାବନ୍ତି ବିକାଶ।
ଯୁଦ୍ଧରେ ଜୟ ଲାଭ କରିବା
ହୁଏତ ସେମାନଙ୍କ ଛାତିକୁ ଚଉଡ଼ା କରିପାରେ
ରକ୍ତର ହୋଲିରେ ପହଁରିବା ହୁଏତ
ସେମାନଙ୍କୁ ଭଲ ଲାଗିପାରେ ।
କିନ୍ତୁ ଚିନ୍ତା କରି ଦେଖ,
ମଶାଣିର ରାଜା ହେବାଠୁ
ଭଲ ମଣିଷଟିଏ ହେବା କେତେ ଭଲ
କେତେ ଶ୍ରେୟସ୍କାର ।



+ଧନକଉଡ଼ା, ସଂବଲପୁର-
୭୬୮୦୦୬
ମୋ: ୮୯୧୭୪୯୪୦୯୫

# ଅକ୍ଷୟ ତୃତୀୟା



## ସୁଷମା ପରିଜା

ବୈଶାଖ ମାସର ଶୁକ୍ଳ ପକ୍ଷ ତୃତୀୟା ତିଥିଟି ଅକ୍ଷୟ ତୃତୀୟା ଭାବେ ସର୍ବତ୍ର ପରିଚିତ । ଏହି ଦିନକୁ ଔପଚାରିକ ଭାବେ ସରକାରୀ ସ୍ତରରେ କୃଷକ ଦିବସ ରୂପେ ପାଳନ କରାଯାଏ ।

ଏହା ବାସ୍ତବରେ ଏକ କୃଷି ଭିତ୍ତିକ ଗଣପର୍ବ। କୃଷକମାନେ ଏହାକୁ ବଡ଼ ଶୁଦ୍ଧି ଓ ସିଦ୍ଧିର ଦିବସ ଭାବେ ପାଳନ କରିଥାନ୍ତି । କୃଷକ ଏହିଦିନ ଅମୃତ ବେଳାରେ ଅକ୍ଷିମୁଠି (ଅକ୍ଷୟମୁଠି) ଅନୁକୂଳ କରି କୃଷିକାର୍ଯ୍ୟର ଶୁଭାରମ୍ଭ କରିଥାଏ । ଗ୍ରାମାଞ୍ଚଳ ରେ ଚାଷୀଘରର ସ୍ତ୍ରୀ ଲୋକମାନେ ଘର ଅଗଣା କୁ ଗୋବର ମାଟି ରେ ଲିପାପୋଛା କରି ଝୋଟି ଚିତା ଦେଇ ଆମ୍ବଡାଳିଆ ଦେଇ କଳସ ସ୍ଥାପନ୍ତି। ସେଠାରେ ନୂଆ ଗଉଣୀ ରେ ବିହନ ଧାନ ପୂର୍ଣ୍ଣ କରି ହଳଦୀ, ଚନ୍ଦନ, ସିନ୍ଦୂର, ଧୂପ ଦୀପ ଆମ୍ବ ଡାଳ ଦେଇ ପୂଜା କରନ୍ତି। ଚାଷୀପୁଅ ନୂଆ ଲୁଗା ପିନ୍ଧି ଅଣ୍ଟା ରେ ନୂଆ ନାଲି ଗାମୁଛା ଭିଡି ପ୍ରଥମେ ସେଇ ପୂଜା ସ୍ଥାନ ରେ ମା' ଲକ୍ଷ୍ମୀ ଠାକୁରାଣୀଙ୍କୁ ଦଣ୍ଡବତ କରେ, ଧାନ ବିହନପୂର୍ଣ୍ଣ ନୂଆ ଗଉଣୀ କୁ ଶଙ୍ଖ ହୁଳହୁଳି ନାଦ ମଧ୍ୟରେ ଘରଣୀ ଟେକି ଦିଏ ମୁଣ୍ଡକୁ, ବିହନ ଗଉଣୀ ମୁଣ୍ଡରେ ଥୋଇ ଏବଂ ଅନ୍ୟ ଏକ ନୂତନ ଟୋକେଇରେ ପିଠା ନେଇ ହଳ ଲଙ୍ଗଳ ଧରି କ୍ଷେତକୁ ଯାଏ । କ୍ଷେତରେ ଲକ୍ଷ୍ମୀ ଠାକୁରାଣୀଙ୍କୁ କଦଳୀ ପତ୍ରରେ ପିଠା ମିଠା ନୈବେଦ୍ୟ ଅର୍ପଣ କରି ପତ୍ର କୁ କିଆରି ର ଐଶାନ୍ୟ କୋଣ ରେ ରଖି ତା'ପରେ ହଳ ବୁଲାଏ ଓ ସିଆର କରି ମୁଠାମୁଠା ବିହନ ସେଇ ସିଆର କିଆରି ରେ ବୁଣେ । ଏହାକୁ ଅକ୍ଷିମୁଠି କହନ୍ତି । ଜନମାନସ ରେ ବିଶ୍ୱାସ ରହିଛି ଯେ ଅକ୍ଷୟ ତୃତୀୟାରେ ବିହନ ବୁଣିଲେ ସେ ବିହନ କେବେ ହେଲେ ନଷ୍ଟ ହୁଏ ନାହିଁ ଏବଂ ଶହେ ଗୁଣରେ ଘରକୁ ଫେରିଆସେ।

କୁହାଯାଏ ଯେ ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ସହିତ କୃତ୍ତିକା ବା ରୋହିଣୀ ନକ୍ଷତ୍ରଯୁକ୍ତ ହେଲେ ମହା ଶୁଭଫଳ ପ୍ରାପ୍ତିହୁଏ । କେତେକ ସ୍ଥାନରେ ଏହାକୁ ବ୍ରତ ରୂପେ ପାଳନ କରାଯାଏ। ଏହିଦିନ ଜଳଦାନ କଲେ କି ପୁଣ୍ୟଫଳ ମିଳେ ସେ ସଂପର୍କରେ ଚମତ୍କାର ଉପାଖ୍ୟାନଟିଏ ରହିଛି– ପୁରାକାଳରେ ଜଣେ ପାପୀ ବ୍ରାହ୍ମଣ ଥିଲା । ସେ ତା' ଜୀବନରେ କିଛି ଦାନ ଧର୍ମକାର୍ଯ୍ୟ କରି ନଥିଲା । ଥରେ ତା' ଗୃହକୁ ଅନ୍ୟ ଜଣେ ତୃଷାର୍ତ୍ତ ବ୍ରାହ୍ମଣ ଆସି ଜଳଭିକ୍ଷା କଲା । ପାପୀ ବ୍ରାହ୍ମଣ ତାକୁ ଜଳ ନଦେଇ ନିଷ୍ଠୁର ଭାବେ ଗୃହରୁ ବିତାଡିତ କଲା ସମୟରେ ସୁଶିଳା ନାମ୍ନୀ ତା'ର ସ୍ତ୍ରୀ ଆସି ସ୍ୱାମୀକୁ ସେ କାର୍ଯ୍ୟରୁ ନିବୃତ୍ତ କଲା ଓ ତୃଷାର୍ତ୍ତକୁ ଜଳଦାନ କଲା । କିଛି ବର୍ଷ ପରେ ପାପୀ ବ୍ରାହ୍ମଣର ମୃତ୍ୟୁ ହେଲା । ଯମଦୂତମାନେ ଆସି ତାକୁ ବାନ୍ଧି ନେଇଗଲେ । ଯମପୁରୀରେ ଥାଇ ଥରେ ସେ ତୃଷାର୍ତ୍ତ ହୋଇ ଯମଦୂତଙ୍କୁ ଜଳଭିକ୍ଷା କଲା । ଯମଦୂତମାନେ ତାହାକୁ ଲକ୍ଷ୍ମୀ କରି କହିଲେ– ନିଜ ଜୀବନରେ କେବେ ଜଳଦାନ ନକରି ଜଳଭିକ୍ଷା କରୁଛୁ କିପରି, ପାପୀ? ଏହି ସମୟରେ ସ୍ୱୟଂ ଯମରାଜ ସେଠାରେ ପହଞ୍ଚି ସ୍ୱହସ୍ତରେ ସେ ବ୍ରାହ୍ମଣକୁ ଜଳଦାନ କଲେ । ଦୂତମାନେ ଆଶ୍ଚର୍ଯ୍ୟ ହୋଇ ଏହାର କାରଣ ପଚାରିବାରୁ ଯମରାଜ




କହିଲେ – ଏହି ବ୍ରାହ୍ମଣ ସାରା ଜୀବନ ପାପକର୍ମ କରିଥିଲେ ସୁଦ୍ଧା ଅକ୍ଷୟତୃତୀୟା ଦିନ ଏହାର ସ୍ତ୍ରୀ ତୃଷାର୍ତ୍ତ ବ୍ରାହ୍ମଣକୁ ଜଳଦାନ କରିଥିଲା । ସ୍ତ୍ରୀର ସେହି ପୁଣ୍ୟବଳରୁ ଏହାର ପାପ ଖଣ୍ଡନ ହୋଇଛି । ତେଣୁ ଏହାର ଆଉ ନର୍କଭୋଗ ଯୋଗ ନାହିଁ।

ରାମାୟଣ ରେ ମଧ୍ୟ ଲେଖା ଅଛି ଯେ ମହର୍ଷି ଜନକ ଭାରତୀୟ କୃଷିଜୀବୀ କୁଳର ପ୍ରତିନିଧି ରୂପେ ନିଜେ ଭୂମିପୂଜା କରି ବୀଜବପନ କରୁଥିଲେ । ଭୂମିକର୍ଷଣ ସମୟରେ ସେ ସୀତାଙ୍କୁ ଲାଭ କରିଥିବାରୁ ଋକ୍ ବେଦରେ ସୀତା ଉତ୍କୃଷ୍ଟ ବୀଜଦାତ୍ରୀ ରୂପେ ବର୍ଣ୍ଣିତ ହୋଇଛନ୍ତି । ବୈଦିକ ଋଷିମାନେ ଅକ୍ଷୟ ଶସ୍ୟ ପ୍ରଦାନ କରିବା କାମନାରେ ସୀତାଙ୍କୁ ସ୍ତୁତି କରିଛନ୍ତି । ଆଗ୍ନେୟ ପୁରାଣ, ବିଷ୍ଣୁ ଧର୍ମୋତ୍ତର ପୁରାଣ ଓ ଭବିଷ୍ୟ ପୁରାଣାଦିରେ ଅକ୍ଷୟ ତୃତୀୟାକୁ ଗୋଟିଏ ପ୍ରଶସ୍ତ ଶୁଭଦିନ ରୂପେ ବର୍ଣ୍ଣନା କରାଯାଉଛି ।

ଏହିତିଥିରେ ଶ୍ରୀଜୀଉମାନଙ୍କର ରଥନିର୍ମାଣ ପାଇଁ ଅନୁକୂଳ କରାଯାଏ । ତନ୍ତ୍ରବିଧି ଅନୁସାରେ ମହାକାଳୀ ମନ୍ତ୍ରରେ ପୂଜିତ କୁରାଢି ଲଗାଇ ବନଯୋଗହୋମର ଆଚାର୍ଯ୍ୟ ତଥା ଦେଉଳ ପୁରୋହିତ ରଥନିର୍ମାଣର ଶୁଭାରମ୍ଭ କରିଥାନ୍ତି । ତାଳଧ୍ୱଜ, ଦେବଦଳନ ଓ ନନ୍ଦିଘୋଷ ରଥ ପାଇଁ ଉଦ୍ଦିଷ୍ଟ ଗୋଟିଏ ଧଉରା କାଠ ଗଣ୍ଡିରେ କୁରାଢି ସ୍ପର୍ଶ ଦେଇ ରଥ ଅନୁକୂଳ କରାଯାଇଥାଏ । ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ଚନ୍ଦନଠାକୁରଙ୍କ ସହ ପଟୁଆରରେ ରଥଖଳାକୁ ଆସିଥାଏ । ଏହାକୁ ତିନିଜଣ ପୂଜାପଣ୍ଡା ଆଣିଥାନ୍ତି । ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖସ୍ଥ ରଥଖଳାରେ ଶ୍ରୀମନ୍ଦିର ପୁରୋହିତ, ରାଜଗୁରୁ ଓ ଶ୍ରୋତୀୟ ବ୍ରାହ୍ମଣମାନେ ବନଯୋଗ ପୂଜା ସମ୍ପାଦନା କରିବାର ବିଧି ରହିଛି । ରୂପକାର, କମାର, ଚିତ୍ରକର, ଭୋଇ, ଅମୀନସେବକମାନଙ୍କ ଉପସ୍ଥିତିରେ ବିଶ୍ୱକର୍ମାଙ୍କ ଶାଢୀବନ୍ଧା ନୀତି ପାଳିତ ହୁଏ । ରଥ ସଂହିତା ଓ ଶିଳ୍ପଶାସ୍ତ୍ର ଅବଲମ୍ବନରେ ରଥନିର୍ମାଣ କରାଯାଏ। ଏଥିରେ ଫାସି, ଅସନ, ଧଉରା, ଶିମିଳି, ପାଳଧୂଆ, ମହାନିମ୍ବ, ଗମ୍ଭାରୀ, ମଇ, କଦମ୍ବ, ଦେବଦାରୁ ଇତ୍ୟାଦି ୧୧୩୯ ଖଣ୍ଡ କାଠଲାଗିଥାଏ । ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର କର୍ମଚାରୀ ରଥଖଳାରେ ଉପସ୍ଥିତ ରହି ଏହିକାର୍ଯ୍ୟ ସୁରୁଖୁରରେ ହେବାରେ ସାହାଯ୍ୟ କରିଥାନ୍ତି ।

ଏହି ଦିନଠାରୁ ଶ୍ରୀକ୍ଷେତ୍ରରେ ଚନ୍ଦନ ଯାତ୍ରା ଆରମ୍ଭ ହୁଏ । ଏତଦବ୍ୟତୀତ ଓଡ଼ିଶାର ଅନ୍ୟ ସ୍ଥାନରେ ମଧ୍ୟ ଚନ୍ଦନ ଯାତ୍ରା ପାଳନ କରାଯାଏ। ଚନ୍ଦନଯାତ୍ରା ଶ୍ରୀମନ୍ଦିରରେ ସବୁଠୁ ଅଧିକ ଦିନ (୪୨ଦିନ) ଧରି ପାଳିତ ହେଉଥିବା ଏକ ପର୍ବ । ଏହା ଅକ୍ଷୟ ତୃତୀୟାଠାରୁ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ (ସ୍ନାନପୂର୍ଣ୍ଣିମାର ପୂର୍ବଦିନ) ପର୍ଯ୍ୟନ୍ତ ମୋଟ ୪୨ ଦିନ ଧରି ଅନୁଷ୍ଠିତ ହୋଇଥାଏ । ଏହା ଅକ୍ଷୟ ତୃତୀୟାଠାରୁ ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ପର୍ଯ୍ୟନ୍ତ ୨୧ଦିନ ନରେନ୍ଦ୍ର ପୁଷ୍କରଣୀରେ ବାହାର ଚନ୍ଦନଯାତ୍ରା ରୂପେ ଓ ପରବର୍ତ୍ତୀ ୨୧ଦିନ (ଜ୍ୟୈଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ) ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଭିତର ଚନ୍ଦନ ରୂପେ ପାଳିତ ହୋଇଥାଏ ।

ଅକ୍ଷୟ ତୃତୀୟା ଏକ କୃଷି ଭିତ୍ତିକ ପର୍ବ ଭାବେ ଆମେ ସମସ୍ତେ ଜାଣନ୍ତି। ଆଜିକାଲିର ପିଢ଼ି ଏହି ଦିନଟିକୁ କେବଳ ସୁନା ଗହଣା କିଣିବାର ଶୁଭ ଦିନ ଭାବେ ପାଳନ କରନ୍ତି।

କିନ୍ତୁ ଅକ୍ଷୟ ତୃତୀୟା କୁ ଯୁଗ ଯୁଗରୁ ଅନେକ କାରଣ ପାଇଁ ଶୁଭଦିନ ଭାବେ ପାଳନ କରାଯାଏ।

୧–ଏହି ଦିନଟି ଭଗବାନ ପର୍ଶୁରାମଙ୍କର ଜନ୍ମଦିନ।

୨–ଏହି ଦିନରେ ଭଗୀରଥ ମୁନି ନିଜ ତପସ୍ୟା ବଳରେ ମାତା ଗଙ୍ଗାଙ୍କୁ ସ୍ୱର୍ଗରୁ ମର୍ତ୍ତ୍ୟକୁ ଅବତରଣ କରାଇଥିଲେ।

୩–ଏହି ଦିନରେ ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚନ୍ଦନ ଯାତ୍ରା ଆରମ୍ଭ ହୁଏ ।

୪–ଏହି ଦିନରେ ଶ୍ରୀଜଗନ୍ନାଥଙ୍କ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥାଏ।

୫– କଥିତ ଅଛି ଏହି ଦିନରେ ଶ୍ରୀକୃଷ୍ଣଙ୍କ ପାଇଁ ସଖା ସୁଦାମା ଖୁଦଭଜା ନେଇ ଦ୍ୱାରକା ଯାଇଥିଲେ ଓ ସେଠାରେ କୃଷ୍ଣ ସୁଦାମାଙ୍କ ମିଳନ ହୋଇଥିଲା।

୬–ଏହି ଦିନରେ ଅନ୍ନର ଉତ୍ପତ୍ତି ହୋଇଥିଲା। ତେଣୁ କୃଷକମାନେ ଏହିଦିନ କ୍ଷେତରେ ଧାନ ଅନୁକୂଳ କରିଥାନ୍ତି।

୭– ପାଣ୍ଡବ ମାନଙ୍କ ବନବାସ କାଳରେ ଏହି ଦିନରେ ଭଗବାନ ଶ୍ରୀକୃଷ୍ଣ, ସଖୀ ଦ୍ରୌପଦୀଙ୍କୁ ଅକ୍ଷୟ ପାତ୍ରପ୍ରଦାନ କରିଥିଲେ।

୮–ଏହି ଦିନରେ ଧନର ଦେବତା କୁବେର ନିଜର ସିଦ୍ଧି ନିମନ୍ତେ ଶ୍ରୀବିଷ୍ଣୁ ଓ ମାତା ଲକ୍ଷ୍ମୀଙ୍କର ପୂଜା କରିଥାନ୍ତି।

୯–ଏହି ଦିନରେ ସତ୍ୟ ଯୁଗର ଆରମ୍ଭ ହୋଇଥିଲା।

୧୦–ଏହି ଦିନରେ ବ୍ୟାସଦେବ, ମହାଭାରତ ଲେଖିବା ଆରମ୍ଭ କରିଥିଲେ ଏବଂ ଶ୍ରୀ ଗଣେଶ ଏହାକୁ ଲେଖିଥିଲେ।

ଏହି ସମସ୍ତ କଥା କୁ ଲକ୍ଷ୍ୟରଖି ଏହାକୁ ଏକ ଅତ୍ୟନ୍ତ ଶୁଭଦିନ ଭାବେ ବିବେଚନା କରି ଜଣ ସାଧାରଣ ଏହିଦିନ ଗୃହନିର୍ମାଣ, ନିର୍ବନ୍ଧ, ବିବାହ, ଉପନୟନ ପ୍ରଭୃତି ଶୁଭକର୍ମ କରିଥାନ୍ତି।

+ଶାରଳା ଭବନ, ପୋତାପୋଖରୀ,
କଟକ–୪
ମୋ –୯୩୩୭୨୭୨୬୪୭

# ଅକ୍ଷୟ ତୃତୀୟା

## ବିଶ୍ୱବିଜୟୀ ଦାଶ

ସବୁ ଅନୁକୂଳର ପର୍ବ ଅକ୍ଷୟ ତୃତୀୟା। ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ଦିନଟି ଅକ୍ଷୟ ତୃତୀୟା ଭାବେ ପରିଚିତ। କୃଷକମାନେ ଏହାକୁ ବଡ଼ ଶୁଦ୍ଧି ଓ ସିଦ୍ଧିର ଦିବସ ଭାବେ ପାଳନ କରିଥାନ୍ତି। କୃଷକ ଏହି ଦିନ ଅମୃତ ବେଳାରେ ଅକ୍ଷିମୁଠି (ଅକ୍ଷୟମୁଠି) ଅନୁକୂଳ କରି କୃଷିକାର୍ଯ୍ୟର ଶୁଭାରମ୍ଭ କରିଥାଏ।

ଶୁଭଦିନ ଭାବେ ମନେକରି ଏହିଦିନ ଗୃହନିର୍ମାଣ, ନିର୍ବନ୍ଧ, ବିବାହ, ଉପନୟନ ପ୍ରଭୃତି ଶୁଭକର୍ମ ଅନୁଷ୍ଠିତ ହୁଏ। ଚାଷୀ ନିଜ ସ୍ତ୍ରୀଠାରୁ ହଳଦୀ, ଚନ୍ଦନ, ସିନ୍ଦୂର ବୋଳା ଧାନ ବିହନପୂର୍ଣ୍ଣ ନୂଆ ଗଉଣୀକୁ ଶଙ୍ଖ ହୁଳହୁଳି ମଧ୍ୟରେ ମୁଣ୍ଡରେ ଥୋଇ ଏବଂ ଅନ୍ୟ ଏକ ନୂତନ ଟୋକେଇରେ ପିଠା ନେଇ ହଳଲଙ୍ଗଳ ଧରି କ୍ଷେତକୁ ଯାଏ। ସେଠାରେ ଲକ୍ଷ୍ମୀ ଠାକୁରାଣୀଙ୍କୁ ଭୋଗଦେଇ ଉକ୍ତ ନୈବେଦ୍ୟ କିଆରୀର ଈଶାଣ କୋଣରେ ପୋତି ହଳ ବୁଲାଏ ଓ ମୁଠାମୁଠା ବିହନ କିଆରୀରେ ବୁଣେ। ଏହାକୁ ଅକ୍ଷିମୁଠି କହନ୍ତି। ସେହିପରି ଏହି ଦିନ ଓଡିଆଙ୍କ ଇଷ୍ଟଦେବ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ୪୨ ଦିନ ବ୍ୟାପି ଚାଲିବାକୁ ଥିବା ଚନ୍ଦନ ଯାତ୍ରାର ଶୁଭାରମ୍ଭ ହୋଇଥାଏ। ପ୍ରଭୁଙ୍କୁ ପ୍ରଚଣ୍ଡ ଖରାରୁ ଉପଶମ ଦେବା ଲାଗି ନରେନ୍ଦ୍ର ପୁଷ୍କରିଣୀରେ ପୋଖରୀରେ ଚାପ ଖେଳନ୍ତି ମହାପ୍ରଭୁ। କୁହାଯାଏ ଆଜିର ଦିନରେ ସତ୍ୟଯୁଗର ଆରମ୍ଭ ହୋଇଥିଲା। ବେଦବ୍ୟାସ ଏବଂ ପ୍ରଭୁ ଶ୍ରୀ ଗଣେଶ ଆଜିର ଦିନରେ ମହାଭାରତ ଲେଖିବା ଆରମ୍ଭ କରିଥିଲେ। ନୂଆ ଗହଣା କିଣିବା, ନୂଆ କରି ବ୍ୟବସାୟ ଆରମ୍ଭ କରିବା ଆଦି ଏହି ଦିନରେ



ଆରମ୍ଭ କରିବା ଦ୍ୱାରା ଏହା ଶୁଭ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହା ସହ ଘରକୁ ସୁଖ – ସମୃଦ୍ଧି ଆସିଥାଏ। ଏହିତିଥିରେ ଶ୍ରୀଜୀଉମାନଙ୍କର ରଥନିର୍ମାଣ ପାଇଁ ଅନୁକୂଳ କରାଯାଏ । ତନ୍ତ୍ରବିଧି ଅନୁସାରେ ମହାକାଳୀ ମନ୍ତ୍ରରେ ପୂଜିତ କୁରାଢି ଲଗାଇ ବନଯୋଗହୋମର ଆଚାର୍ଯ୍ୟ ତଥା ଦେଉଳ ପୁରୋହିତ ରଥନିର୍ମାଣର ଶୁଭାରମ୍ଭ କରିଥାନ୍ତି । ତାଳଧ୍ୱଜ, ଦେବଦଳନ ଓ ନନ୍ଦିଘୋଷ ରଥ ପାଇଁ ଉଦ୍ଦିଷ୍ଟ ଗୋଟିଏ ଧଉରା କାଠ ଗଣ୍ଡିରେ କୁରାଢି ସ୍ପର୍ଶ କରାଯାଇଥାଏ । ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ଚନ୍ଦନଠାକୁରଙ୍କ ସହ ପଟୁଆରରେ ରଥଖଳାକୁ ଆସିଥାଏ। ଏହାକୁ ତିନିଜଣ ପୂଜାପଣ୍ଡା ଆଣିଥାନ୍ତି। ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖସ୍ଥ ରଥଖଳାରେ ଶ୍ରୀମନ୍ଦିର ପୁରୋହିତ, ରାଜଗୁରୁ ଓ ଶ୍ରୋତୀୟ ବ୍ରାହ୍ମଣମାନେ ବନଯୋଗ ପୂଜା ସମ୍ପାଦନା କରିବାର ବିଧି ରହିଛି ।ରୂପକାର, କମାର, ଚିତ୍ରକର, ଭୋଇ, ଅମୀନ ସେବକମାନଙ୍କ ଉପସ୍ଥିତିରେ ବିଶ୍ୱକର୍ମାଙ୍କ ଶାଢୀବନ୍ଧା ନୀତି ପାଳିତ ହୁଏ। ରଥ ସଂହିତା ଓ ଶିଳ୍ପଶାସ୍ତ୍ର ଅବଲମ୍ବନରେ ରଥନିର୍ମାଣ କରାଯାଏ। ଏଥିରେ ୧୧୩୯ ଖଣ୍ଡ କାଠଲାଗିଥାଏ। ସେହି କାଠଗୁଡିକ ହେଲା ଫାସି, ଅସନ, ଧଉରା, ଶିମିଳି, ପାଳଧୂଆ, ମହାନିମ୍ବ, ଗମ୍ଭାରୀ, ମଇ, କଦମ୍ବ, ଦେବଦାରୁ ଇତ୍ୟାଦି । ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର କର୍ମଚାରୀ ରଥଖଳାରେ ଉପସ୍ଥିତ ରହି ଏହିକାର୍ଯ୍ୟ ସୁରୁଖୁରରେ ହେବାରେ ସାହାଯ୍ୟ କରିଥାନ୍ତି । ବାହାର ଚନ୍ଦନ ଯାତ୍ରାର ଶେଷଦିନ ରଥ ଅଖରେ ଚକ ଲାଗେ ।

ସମ୍ପାଦକ : ବ୍ରଜବିଳାସ ସାହିତ୍ୟ ପତ୍ରିକା
ଗମ୍ଭାରିମୁଣ୍ଡା, ବାଣପୁର, ଖୋର୍ଦ୍ଧା
ପିନ୍– ୭୫୨୦୩୫
ମୋବାଇଲ ନଂ– ୬୩୭୦୨୦୮୪୨୮

# ଶ୍ରୀଜଗନ୍ନାଥ ସଂସ୍କୃତିର ଅପୂର୍ବ ପର୍ବ



## ହେମନ୍ତ କୁମାର ଗନ୍ତାୟତ



ଶ୍ରେଷ୍ଠୋତ୍ତମ ଭାରତ ବର୍ଷର ଖ୍ୟାତ ସମ୍ପର୍ଣ୍ଣ ପୁଣ୍ୟ ଭୂମି ହେଉଛି ଉତ୍କଳ ବା ଓଡିଶା ପ୍ରଦେଶ। ଏହାର ସଂସ୍କୃତି ଓ ପରମ୍ପରା ଅତୀବ ପ୍ରାଚୀନ। ଏ ପ୍ରଦେଶର ଦୃଷ୍ଟାନ୍ତ ମହର୍ଷି ବେଦବ୍ୟାସଙ୍କ ବିରଚିତ ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡରେ ଦେଖିବାକୁ ମିଳେ: 'ଉତ୍କଳୋନାମ ଦେଶୋଽସ୍ତି ଖ୍ୟାତଃ ପରମପାବନଃ' । ଅର୍ଥାତ୍ ଉତ୍କଳ ନାମରେ ଏ'ପରି ଏକ ଦେଶ ରହିଛି', ଯା'ର ଖ୍ୟାତି ଚତୁର୍ଦ୍ଦିଗରେ ସୁବିଦିତ। ଏହି ପବିତ୍ର ଭୂମିରେ ବାର ମାସରେ ତେର ପର୍ବ ପାଳନ କରାଯାଏ। ଏଥି ମଧ୍ୟରୁ 'ଅକ୍ଷୟ ତୃତୀୟା' ବା 'ଅକ୍ଷି ତୃତୀୟା' ଅନ୍ୟତମ। ଯାହା ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ତିଥିରେ ପାଳନ କରାଯାଏ। ଏହି ଦିନ କରାଯାଇଥିବା ଶୁଭ କାର୍ଯ୍ୟର ଫଳ ଅକ୍ଷୟ ରହିଥାଏ ବୋଲି ବିଶ୍ୱାସ ରହିଛି। ଏଣୁ 'ଅକ୍ଷୟ' ଶବ୍ଦର ଅର୍ଥ କୁହାଯାଇଛି ଯାହାର କ୍ଷୟ ହୁଏନାହିଁ।

ଏହି ପବିତ୍ର ତିଥିର ଧାର୍ମିକ, ପୌରାଣିକ,କୃଷି ଓ ସଂସ୍କୃତି ଆଦିର ପ୍ରମୁଖ ଭୂମିକା ରହିଛି। ତେଣୁ ଧାର୍ମିକ ବିଧି ଅନୁଯାୟୀ ଶାସ୍ତ୍ରରେ କୁହାଯାଇଛି:

ଅସ୍ୟାଂ ତିଥୌ କ୍ଷୟମୁପୈତି ହୁତଂ ନ ଦତ୍ତଂ
ତେନାକ୍ଷୟେତି କଥିତା ମୁନିଭିସ୍ତୃତୀୟା ।

ଅର୍ଥାତ୍ ଏହି ତିଥିରେ କରାଯାଇଥିବା ହୋମ, ଜପ, ଦାନ ଓ ପୂଜା କେବେହେଲେ କ୍ଷୟ ବା ନଷ୍ଟ ହୁଏନାହିଁ। ଏହାର ପୁଣ୍ୟ ଫଳ ଅନନ୍ତକାଳ ପର୍ଯ୍ୟନ୍ତ ଅକ୍ଷୟ ହୋଇ ରହିଥାଏ । ସେଥିପାଇଁ ମୁନିଋଷିମାନେ ଏହାକୁ 'ଅକ୍ଷୟ ତୃତୀୟା' ବୋଲି କହିଛନ୍ତି । ସେପରି ପୌରାଣିକ କଥା ଅନୁସାରେ ସତ୍ୟଯୁଗ ଏବଂ ତ୍ରେତୟାଯୁଗ ଏହି ଦିନ ଆରମ୍ଭ ହୋଇଥିଲା ବୋଲି କୁହାଯାଇଛି। ଭଗବାନ ବିଷ୍ଣୁଙ୍କ ଷଷ୍ଠ ଅବତାର ରୂପେ ଶ୍ରୀପର୍ଶୁରାମଙ୍କ ଜନ୍ମ ଏବଂ ପତିତ ପ୍ୱାନୀ ମା' ଗଙ୍ଗା ଏହି ଦିନ ହିଁ ସ୍ୱର୍ଗରୁ ଭୂମିରେ ଅବତରଣ କରିଥିଲେ। ସେଭଳି ଭଗବାନ ଗଣେଶ ଏ ତିଥିରେ ବେଦବ୍ୟାସଙ୍କ ଦ୍ୱାରା କୁହାଯାଇଥିବା ମହାଭାରତକୁ ଲେଖିଥିଲେ। ଅକ୍ଷୟ ତୃତୀୟା ହେଉଛି ଭଗବାନ ବିଷ୍ଣୁଙ୍କୁ ସମର୍ପିତର ଏକ ପବିତ୍ର ଦିନ। ଉକ୍ତ ଦିବସରେ ମାତା ଲକ୍ଷ୍ମୀ ଓ ନାରାୟଣଙ୍କ ପୂଜା କଲେ ସୁଖ, ସମୃଦ୍ଧି ଏବଂ ଧନ ଧାନ୍ୟର ବୃଦ୍ଧି ଘଟିଥାଏ। ଏହି ଦିନ ଜୈନଧର୍ମାଲମ୍ବୀମାନେ ଭଗବାନ ଋଷଭଦେବଙ୍କ ବର୍ଷଧରି ଉପବାସର ସମାପ୍ତି ଉପଲକ୍ଷେ ଉତ୍ସବ ପାଳନ କରନ୍ତି।

ଆମ ଓଡ଼ିଶା ହେଉଛି ଏକ କୃଷି ପ୍ରଧାନ ପ୍ରଦେଶ। ଏ ରାଜ୍ୟର ମେରୁଦଣ୍ଡ ଅଟନ୍ତି କୃଷକ ସମାଜ। ଏହି ସମାଜର ପ୍ରତିନିଧି ମହର୍ଷି ଜନକଙ୍କୁ କୁହାଯାଏ। ସେ ପ୍ରଥମେ ଭୂମି ପୂଜନକରି ବୀଜବପନ କରୁଥିଲେ ବୋଲି ବିଶ୍ୱାସ ରହିଛି। ପୁରାଣରେ ବର୍ଣ୍ଣିତ କରାଯାଇଛି ଯେ, ମାତା ସୀତାଙ୍କୁ ମହର୍ଷି ଭୂମିକର୍ଷଣ ସମୟରେ ଲାଭ କରିଥିଲେ। ଏଣୁ ଋକ୍ ବେଦରେ ସୀତା ଉତ୍କୃଷ୍ଟ ବୀଜଦାତ୍ରୀ ରୂପେ ବର୍ଣ୍ଣିତ କରାଯାଉଛି। ଅତଃ ବୈଦିକ ଋଷିମାନେ ଅକ୍ଷୟ ଶସ୍ୟ ପ୍ରଦାନ କରିବା କାମନାରେ ସୀତାଙ୍କୁ ସ୍ତୁତି କରୁଥିଲେ । ଏହି ପରମ୍ପରାକୁ ପାଥେୟ କରି ଆଜି ମଧ୍ୟ ଉତ୍କଳର କୃଷକମାନେ ଏହି ଦିନ ଅକ୍ଷିମୁଠି ଆରମ୍ଭ କରିଥାନ୍ତି। ଅକ୍ଷୟ ତୃତୀୟାକୁ ଆମ ପ୍ରଦେଶରେ 'ଅକ୍ଷି ତୃତୀୟା' ଭାବେ ପାଳନ କରାଯାଏ। ଏହି ଦିନରୁ ହିଁ କୃଷି କାର୍ଯ୍ୟର ଶୁଭାରମ୍ଭ ହୋଇଥାଏ। ପ୍ରଥମେ ଚାଷୀ ନୂତନ ବସ୍ତ୍ର ପରିଧାନ କରି ମାଆ ଲକ୍ଷ୍ମୀ ଠାକୁରାଣୀଙ୍କୁ ପୂଜା କରିବା ପରେ ବିହନ ବୁଣିଥାଏ। ଅକ୍ଷୟ ତୃତୀୟାକୁ ପ୍ରଶସ୍ତ ଶୁଭଦିନ ରୂପେ ଆଗ୍ନେୟ ପୁରାଣ, ବିଷ୍ଣୁ ପୁରାଣ, ଧର୍ମୋତ୍ତର ପୁରାଣ ଓ ଭବିଷ୍ୟ ପୁରାଣାଦିରେ ବର୍ଣ୍ଣନା କରାଯାଉଛି।

ଆମ ଓଡ଼ିଆ ସଂସ୍କୃତି ଜଗନ୍ନାଥ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ମହାପ୍ରଭୁଙ୍କ ବିନା ଆମର ଅସ୍ତିତ୍ୱ ଶୂନ୍ୟ। କାଳିଆ ଠାକୁର ଏ ଜାତିର ପ୍ରଧାନ ଦେବତା। ଏଣୁ ଆମ ପ୍ରଦେଶରେ ଦାରୁବ୍ରହ୍ମଙ୍କ ଲାଗି, ବାରମାସରେ ତେର ପର୍ବ ପାଳନ କରାଯାଏ। ସେଥି ମଧ୍ୟରୁ ଅକ୍ଷୟ ତୃତୀୟା ଶ୍ରେଷ୍ଠୋତ୍ତମ। ଏହି ଦିନ ଠାରୁ ପାବନ ଶ୍ରୀକ୍ଷେତ୍ର ପୁରୀରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଅୟମାରମ୍ଭ ହୋଇଥାଏ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବନଯାଗ ବିଧି ଅନୁସାରେ ତିନୋଟି ଧଉରା କାଠ ଗଣ୍ଡିକୁ ପୂଜାର୍ଚ୍ଚନା କରାଯାଏ। ରାଜଗୁରୁଙ୍କ ଦ୍ୱାରା ପୂଜା ପରେ ମହାରଣା ସେବାୟତମାନେ ସୁନା କୁରାଢ଼ି ସ୍ପର୍ଶ କରି ରଥ ନିର୍ମାଣର ଶୁଭ ଅନୁକୂଳ କରନ୍ତି। ତାହା ସହିତ ମହାପ୍ରଭୁଙ୍କର ୪୨ ଦିନିଆ ପ୍ରସିଦ୍ଧ ଚନ୍ଦନ ଯାତ୍ରା ଆରମ୍ଭ ହୁଏ, ସେଥି ମଧ୍ୟରୁ ପ୍ରଥମ ୨୧ ଦିନ 'ବାହାର ଚନ୍ଦନ ଏବଂ ଅନ୍ୟ ଦିନମାନ ଭିତର ଚନ୍ଦନ ଯାତ୍ରା କୁହାଯାଏ। ପ୍ରବଳ ଗ୍ରୀଷ୍ମ ଉତ୍ତାପରୁ ରକ୍ଷା ପାଇବା ପାଇଁ ବାହାର ଚନ୍ଦନ ଯାତ୍ରା ହୋଇଥାଏ। ଏ ସମୟରେ ପ୍ରତିଦିନ ଶ୍ରୀମନ୍ଦିରର ମଧ୍ୟାହ୍ନ ଧୂପ ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀଙ୍କ ସହ ରାମକୃଷ୍ଣ ଏବଂ ପାଞ୍ଚ ପାଣ୍ଡବ ରୂପୀ ପାଞ୍ଚ ମହାଦେବ ଯଥା: ଯମେଶ୍ୱର, କପାଳମୋଚନ, ଲୋକନାଥ, ମାର୍କଣ୍ଡେଶ୍ୱର ଓ ନୀଳକଣ୍ଠେଶ୍ୱର ବିମାନରେ ବସି ନରେନ୍ଦ୍ର ପୁଷ୍କରିଣୀକୁ ଯାଇଥାନ୍ତି। ସେଠାରେ ଦୁଇଟି ସୁସଜ୍ଜିତ ନୌକା ବା 'ଚାପ' ରହିଥାଏ, ଯା'ର ନାମ ନନ୍ଦା ଓ ଭଦ୍ରା। ନନ୍ଦା ନାମକ ଚାପରେ ମହାପ୍ରଭୁ ଶ୍ରୀମଦନମୋହନ, ମାଆ ଶ୍ରୀଦେବୀ ଓ ମାଆ ଭୂଦେବୀ ବିରାଜମାନ କରନ୍ତି । ସେପରି ଭଦ୍ରାରେ ଶ୍ରୀରାମକୃଷ୍ଣ (ବଳଭଦ୍ରଙ୍କ ପ୍ରତିମା) ଏବଂ ପାଞ୍ଚ ପାଣ୍ଡବଙ୍କ ବିଗ୍ରହ ବିଜେ କରିବା ପରେ ଉଭୟ ଚାପରେ ବସିଥିବା ଠାକୁରମାନେ ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରିଥାନ୍ତି। ଏଠାରେ ଠାକୁରମାନଙ୍କ ସର୍ବାଙ୍ଗରେ କର୍ପୂର ମିଶ୍ରିତ ଚନ୍ଦନ ଲାଗି କରାଯାଏ। ବାହାର ଚନ୍ଦନ ଯାତ୍ରାର ୨୦ତମ ଦିନକୁ ଭଉଁରୀ ଯାତ୍ରା କୁହାଯାଏ । ଏହି ଦିନ ନରେନ୍ଦ୍ର ପୁଷ୍କରିଣୀରେ ଚାପ ୨୧ ଘେରା ବୁଲିଥାଏ।

ଏହି ଚାପରେ ବିରାଜିତ ଠାକୁରଙ୍କୁ ମଧୁସୂଦନ କୁହାଯାଏ। ଏଣୁ ଶାସ୍ତ୍ରରେ କୁହାଯାଇଛି ଚାପେଷୁ 'ମଧୁସୂଦନଃ'। ଅର୍ଥାତ୍ ଯେଉଁମାନେ ଏହି ଚାପରେ ମହାପ୍ରଭୁଙ୍କୁ ଦର୍ଶନ କରନ୍ତି, ସେମାନଙ୍କ ପୁନର୍ଜନ୍ମ ହୋଇନଥାଏ। ଅକ୍ଷୟ ତୃତୀୟା ଓ ଚନ୍ଦନ ଯାତ୍ରା କେବଳ ଧାର୍ମିକ ପରମ୍ପରା ନୁହେଁ, ବରଂ ଏହା ଓଡ଼ିଆ ଜାତିର ସ୍ୱାଭିମାନ, କୃଷି ସଂସ୍କୃତି ଏବଂ ଜଗନ୍ନାଥ ଚେତନାର ଏକ ଅପୂର୍ବ ମିଶ୍ରଣ ସହିତ ଆଶା–ସମୃଦ୍ଧି–ନୂତନ ଆରମ୍ଭର ପର୍ବ।

+ଖଡ୍ଗେଶ୍ୱରୀ ପାଟଣା
ଆସିକା, ଗଞ୍ଜାମ।
ମୋ: ୯୮୬୧୩୩୪୮୬୮

## ଅକ୍ଷିମୁଠି

### ପ୍ରେମାନନ୍ଦ ପାଣିଗ୍ରାହୀ



ଅକ୍ଷିମୁଠି ଅନୁକୂଳ ପାଇଁ
ନା ହଳ ଅଛି ନା ବଳଦ
କାଠ ଶଗଡ଼ଟା ବି ଖଳାବାଡିରେ
ଉଇ ଲାଗି ଗଲାଣି କେବେଠୁ,
ଚାଷ ଜମି ପାଲଟି ଯାଇଛି
ଜମି ମାଫିଆଙ୍କ ସମ୍ପତ୍ତି,
ଧାନ, ବିରି, ମୁଗ ବଦଳରେ
ସେଠି ଇଟା, କଂକ୍ରିଟ, ଲୁହା ଛଡ଼ର କ୍ଷେତ।
ନା ଅଛି ତାଳ କୋରଟ
ବାଉଁଶ ପାତରୁ ତିଆରି
ବୋଝ, ଡାଲା, ଟୋପି, କୁଲା ଯେ
ଚାଷୀ ଘରର ବୋହୂ ମଥା ଉପରେ ରଖି
ବିହନ କ୍ଷେତକୁ ବୋହି ନେବ ।
ଭୁଟା, ଭଜନା, କଳାଚମ୍ପା
ଦେଶୀ ଧାନ ବିହନ
ଆଉ ଅମାରରେ ନାହିଁ ,
ସରକାରୀ ବିହନ ବେଳେବେଳେ
ଗଜା ହେଉନି କି ନକଲି ସାର, ଔଷଧରେ
ରୋଗ ପୋକରୁ ଫସଲ ରକ୍ଷା ପାଉନି ,
ଦୁର୍ବିପାକ ସାଙ୍ଗକୁ ଫସଲର ଅଭାବି ବିକ୍ରି
ଉଚ୍ଛନ୍ନ କରି ଦେଉଛି
ଚାଷୀ ପରିବାରର ସୁଖ ।
ଚାଷୀ ଆନ୍ଦୋଳନ ନାଁରେ
ହାତ ଚିକ୍କଣ ହେଉଛି କୃଷକ ନେତାଙ୍କର,
କଟନି ଛଟନିର ପ୍ରତିବାଦ କଲେ
ଚାଷୀ ଖାଉଛି ଦଲାଲ ଠୁଁ ପାହାର ,
ବଢ଼ୁଛି ଚାଷୀର ଆୟ
କୃଷକ ପାଉଛି ସମ୍ମାନ
ଖବରକାଗଜରେ ପୃଷ୍ଠା ପରେ ପୃଷ୍ଠା
ଶୋଭା ପାଉଛି ବିଜ୍ଞାପନ।
କୃଷି ଶ୍ରମିକ ଏବେ ଗୋଟି ଶ୍ରମିକ
ବାହାର ରାଜ୍ୟକୁ କରୁଛନ୍ତି ସଶକ୍ତ
ସବୁ ଅଭାବ ଭିତରେ
କିପରି ଅକ୍ଷିମୁଠି ଅନୁକୂଳ କରିବ କୃଷକ !

+ ଭୁଷଳ, ଭୁବନ,ଢେଙ୍କାନାଳ
ମୋ –୯୪୩୭୭୨୯୩୮୪

## ଅକ୍ଷୟ ତୃତୀୟା ଅଟେ

### ଜୟନ୍ତ କୁମାର ମଲ୍ଲିକ୍

ଅକ୍ଷୟ ତୃତୀୟା ଅଟେ
ଶୁଭଦିନଟିଏ
ସଭିଙ୍କ ମନରେ ସୁଖ
ଶାନ୍ତି ଭରି ଦିଏ,
କୃଷି ଭିତ୍ତିକ ପରବ
ମଧ୍ୟେ ଏହା ସାର
ବିଲକୁ କୃଷକ ନିଏ
ଅକ୍ଷି ମୁଠି ଭାର,
ଘରେ ଘରେ ପବିତ୍ରତା
ଭରି ଯାଇଥାଏ
ଷଠି ଦେବୀଙ୍କୁ ସଧବା
ନାରୀ ପୂଜି ଥାଏ,
ଘର କାମ ଶୁଭ ଦିଆ
ହୁଏ ଏହି ଦିନ
ଭକତି ଭାବରେ ମନ
ହୋଇଥାଇ ଲୀନ ।

+ଶୂରଡିହ,ନନ୍ଦିପୁର,
ଦଶରଥପୁର,ଯାଜପୁର
ମୋ: ୯୪୩୭୮୬୫୭୨୭

# ଅକ୍ଷୟ ତୃତୀୟା ଅକ୍ଷୟ ମୁଠି



ଡକ୍ଟର ଲକ୍ଷ୍ମଣ ସାହୁ



ହିନ୍ଦୁ ଧର୍ମର ଅନ୍ୟତମ ପବିତ୍ର ପର୍ବ ଅକ୍ଷୟ ତୃତୀୟା । ଏହି ଦିନ ପ୍ରତ୍ୟେକ ଭାରତୀୟଙ୍କ ଘରେ ଘରେ ଏହି ପର୍ବ ବଡ଼ ଧୂମଧାମରେ ପାଳନ କରାଯାଏ । ଅକ୍ଷୟ ତୃତୀୟାକୁ ମା' ଲକ୍ଷ୍ମୀଙ୍କ ଦିନ ବୋଲି ବିବେଚନା କରାଯାଇଛି । ସେଥିପାଇଁ ଏହି ଦିନକୁ ସବୁଠାରୁ ଅଧିକ ଶୁଭ ବୋଲି କୁହାଯାଏ । ଏହି ଦିନ ବିବାହ, ନିର୍ବନ୍ଧ, ଗୃହ ପ୍ରବେଶ ସମେତ ସମସ୍ତ ପ୍ରକାର ଶୁଭ ମାଙ୍ଗଳିକ କାର୍ଯ୍ୟ କରାଯାଇଥାଏ । ଲୋକ ବିଶ୍ୱାସ ଅଛି ଯେ ଅକ୍ଷୟ ତୃତୀୟାରେ ସୁନା ଓ ରୂପା କିଣିବା ଦ୍ୱାରା ଘରକୁ ସୁଖ ସମୃଦ୍ଧି ଆସିଥାଏ। ଏହି ଦିନ ନୂତନ କାର୍ଯ୍ୟାରମ୍ଭ କରିବାରେ ମଧ ଜୀବନରେ ଅନେକ ସଫଳତା ମିଳିଥାଏ । ଅକ୍ଷୟ ତୃତୀୟା ଦିନ କିଛି ବାସ୍ତୁ ନିୟମ ପାଳନ କରିବା ଦ୍ୱାରା ମା' ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି ବୋଲି ଦୃଢ ବିଶ୍ୱାସ ରହିଛି ।

ଏହି ଦିନକୁ ଔପଚାରିକ ଭାବେ ସରକାରୀ ସ୍ତରରେ କୃଷକ ଦିବସ ଭାବେ ପାଳନ କରାଯାଏ। କୃଷକମାନେ ଏହାକୁ ବଡ଼ ଶୁଦ୍ଧି ଓ ସିଦ୍ଧିର ଦିବସ ଭାବେ ଗ୍ରହଣ କରିଥାନ୍ତି । ଏହିଦିନ କୃଷକ ପ୍ରଥମ କରି ଅମୃତ ବେଳାରେ ଅକ୍ଷିମୁଠି/ଅକ୍ଷୟମୁଠି ଅନୁକୂଳ କରି କୃଷିକାର୍ଯ୍ୟର ଶୁଭାରମ୍ଭ କରିଥାଏ । ପ୍ରକୃତରେ ହିନ୍ଦୁମାନେ ଏହି ଦିନକୁ ପବିତ୍ର ଶୁଭଦିନ ଭାବେ ମାନିନେଇ ଗୃହନିର୍ମାଣ, ନିର୍ବନ୍ଧ, ବିବାହ, ଉପନୟନ ପ୍ରଭୃତି ଶୁଭକର୍ମ କରନ୍ତି । କୃଷକ ନିଜ ସ୍ତ୍ରୀ ଠାରୁ ହଳଦୀ, ଚନ୍ଦନ, ସିନ୍ଦୂର ବୋଳା ଧାନ ବିହନପୂର୍ଣ୍ଣ ନୂଆ ଗଉଣିକୁ ଶଙ୍ଖ ହୁଳହୁଳି ମଧରେ ମୁଣ୍ଡରେ ଥୋଇ ଓ ଅନ୍ୟ ଏକ ନୂତନ ଟୋକେଇରେ ପିଠା ନେଇ ହଳଲଙ୍ଗଳ ଧରି କ୍ଷେତକୁ ଯାଏ । ସେଠାରେ ଲକ୍ଷ୍ମୀ ଠାକୁରାଣୀଙ୍କୁ ଭୋଗଦେଇ ଉକ୍ତ ନୈବେଦ୍ୟ କିଆରୀର ଈଶାଣ କୋଣରେ ପୋତି ହଳ ବୁଲାଏ ଓ ମୁଠାମୁଠା ବିହନ କିଆରୀରେ ବୁଣେ । ଏହାକୁ ଅକ୍ଷିମୁଠି ବା ଅକ୍ଷୟ ମୁଠି କହନ୍ତି । ସଧବା ସ୍ତ୍ରୀମାନେ ଏ ଦିନ 'ଷଠିଦେବୀ'ଙ୍କ ପୂଜା କରନ୍ତି ।

ଶାସ୍ତ୍ରୀୟ ମତରେ ମହର୍ଷି ଜନକ ଭାରତୀୟ କୃଷିଜୀବୀ କୁଳର ପ୍ରତିନିଧି ରୂପେ ନିଜେ ଭୂମି ପୂଜା କରି ବୀଜବପନ କରୁଥିଲେ । ଭୂମି କର୍ଷଣ ସମୟରେ ସେ ସୀତାଙ୍କୁ ଲାଭ କରିଥିବାରୁ ଋକ୍ ବେଦରେ ସୀତା ଉତ୍କୃଷ୍ଟ ବୀଜଦାତ୍ରୀ ରୂପେ ବର୍ଣ୍ଣିତ ହୋଇଛନ୍ତି । ବୈଦିକ ଋଷିମାନେ ଅକ୍ଷୟ ଶସ୍ୟ ପ୍ରଦାନ କରିବା କାମନାରେ ସୀତାଙ୍କୁ ସ୍ତୁତି କରିଛନ୍ତି । ଆଗ୍ନେୟ ପୁରାଣ, ବିଷ୍ଣୁ ଧର୍ମୋତ୍ତର ପୁରାଣ ଓ ଭବିଷ୍ୟ ପୁରାଣାଦିରେ ଅକ୍ଷୟ ତୃତୀୟାକୁ ଗୋଟିଏ ପ୍ରଶସ୍ତ ଶୁଭଦିନ ଭାବେ ବର୍ଣ୍ଣନା କରାଯାଉଛି ।

ଏହି ପବିତ୍ର ଶୁଭ ଦିନରେ ହିନ୍ଦୁମାନେ ଅକ୍ଷୟ ତୃତୀୟା ବ୍ରତ ପାଳନ କରନ୍ତି । ଲୋକ ବିଶ୍ୱାସ ଅଛି ଯେ ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ସହିତ କୃତ୍ତିକା ବା ରୋହିଣୀ ନକ୍ଷତ୍ରଯୁକ୍ତ ହେଲେ ମହାଫଳ ପ୍ରାପ୍ତିହୁଏ । ବ୍ରତୀମାନେ ଶୁଦ୍ଧକାଳରେ ଏହି ବ୍ରତକୁ ଆରମ୍ଭକରି ଆଠ ବର୍ଷରେ ଉଦ୍‌ଯାପନ କରନ୍ତି । ଗ୍ରୀଷ୍ମପ୍ରବାହର ଅସହ୍ୟ ତାପ ଯୋଗୁ ଏହିଦିନ ଜଳଦାନ କଲେ କି ପୁଣ୍ୟଫଳ ମିଳେ ବୋଲି ବିଶ୍ୱାସ ରହିଛି । ଏହି ସଂପର୍କରେ ଗୋଟିଏ ଚମତ୍କାର ଉପାଖ୍ୟାନ ଅଛି । କଥିତ ଅଛି ଯେ ପୁରାକାଳରେ ଜଣେ ପାପୀ ବ୍ରାହ୍ମଣ ଥିଲା । ସେ ତା' ଜୀବନରେ କିଛି କାହାକୁ ଦାନ ଧର୍ମକାର୍ଯ୍ୟ କରି ନଥିଲା । ଦିନେ ତା' ଗୃହକୁ ଜଣେ ତୃଷାର୍ତ୍ତ ବ୍ରାହ୍ମଣ ଆସି ଜଳଭିକ୍ଷା କଲେ । ପାପୀ ବ୍ରାହ୍ମଣ ତାଂକୁ ଜଳ ନଦେଇ ନିଷ୍ଠୁର ଭାବେ ଅପମାନିତ କଲି ଗୃହରୁ ବିତାଡିତ କରୁଥିବା ସମୟରେ ହଠାତ୍ ତା'ର ସ୍ତ୍ରୀ ସୁଶିଳା ଆସି ସ୍ୱାମୀକୁ ସେଭଳି ମନ୍ଦ କାର୍ଯ୍ୟରୁ ନିବୃତ୍ତ କଲା ଓ ତୃଷାର୍ତ୍ତ ବ୍ରାହ୍ମଣଙ୍କୁ ଜଳଦାନ ଦେଲା ।

କିଛି ବର୍ଷ ପରେ ପାପୀ ବ୍ରାହ୍ମଣର ମୃତ୍ୟୁ ହେବାରୁ ଯମ ଦୂତମାନେ ଆସି ତାକୁ ବାନ୍ଧି ନେଇଗଲେ । ଯମ ପୁରୀରେ ଥାଇ ଥରେ ସେ ତୃଷାର୍ତ୍ତ ହୋଇ ଯମ ଦୂତଙ୍କୁ ଜଳଭିକ୍ଷା କଲା । ଯମ ଦୂତମାନେ ତା'କୁ ତିରସ୍କାର କରି କହିଲେ- ନିଜ ଜୀବନରେ କେବେ ଜଳଦାନ ନକରି କିପରି ଜଳଭିକ୍ଷା କରୁଛୁ ପାପୀ ? ସେହି ସମୟରେ ସ୍ୱୟଂ ଯମରାଜ ପହଞ୍ଚି ସ୍ୱହସ୍ତରେ ସେ ବ୍ରାହ୍ମଣକୁ ଜଳ ପ୍ରଦାନ କଲେ । ଦୂତମାନେ ଆଶ୍ଚର୍ଯ୍ୟ ହୋଇ କାରଣ ପଚାରିବାରୁ ଯମରାଜ କହିଲେ – ଏହି ବ୍ରାହ୍ମଣ ସାରା ଜୀବନ ପାପକର୍ମ କରିଥିଲେ ସୁଦ୍ଧା ଅକ୍ଷୟ ତୃତୀୟା ଦିନ ତା'ର ସ୍ତ୍ରୀ ତୃଷାର୍ତ୍ତ ବ୍ରାହ୍ମଣଙ୍କୁ ଜଳଦାନ କରିଥିଲା । ସ୍ତ୍ରୀର ପୁଣ୍ୟବଳରୁ ତା'ର ପାପ ଖଣ୍ଡନ ହୋଇଛି । ତେଣୁ ତା'ର ଆଉ ନର୍କଭୋଗ ଯୋଗ ନାହିଁ ।

ଅକ୍ଷୟ ତୃତୀୟା ସକଳ ଅନୁକୂଳ କରିବା ପବିତ୍ର ଦିନ ଭାବରେ କରାଯାଇଛି । ତେଣୁ ଏହିଦିନ ଶ୍ରୀଜୀଉମାନଙ୍କର ରଥନିର୍ମାଣ ପାଇଁ ଅନୁକୂଳ କରାଯାଏ । ମହାକାଳୀ ମନ୍ତ୍ରରେ ପୂଜିତ କୁରାଢି ଲଗାଇ ବନଯୋଗହୋମର ଆଚାର୍ଯ୍ୟ ତଥା ଦେଉଳ ପୁରୋହିତ ରଥନିର୍ମାଣର ଶୁଭାରମ୍ଭ କରିଥାନ୍ତି । ତାଳଧ୍ୱଜ, ଦେବଦଳନ ଓ ନନ୍ଦିଘୋଷ ରଥ ପାଇଁ ଉଦ୍ଦିଷ୍ଟ ଗୋଟିଏ କାଠ ଗଣ୍ଡିରେ କୁରାଢି ସ୍ପର୍ଶ କରାଯାଇଥାଏ ।

ଅକ୍ଷୟ ତୃତୀୟା ସହିତ ଜଡ଼ିତ ଅନେକ ପୌରାଣିକ ଗାଥା ରହିଛି । ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ନିଆଯାଇ ଚନ୍ଦନଠାକୁରଙ୍କ ସହ ପଟୁଆରରେ ରଥଖଳାକୁ ଆସିଥାଏ । ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖସ୍ଥ ରଥଖଳାରେ ଶ୍ରୀମନ୍ଦିର ପୁରୋହିତ, ରାଜଗୁରୁ ଓ ଶ୍ରୋତୀୟ ବ୍ରାହ୍ମଣମାନେ ବନଯୋଗ ପୂଜା ସମ୍ପାଦନା କରିବାର ବିଧି ବିଧାନ ରହିଛି । ରୂପକାର, କମାର, ଚିତ୍ରକର, ଭୋଇ, ଅମୀନ ସେବକମାନଙ୍କ ଉପସ୍ଥିତିରେ ବିଶ୍ୱକର୍ମାଙ୍କ ଶାଢୀବନ୍ଧା ନୀତି ପାଳିତ ହୁଏ । ରଥ ସଂହିତା ଓ ଶିଳ୍ପଶାସ୍ତ୍ର ନିୟମାନୁସାରେ ରଥନିର୍ମାଣ ଶୁଭ କରାଯାଏ । ଏପରିକି ଏହି ଦିନରୁ ଚନ୍ଦନ ଯାତ୍ରା ଆରମ୍ଭ ହୁଏ । ଚନ୍ଦନଯାତ୍ରା ଶ୍ରୀମନ୍ଦିରରେ ସବୁଠୁ ଅଧିକ ଦିନ ଧରି ପାଳିତ ହେଉଥିବା ଏକ ପର୍ବ। ଏହା ଅକ୍ଷୟ ତୃତୀୟାରୁ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ବା ସ୍ନାନପୂର୍ଣ୍ଣିମାର ପୂର୍ବଦିନ ପର୍ଯ୍ୟନ୍ତ ମୋଟ ୪୨ ଦିନ ଧରି ଅନୁଷ୍ଠିତ ହୋଇଥାଏ । ଏହା ଅକ୍ଷୟ ତୃତୀୟାଠାରୁ ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ପର୍ଯ୍ୟନ୍ତ ୨୧ଦିନ ନରେନ୍ଦ୍ର ପୁଷ୍କରଣୀରେ ବାହାର ଚନ୍ଦନଯାତ୍ରା ରୂପେ ଓ ପରବର୍ତ୍ତୀ ୨୧ଦିନ ଜ୍ୟୈଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଭିତର ଚନ୍ଦନ ରୂପେ ପାଳିତ ହୋଇଥାଏ।

ହିନ୍ଦୁ ଓ ଜୈନ ସମ୍ପ୍ରଦାୟର ଲୋକଙ୍କ ପାଇଁ ଏହି ପର୍ବ ବେଶ ଗୁରୁତ୍ୱ ବହନ କରେ । ଯେହେତୁ ଏହା ସବୁଠାରୁ ଶୁଭ ଦିନ ବୋଲି ବିବେଚନା କରାଯାଇଛି । ଅକ୍ଷୟ ତୃତୀୟାରେ ସମସ୍ତ ଆଧ୍ୟାତ୍ମିକ ଓ ବାସ୍ତୁ କାର୍ଯ୍ୟଗୁଡ଼ିକ ଆରମ୍ଭ ହୁଏ । ଏହି ଦିନ ସୁନା କିଣିବା ଶୁଭ ବୋଲି ବିବେଚନା କରାଯାଏ । କିନ୍ତୁ ଏହା ବ୍ୟତୀତ ପାଞ୍ଚଟି ଜିନିଷ ମଧ କିଣିଲେ ସୁନା ପରି ଭଲ ଲାଭ ଦେବା କୁହାଯାଏ । ଏହି ଦିନ ଏଗାରଟି କଉଡି କିଣି ପଦ୍ଧତିଗତ ଭାବରେ ପୂଜା କଲେ ଆଶୀର୍ବାଦ ମିଳିଥାଏ । ଏହା ବ୍ୟତୀତ ଦକ୍ଷିଣାବର୍ତ୍ତ ଶଙ୍ଖ କିଣିଲେ ଶୁଭ ଫଳ ମିଳିଥାଏ । ସେହିପରି ଏକ ଆଖି ନଡ଼ିଆ, ପଥର ଶିବଲିଙ୍ଗ ଓ କ୍ରିଷ୍ଟାଲ କଇଁଛ ମଧ କିଣିଲେ ପରିବାରରେ ଧନ, ସୁଖ, ସମୃଦ୍ଧତା ଓ ସୁସ୍ଥ ସ୍ୱାସ୍ଥ୍ୟ ପାଇବା ବିଶ୍ୱାସ ରହିଛି।

ଅକ୍ଷୟ ତୃତୀୟା ହିନ୍ଦୁ ଧର୍ମରେ ଏକ ଶୁଭ ଦିନ ଭାବରେ କେବଳ ବିବେଚନା କରାଯାଏ ନାହିଁ କି କିଣାକିଣି ଦୃଷ୍ଟିକୋଣରୁ ନୁହେଁ , ବରଂ ଆଧାତ୍ମିକ ଦୃଷ୍ଟିକୋଣରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଅକ୍ଷୟ ତୃତୀୟା ଦିନ, ସକାଳୁ ଉଠି ଥଣ୍ଡା ପାଣିରେ ସ୍ନାନ କରି ଭଗବାନ ବିଷ୍ଣୁ ଓ ମା' ଲକ୍ଷ୍ମୀଙ୍କ ପୂଜା କରାଯିବା ଉଚିତ୍ । ପୂଜା ସମୟରେ ଉଭୟଙ୍କ ନାଁରେ ଫଳ, ମିଠା ଓ ଧଳା ଫୁଲ ଅର୍ପଣ କରି ଭଗବାନ ବିଷ୍ଣୁ ଓ ମାତା ଲକ୍ଷ୍ମୀଙ୍କ ମନ୍ତ୍ର ଜପ କରିବା ଉଚିତ୍। ବିଶେଷକରି ହିନ୍ଦୁ ଓ ଜୈନ ସୁନା କିଣିବାକୁ ଜିଦ୍ କରିଥାନ୍ତି । ବିଶ୍ୱାସ କରାଯାଏ ଯେ ଏହି ଦିନ ସୁନା କିଣିଲେ ଆଗାମୀ ବର୍ଷରେ ଶୁଭଫଳ ଓ ସମୃଦ୍ଧତା ଆଣିଥାଏ । କେବଳ ସେତିକି ନୁହେଁ, ଜୈନ ଧର୍ମରେ ଅକ୍ଷୟ ତୃତୀୟା ଦିନ ଭଗବାନ ଋଷଭ ଦେବଙ୍କ ଦିନ ବୋଲି ବିବେଚନା କରାଯାଏ । ଋଷଭନାଥ ଜୈନ ଧର୍ମର ପ୍ରଥମ ତିର୍ଥଙ୍କର ଥିଲେ । ଏହି ଦିନ ସେ ଆଖୁ ରସ ପିଇ ନିଜର ଗୋଟିଏ ବର୍ଷର ତପସ୍ୟା ସମାପ୍ତ କରିଥିଲେ । ତେଣୁ ଜୈନ ଧର୍ମର ଅନୁଗାମୀମାନେ ଏହି ଅକ୍ଷୟ ତୃତୀୟାରେ ଉପବାସ ବ୍ରତ ପାଳନ କରି ଶେଷରେ ଆଖୁ ରସ ପିଇ ନିଜର ତପସ୍ୟା ଶେଷ କରନ୍ତି ।

ପଞ୍ଜିକା ଅନୁଯାୟୀ ଅକ୍ଷୟ ତୃତୀୟା ଅକ୍ଷୟ ତେଜ ନାମରେ ମଧ ଜଣାଶୁଣା । ଅକ୍ଷୟ ଅର୍ଥାତ୍ ଯାହା କେବେ ବି କ୍ଷୟ ହୁଏ ନାହିଁ କିମ୍ବା ନଷ୍ଟ ହୁଏ ନାହିଁ । ଏହି ପର୍ବର ମାହାତ୍ମ୍ୟ ବିଭିନ୍ନ ପୁରାଣପୋଥୀରେ ଯଥା ବିଷ୍ଣୁ ଧର୍ମ ସୂତ୍ର, ମତ୍ସ୍ୟ ପୁରାଣ, ନାରଦୀୟ ପୁରାଣ ଓ ଭବିଷ୍ୟ ପୁରାଣରେ ବର୍ଣ୍ଣାନା ଦେଖିବାକୁ ମିଳେ । ଅକ୍ଷୟ ତୃତୀୟା ଏପରି ଏକ ମୁହୂର୍ତ୍ତ କିମ୍ବା ଏପରି ଏକ ତିଥି ଯେଉଁଥିରେ କି ସବୁ ପ୍ରକାରର ଶୁଭ କାର୍ଯ୍ୟ କରାଯାଇଥାଏ । ଧାର୍ମିକ ଗ୍ରନ୍ଥରେ କୁହାଯାଇଛି ଯେ ଅକ୍ଷୟ ତୃତୀୟା ଦିନ କରାଯାଇଥିବା ଦାନ ଓ ଗୁଣାତ୍ମକ କାର୍ଯ୍ୟର ଫଳ କେବେ ବି ନଷ୍ଟ ହୁଏ ନାହିଁ । ସମସ୍ତ ଶୁଭ କାର୍ଯ୍ୟ ପଞ୍ଜାଙ୍ଗ ନ ଦେଖି କରାଯାଇଥାଏ । ବିବାହ କରିବା, ସୁନା କିଣିବା, ଲକ୍ଷ୍ମୀଙ୍କୁ ପୂଜା କରିବା ଅକ୍ଷୟ ତୃତୀୟା ଦିନ ବିଶେଷ ମହତ୍ତ୍ୱ ରହିଛି । ପୃଥିବୀରେ ଦେବତାମାନେ ଅବତାର ନେଇଥିଲେ । ସେଥିମଧ୍ୟରୁ ଷଷ୍ଠ ଅବତାର ଭଗବାନ ପର୍ଶୁରାମଙ୍କର ଥିଲା ।

ବିଶ୍ୱାସ କରାଯାଏ ଯେ ପ୍ରଭୁ ପର୍ଶୁରାମ ଓ ହଏଗ୍ରୀବଙ୍କର ଜନ୍ମ ଅକ୍ଷୟ ତୃତୀୟା ଦିନ ହୋଇଥିଲା । ଅକ୍ଷୟ ତୃତୀୟା ଦିନ, ଦ୍ୱାପର ଯୁଗ ସମାପ୍ତ ହେଲା ଓ ତ୍ରେତୟା ଯୁଗ ଆରମ୍ଭ ହେଲା । ମହାଭାରତର ଯୁଦ୍ଧ ଅକ୍ଷୟ ତୃତୀୟା ଦିନ ଶେଷ ହୋଇଥିଲା । ଏହି ଦିନଠାରୁ, ବେଦବ୍ୟାସ ଓ ବିଘ୍ନବିନାଶକ ଭଗବାନ ଗଣେଶ ମହାଭାରତ ଲେଖିବା ଆରମ୍ଭ କରିଥିଲେ । ତେଣୁ ଏହି ଦିନ ଯେକୌଣସି କାର୍ଯ୍ୟାରମ୍ଭ କଲେ ଆଗକୁ କୌଣସି ବିଘ୍ନ ଘଟିନଥାଏ ।ଏହି ଦିନ ଭଗବାନ ବିଷ୍ଣୁଙ୍କର ଚରଣରୁ ଧରିତ୍ରୀରେ ଗଙ୍ଗା ଅବତରିତ ହୋଇଥିଲେ । ସତ୍ୟ ଯୁଗ, ଦ୍ୱାପର ଓ ତ୍ରେତୟା ଯୁଗ ଆରମ୍ଭ ହୋଇଥିଲା । ଅକ୍ଷୟ ତୃତୀୟା ଦିନ ସୁଦାମା ଭଗବାନ କୃଷ୍ଣଙ୍କୁ ଭେଟିବାକୁ ଆସିଥିଲେ । ସୁମତି ଦେଇଥିବା ଖୁଦ ଭଜାରେ କୃଷ୍ଣ ସଂତୋଷ ହୋଇ ସଖା ସୁଦାମାଙ୍କୁ କୁବେରଙ୍କ ସମାନ ଧନ ସଂପଦ ଐଶ୍ୱର୍ଯ୍ୟ ଦେଇଥିଲେ । ଏହି ପବିତ୍ର ଦିନରେ ବ୍ରହ୍ମାଙ୍କ ପୁତ୍ର ଅକ୍ଷୟ କୁମାର ଆର୍ବିଭାବ ହୋଇଥିଲେ । ଅକ୍ଷୟ ତୃତୀୟାରେ ମଧ ଶ୍ରୀବଦ୍ରିନାଥଙ୍କର ମୂର୍ତ୍ତି ସ୍ଥାପନ କରାଯାଇ ପୂଜା କରାଯାଏ ଓ ଶ୍ରୀଲକ୍ଷ୍ମୀ ନାରାୟଣଙ୍କୁ ଦର୍ଶନ କରାଯାଏ । ବଦ୍ରିନାରାୟଣଙ୍କ ଦ୍ୱାର ମଧ ଏହି ତିଥିରୁ ଖୋଲିଥାଏ । ବୃନ୍ଦାବନସ୍ଥିତ ଶ୍ରୀବାଙ୍କେବିହାରୀ ମନ୍ଦିରରେ ପ୍ରଭୁଙ୍କ ପାଦ ଦର୍ଶନ କେବଳ ଏହିଦିନ ହୋଇଥାଏ । କାରଣ ବର୍ଷସାରା ଠାକୁର ପୋଷାକରେ ଆଚ୍ଛାଦିତ ହୋଇ ରହିଥାନ୍ତି ।

ବିଶ୍ୱାସ କରାଯାଏ ଯେ ଅକ୍ଷୟ ତୃତୀୟା ଉପରେ, ଭଲ ଆଚରଣ ଓ ଗୁଣ ସହିତ ଅନ୍ୟମାନଙ୍କ ଆଶୀର୍ବାଦ ଗ୍ରହଣ କରିବା ଆବଶ୍ୟକ। ଭଗବାନ ବିଷ୍ଣୁ ଓ ମାତା ଲକ୍ଷ୍ମୀଙ୍କ ଉପାସନା ବିଶେଷ ଫଳପ୍ରଦ ବୋଲି ବିବେଚନା କରାଯାଏ । ଅକ୍ଷୟ ତୃତୀୟାରେ କରାଯାଇଥିବା ଆଚରଣ ଓ ଭଲ କାର୍ଯ୍ୟଗୁଡ଼ିକ ଅକ୍ଷୟ ହୋଇ ରହିଥାଏ । ଏହି ଦିନକୁ ରୋଷେଇ ଘର ଓ ରୋଷେଇ ଘରର ଖାଦ୍ୟ ଦେବୀ ମାତା ଅନ୍ନପୂର୍ଣ୍ଣାଙ୍କ ଜନ୍ମଦିନ ଭାବରେ ବିବେଚନା କରାଯାଏ। ଅକ୍ଷୟ ତୃତୀୟା ଦିନ ମାତା ଅନ୍ନପୂର୍ଣ୍ଣାଙ୍କୁ ମଧ ପୂଜା କରି ଭଣ୍ଡାରକୁ ପୂର୍ଣ୍ଣ ରଖିବା ପାଇଁ ମା'ଙ୍କଠାରୁ ଆଶୀର୍ବାଦ ନିଆଯାଏ । ଅନ୍ନପୂର୍ଣ୍ଣାଙ୍କ ଉପାସନା ଦ୍ୱାରା ରୋଷେଇ ଘର ଓ ଖାଦ୍ୟର ସ୍ୱାଦକୁ ବଢିଥାଏ ।

ନିଷ୍କର୍ଷରେ କୁହାଯାଇପାରେ ଯେ ସମୟର ଛାୟା ଚିତ୍ରରେ ଉଦ୍ଭାସିତ କଳିଯୁଗର ନକାରାତ୍ମକ ପ୍ରଭାବରୁ ବଞ୍ଚିବା ପାଇଁ ଏହି ଦିନ ଭଗବାନ ବିଷ୍ଣୁଙ୍କ ଉପାସନା କରି ଦାନ ଅବଶ୍ୟ କରିବା ଉଚିତ୍ । ଏହା କରିବା ଦ୍ୱାରା ଆର ଜନ୍ମରେ ସମୃଦ୍ଧ,ଐଶ୍ୱର୍ଯ୍ୟ ଓ ସୁଖର ପ୍ରାପ୍ତି ହୋଇଥାଏ । ଶୁଭ କର୍ମ ଆଡକୁ ଅଗ୍ରସର ହେବା, ମନ ବଚନ ଓ କର୍ମ ଦ୍ୱାରା ନିଜର ମନୁଷ୍ୟ ଧର୍ମର ପାଳନ କରିବା ହିଁ ଅକ୍ଷୟ ତୃତୀୟା ପର୍ବର ସାର୍ଥକତା ହୋଇଥାଏ..!!!

ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
ମୋ : ୯୦୪୦ ୧୫୧୪ ୭୫

# ଅକ୍ଷୟ ତୃତୀୟା



ପଣ୍ଡିତ ସୋମନାଥ ଦାଶ

ବୈଶାଖ ଶୁକ୍ଳପକ୍ଷ ତୃତୀୟା ବା ଅକ୍ଷୟ ତୃତୀୟା ଓଡ଼ିଆଙ୍କର ଏକ ପ୍ରସିଦ୍ଧ ପର୍ବ। ମାହେନ୍ଦ୍ର ବନ ଯୋଗବିଧି ଅନୁଯାୟୀ ଏହି ଦିନରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ରଥ ତିଆରି କାର୍ଯ୍ୟ ଆରମ୍ଭ ହୁଏ। ଏହା ମଧ ଚନ୍ଦନ ଯାତ୍ରାର ପ୍ରଥମ ଦିନ। କୃଷକମାନେ ଏହି ତିଥିରେ ଧାନବୁଣା ଆରମ୍ଭ କରନ୍ତି। ହାତ ମୁଠାରେ ଧରି ବୁଣାଯିବା ବିହନ ଧାନକୁ ଅଖିମୁଠି କୁହାଯାଏ। ଏକ କିମ୍ବଦନ୍ତୀ ଅନୁଯାୟୀ ଜନକ ଏହି ତିଥିରେ ଭୂମି ଓ ଶସ୍ୟ ପୂଜା କରି ଧାନ ବୁଣିଥିଲେ। ଭୂମି-କର୍ଷଣ ବେଳେ ସୀତାଙ୍କୁ ପାଇଥିଲେ। ଏଣୁ ସୀତାଙ୍କୁ ବୀଜଦାତ୍ରୀ କୁହାଯାଏ। ଜୀବ ଜଗତ୍ ନିମନ୍ତେ ଅକ୍ଷୟ ଶସ୍ୟ ପ୍ରଦାନ କରିବା ପାଇଁ ତାଙ୍କର ଜନ୍ମ ହୋଇଥିଲା। ଅନ୍ୟ ଏକ ଆଖ୍ୟାୟିକା ଅନୁଯାୟୀ ଏକଦା ଜଣେ କୃପଣ ବ୍ରାହ୍ମଣ ଥିଲେ। ଦିନେ ତାଙ୍କ ଘରେ ପହଞ୍ଚିଲେ ଜଣେ ତୃଷାର୍ତ୍ତ ବ୍ରାହ୍ମଣ। ସେ ଜଳ ମୁନ୍ଦିଏ ମାଗି, କୃପଣ ବ୍ରାହ୍ମଣଙ୍କ ଦ୍ୱାରା ଅପମାନିତ ହେଲେ। ଠିକ୍ ସେହି ସମୟରେ କୃପଣ ବ୍ରାହ୍ମଣଙ୍କ ପତ୍ନୀ ସୁଶୀଳା ପହଞ୍ଚି ତୃଷାର୍ତ୍ତ ବ୍ରାହ୍ମଣଙ୍କୁ ଜଳ ଦେଇ, ସ୍ୱାମୀଙ୍କ ବ୍ୟବହାର ପାଇଁ କ୍ଷମା ମାଗିଲେ। କିଛି ଦିନ ପରେ କୃପଣ ମୃତ୍ୟୁବରଣ କଲେ।

ଯମଦୂତମାନେ ତାଙ୍କୁ ବାନ୍ଧି ଯମପୁର ନେଇଗଲେ। ତାଙ୍କର ନରକ-ଭୋଗ ନିଶ୍ଚିତ ଥିଲା। ତେବେ କେବଳ ଯମରାଜ, ତାଙ୍କୁ ମୁକ୍ତ କରିଥିଲେ। ଅକ୍ଷୟ ତୃତୀୟାରେ ତାଙ୍କ ପତ୍ନୀ ଜଳ ଦାନ କରିଥିବାରୁ, ତାହାର ପୁଣ୍ୟ ବ୍ରାହ୍ମଣଙ୍କୁ ପ୍ରାପ୍ତ ହୋଇଥିଲା। ଆଉ ଏକ କିମ୍ବଦନ୍ତୀ ମଧ ରହିଛି। ଏହି ଦିନରେ ବସୁନ୍ଧରାର କୃଷି କର୍ମକୁ ସୁଦୃଢ଼ କରିବା ନିମନ୍ତେ ସ୍ୱର୍ଗର ଗଙ୍ଗା ମର୍ତ୍ତ୍ୟକୁ ଓହ୍ଲାଇଥିଲେ। ଅକ୍ଷୟ ତୃତୀୟାରେ ବିଷ୍ଣୁଙ୍କ ଯବଧାନ ଅର୍ପଣ କରାଯାଏ। ପୁଣି ଏହି ଅବସରରେ ମାଆମାନେ ପିଲାଙ୍କ ମଙ୍ଗଳ କାମନା କରି ଷଷ୍ଠୀ ଦେବୀଙ୍କ ମୃଣ୍ମୟ ପ୍ରତିମା ଗଢ଼ି ପୂଜା କରନ୍ତି। ଏହି ପର୍ବ ଅକ୍ଷୟ ଓ ଅମରତ୍ୱର ପ୍ରତୀକ ଏବଂ ସକଳ ଶୁଭାନୁଷ୍ଠାନ ପାଇଁ ପବିତ୍ରତମ ତିଥି।

+କର୍ମକାଣ୍ଡ ବିଶାରଦ ଓ ଜ୍ୟୋତିଷ ପରାମର୍ଶଦାତା, 'ମା ଶାରଳା ଆଷ୍ଟ୍ରୋ ପଏଣ୍ଟ' ସେକ୍ଟର-୭, ସିଡିଏ, କଟକ,
ମୋ : ୭୦୦୮୦୦୦୮୯୮

# ଅକ୍ଷୟ ତୃତୀୟାର ଅନୁଚିନ୍ତା

ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା

ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟାକୁ 'ଅକ୍ଷୟ ତୃତୀୟା' କୁହାଯାଏ । ଏହି ଦିନରୁ ସତ୍ୟଯୁଗ ଆରମ୍ଭ ହୋଇଥିଲା ବୋଲି ବିଶ୍ୱାସ ରହିଛି, ତେଣୁ ଏ ଦିନ ବିଭିନ୍ନ ଦାନ, ଧାନ, ଧର୍ମ କରି ପ୍ରଭୁଙ୍କର ଅର୍ଚ୍ଚନା କରାଯାଏ । ପ୍ରଭୁ ଜଗନ୍ନାଥଙ୍କର ରଥଗଡ଼ା ଏହି ଦିନରୁ ଆରମ୍ଭ ହୁଏ । ଚନ୍ଦନଯାତ୍ରା ମଧ ଏହି ଦିନରୁ ଆରମ୍ଭ ହୁଏ । ଏହିସବୁ କାରଣରୁ ଏହିଦିନଟିକୁ ଶୁଭଦିନ ରୂପେ ପରିଗଣିତ କରାଯାଇ ଗୃହନିର୍ମାଣ, ନିର୍ବନ୍ଧ, ବିବାହ, ଉପନୟନ ପ୍ରଭୃତି ଶୁଭକର୍ମ ଅନୁଷ୍ଠିତ ହୋଇଥାଏ । କୃଷକ ଏ ଦିନ ତା' ସ୍ତ୍ରୀ ଠାରୁ ହଳଦି, ଚନ୍ଦନ, ସିନ୍ଦୂର ଲେପିତ ବିହନ - ଧାନପୂର୍ଣ୍ଣ ନୂତନ ଗଉଣୀକୁ ଶଙ୍ଖ ହୁଳହୁଳି ମଧରେ ମୁଣ୍ଡରେ ଥୋଇ ଏବଂ ଅନ୍ୟ ଏକ ନୂତନ ଟୋକେଇରେ ପିଠାନେଇ ହଳଲଙ୍ଗଳ ଧରି କ୍ଷେତକୁ ଯାଏ । ସେଠାରେ ଲକ୍ଷ୍ମୀଠାକୁରାଣୀଙ୍କୁ ଭୋଗଦେଇ ଉକ୍ତ ନୈବେଦ୍ୟ କିଆରିର ଈଶାଣ କୋଣରେ ପୋତି ହଳ ବୁଲାଏ ଓ ମୁଠା ମୁଠା ବିହନ କିଆରିରେ ବୁଣେ । ଏହାକୁ ଅକ୍ଷିମୁଠି କହନ୍ତି । ସଧବା ସ୍ତ୍ରୀମାନେ ଏ ଦିନ 'ଷଠୀଦେବୀ'ଙ୍କର ପୂଜା କରନ୍ତି । ଏଇ ତିଥିରେ ଯେଉଁ ଧର୍ମ ଅର୍ଜନ କରାଯାଏ, ତାହାର କ୍ଷୟ ନାହିଁ । କୃଷକ ନିଜ କିଆରିରେ 'ଅକ୍ଷିମୁଠି' ବିହନ ବୁଣି ଲକ୍ଷ୍ମୀଦେବୀଙ୍କୁ ପ୍ରାର୍ଥନା କରି କହେ - 'ହେ ଠାକୁରାଣୀ ! ମୋ' ଶସ୍ୟ କ୍ଷୟ ନ ହେଉ' । ତେଣୁ ଏହାର ନାମ ଅକ୍ଷୟ ତୃତୀୟା । ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ସହିତ କୃତ୍ତିକା ବା ରୋହିଣୀ ନକ୍ଷତ୍ରଯୁକ୍ତ ହେଲେ ମହାଫଳ ପ୍ରାପ୍ତ ହୁଏ । ଏହାକୁ ବ୍ରତ ରୂପେ ପାଳନ କରାଯାଏ । ବ୍ରତୀମାନେ ଶୁଦ୍ଧକାଳରେ ଏହି ବ୍ରତକୁ ଆରମ୍ଭ କରି ଆଠ ବର୍ଷରେ ଉଦ୍‌ଯାପନ କରନ୍ତି । ଏଇ ଦିନ ଜଳଦାନ କଲେ କି ପୁଣ୍ୟଫଳ ମିଳେ ସେ ସମ୍ପର୍କରେ ଗୋଟିଏ ଚିତ୍ତାକର୍ଷକ ଉପାଖ୍ୟାନ ଦେଖିବାକୁ ମିଳେ । ପୁରାକାଳରେ ଜଣେ ପାପୀ ବ୍ରାହ୍ମଣ ଥିଲା, ସେ ତା ଜୀବନରେ କିଛି ଦାନ ଧର୍ମ ପୁଣ୍ୟ କାର୍ଯ୍ୟକରି ନଥିଲା । ଥରେ ତା' ଗୃହକୁ ଅନ୍ୟ ଜଣେ ତୃଷାର୍ତ୍ତ ବ୍ରାହ୍ମଣ ଆସି ଜଳ ଭିକ୍ଷା କଲା । ପାପୀ ବ୍ରାହ୍ମଣ ତାକୁ ଜଳ ନଦେଇ ନିଷ୍ଠୁର ଭାବରେ ଗୃହରୁ ବିତାଡ଼ନ କଲା ସମୟରେ ସୁଶୀଳା ନାମ୍ନୀ ତାର ସ୍ତ୍ରୀ ଆସି ସ୍ୱାମୀକୁ ସେ କାର୍ଯ୍ୟରୁ ନିବୃତ୍ତ କଲା ଓ ତୃଷାର୍ତ୍ତକୁ ଜଳଦାନ କଲା । କିଛି ବର୍ଷ ପରେ ପାପୀ ବ୍ରାହ୍ମଣର ମୃତ୍ୟୁ ହେଲା । ଯମଦୂତମାନେ ଆସି ତାକୁ ବାନ୍ଧି ନେଇଗଲେ । ଯମପୁରୀରେ ଥାଇ ଥରେ ସେ ତୃଷାର୍ତ୍ତ ହୋଇ ଯମଦୂତଙ୍କୁ ଜଳ ଭିକ୍ଷା କଲା । ଯମଦୂତମାନେ ତାହାକୁ ତିରସ୍କାର କରି କହିଲେ - 'ରେ ପାପୀ ତୁ ତୋ ଜୀବନରେ କାହାରିକୁ



ଜଳଦାନ କରିନାହୁଁ, ଜଳଭିକ୍ଷା କରୁଛୁ କିପରି ?' ଏହି ସମୟରେ ସ୍ୱୟଂ ଯମରାଜ ସେଠାରେ ପହଞ୍ଚି ସ୍ୱହସ୍ତରେ ସେ ବ୍ରାହ୍ମଣକୁ ଜଳଦାନ କଲେ । ଦୂତମାନେ ଆଶ୍ଚର୍ଯ୍ୟ ହୋଇ ଏହାର କାରଣ ପଚାରିବାରୁ ଯମରାଜ କହିଲେ - 'ଏହି ବ୍ରାହ୍ମଣ ସାରାଜୀବନ ପାପକର୍ମ କରିଥିଲେ ସୁଦ୍ଧା ଅକ୍ଷୟତୃତୀୟା ଦିନ ଏହାର ସ୍ତ୍ରୀ ତୃଷାର୍ତ୍ତ ବ୍ରାହ୍ମଣକୁ ଜଳଦାନ କରିଥିଲା । ସ୍ତ୍ରୀର ସେହି ପୁଣ୍ୟବଳରୁ ଏହାର ପାପ ଖଣ୍ଡନ ହୋଇଅଛି । ତେଣୁ ଏହାର ଆଉ ନରକଭୋଗ ଯୋଗ ନାହିଁ । ବର୍ତ୍ତମାନ ସେ ସେଥିରୁ ମୁକ୍ତ ।' ଅକ୍ଷୟ ତୃତୀୟା ସମ୍ପର୍କରେ ଏଇ ହେଲା ପୁରାଣ ଓ ବିଭିନ୍ନ ଶାସ୍ତ୍ରାନୁମୋଦିତ ମତ । ଆଜି ଜଡ଼ବାଦୀ ଓ ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଚାର କଲେ ମଧ ଏହାର ଉପାଦେୟତା ଯଥେଷ୍ଟ ଉପଲବ୍ଧ କରିହୁଏ । ବୈଶାଖ ମାସର ପ୍ରଚଣ୍ଡ ଗ୍ରୀଷ୍ମ ତୃଷାର୍ତ୍ତ ହେବା ସ୍ୱାଭାବିକ । ତୃଷାର୍ତ୍ତକୁ ଜଳଦାନ କରିବା ମାନବିକତା ଦୃଷ୍ଟିରୁ ପ୍ରଧାନ କର୍ତ୍ତବ୍ୟ । ପାପୀ ବ୍ରାହ୍ମଣ ତୃଷାର୍ତ୍ତକୁ ଜଳଦାନ ନକରିଥିବାରୁ ତା'ର ଜଳଭିକ୍ଷା ଯମଦୂତମାନେ ପୂରଣ କରି ନାହାନ୍ତି । ଏହା ସମସ୍ତଙ୍କ ପାଇଁ ଶିକ୍ଷଣୀୟ। ଅକ୍ଷୟ ତୃତୀୟାରେ ବିଭିନ୍ନ ସ୍ଥାନରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୁଏ। ପ୍ରତି ଘରୁ ନିଜ ନିଜ ଜମିକୁ ଅଖିମୁଠି ଯିବାର ପରମ୍ପରା ଗାଁ ମାନଙ୍କରେ ପ୍ରଚଳିତ ଅଛି। ଅକ୍ଷୟ ତୃତୀୟାକୁ ଗାଁ ମାନଙ୍କରେ ଏକ ପବିତ୍ର ଦିନ ରୂପେ ପାଳନ କରାଯାଏ।

+ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ଚହଟା ନଗର, ଲେନ୍-୬, କଟକ-୧୪,
ମୋ : ୭୦୦୮୪୭୮୯୮୬

# ଓଡ଼ିଶାର ଭାଇଚାରା ପାରମ୍ପରିକ ପର୍ବ - ଅକ୍ଷୟ ତୃତୀୟା



ଅମୂଲ୍ୟ କୁମାର ପଣ୍ଡା

ଓଡ଼ିଶାର ସଂସ୍କୃତି ଏବଂ ପରମ୍ପରା ଅତ୍ୟନ୍ତ ପବିତ୍ର ଏବଂ ସମୃଦ୍ଧ। ବର୍ଷସାରା ଏଠାରେ ବିଭିନ୍ନ ପର୍ବ ଆନନ୍ଦ ଏବଂ ଉତ୍ସାହର ସହିତ ପାଳନ କରାଯାଏ। ଏହି ସମସ୍ତ ପର୍ବ ମଧ୍ୟରୁ ଅକ୍ଷୟ ତୃତୀୟା ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ପବିତ୍ର ପର୍ବ। ଏହି ପର୍ବର ଓଡ଼ିଶାର ଧାର୍ମିକ, ସାମାଜିକ ଏବଂ କୃଷି ଜୀବନ ସହିତ ଗଭୀର ସମ୍ପର୍କ ରହିଛି। ଏହାକୁ ଅକ୍ଷୟ ତୃତୀୟା କୁହାଯାଏ କାରଣ ଏହି ଦିନରେ କରାଯାଇଥିବା ପୁଣ୍ୟ କାର୍ଯ୍ୟ କେବେ ଶେଷ ହୁଏ ନାହିଁ, ଅର୍ଥାତ୍ ସେଗୁଡ଼ିକ ଅବିନାଶୀ ରହିଥାଏ। ଅକ୍ଷୟ ଶବ୍ଦର ଅର୍ଥ ଯାହା କେବେ ଶେଷ ହୁଏ ନାହିଁ, ଏବଂ ତୃତୀୟା ଅର୍ଥ ଚନ୍ଦ୍ର ମାସର ତୃତୀୟ ଦିନ। ଏହି ପର୍ବ ବୈଶାଖ ମାସର ଶୁକ୍ଳ ପକ୍ଷର ତୃତୀୟ ଦିନରେ ପାଳନ କରାଯାଏ। ହିନ୍ଦୁ ଧର୍ମରେ ଏହାକୁ ଏକ ଅତ୍ୟନ୍ତ ଶୁଭ ଦିନ ଭାବରେ ବିବେଚନା କରାଯାଏ। ଏହି ଦିନ ନୂତନ କାର୍ଯ୍ୟ ଆରମ୍ଭ କରିବା, ଦାନ କରିବା ଏବଂ ପୂଜା କରିବା ଶୁଭ ବୋଲି ବିବେଚନା କରାଯାଏ। ଅନେକ ପୌରାଣିକ କାହାଣୀ ଅକ୍ଷୟ ତୃତୀୟା ସହିତ ଜଡିତ। କୁହାଯାଏ ଯେ ଚାରି ଯୁଗ ମଧ୍ୟରୁ ତ୍ରେତୟା ଯୁଗ ଏହି ଦିନ ଆରମ୍ଭ ହୋଇଥିଲା। ଏହା ସହିତ ମହାଭାରତରେ ଏହି ଦିନର ଉଲ୍ଲେଖ ମଧ ଅଛି ଯେ ଏହି ଦିନ ପାଣ୍ଡବମାନେ ଅକ୍ଷୟ ପାତ୍ର ପାଇଥିଲେ ଯାହା ଏକ ପାତ୍ର ସଦୃଶ୍ୟ । ଯେଉଁଥିରୁ ଖାଦ୍ୟ କେବେ ଶେଷ ହୁଏ ନାହିଁ। ଅନ୍ୟ ଏକ କାହାଣୀ ଅନୁସାରେ, ମାତା ଗଙ୍ଗା ଏହି ଦିନ ପୃଥିବୀରେ ଅବତରଣ କରିଥିଲେ। ତେଣୁ ଏହି ଦିନ ଗଙ୍ଗାରେ ସ୍ନାନ ଏବଂ ପୂଜା କରିବାର ବିଶେଷ ମହତ୍ତ୍ୱ ରହିଛି। ଓଡ଼ିଶାରେ ଅକ୍ଷୟ ତୃତୀୟା ମହା ଆନନ୍ଦ ଏବଂ ଭକ୍ତିର ସହିତ ପାଳନ କରାଯାଏ। ଏହି ଦିନ ଲୋକମାନେ ସକାଳେ ସ୍ନାନ କରି ମହାପ୍ରଭୁଙ୍କୁ ପୂଜା କରନ୍ତି। ପ୍ରତ୍ୟେକ ଘରେ ମହାପ୍ରସାଦ ପ୍ରସ୍ତୁତ କରାଯାଏ ଏବଂ ପରିବାରଗୁଡ଼ିକ ଏକାଠି ଭୋଜନ କରନ୍ତି। ଓଡ଼ିଶାରେ ଏହି ପର୍ବ କୃଷି ସହିତ ନିବିଡ଼ ଭାବରେ ଜଡିତ। ଏହି ଦିନ ଚାଷୀମାନେ ହଳ କରିବା ସହିତ ଏବଂ ନୂତନ ବିହନ ବୁଣିବା ଆରମ୍ଭ କରନ୍ତି। ଏହାକୁ ମୁହୂର୍ତ୍ତ ଚାଷ ମଧ କୁହାଯାଏ। ଚାଷୀମାନେ ଭଲ ଫସଲ ଏବଂ ସମୃଦ୍ଧ ଜୀବନ ପାଇଁ ଏହି ଦିନ ଭଗବାନଙ୍କୁ ପ୍ରାର୍ଥନା କରନ୍ତି। ଚାଷୀମାନେ ମାଟିକୁ ପବିତ୍ର ମନେ କରି ପୂଜା କରନ୍ତି ଓ ବଳଦ ଏବଂ କୃଷି ଉପକରଣ ମଧ ପୂଜା କରାଯାଏ।

ଓଡ଼ିଶାରେ ଅକ୍ଷୟ ତୃତୀୟାର ଅନ୍ୟତମ ମହତ୍ତ୍ୱପୂର୍ଣ୍ଣ ଆକର୍ଷଣ ହେଉଛି ପୁରୀରେ ଶ୍ରୀଜଗନ୍ନାଥ ମନ୍ଦିରର ଉତ୍ସବ। ଏହି ଦିନରେ ରଥଯାତ୍ରା ପାଇଁ ରଥ ନିର୍ମାଣ କାମ ଆରମ୍ଭ ହୁଏ। ମହାରଣା ଓ କାରିଗରମାନେ ପୂଜା କରି କାଠ କାମ ଆରମ୍ଭ କରନ୍ତି। ଅକ୍ଷୟ ତୃତୀୟା ଶ୍ରୀମନ୍ଦିରର ଏକ ପ୍ରଧାନ ପର୍ବ । ଏହି ଦିନ ତିନି ରଥର ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହୋଇଥାଏ ଓ ବାହାର ଚନ୍ଦନ ଯାତ୍ରା ୨୧ ଦିନ ହୋଇଥାଏ । ଅକ୍ଷୟ ତୃତୀୟା ଦିନ ସକାଳ ଧୂପ ଶେଷ ପରେ ତିନିବାଡ଼ରେ ମଇଲମ ହୋଇ ମହାସ୍ନାନ ହେବା ପରେ ପୂର୍ବଦିନ ଭୋଗ ମଣ୍ଡପ ଘରେ ଅଧିବାସ କରାଯାଇବା ଚନ୍ଦନ ପିଙ୍ଗଣ ଓ ପରିଖମାନ ଘଣ୍ଟ, ଛତା ଓ କାହାଳୀ ସହ ସଂପୃକ୍ତ ସେବକମାନେ ବଡ଼ ଦେଉଳକୁ ତିନିଘେରା ବୁଲାଇ ଭିତର ସିଂହାସନ ଉପରେ ତିନିବାଡ଼ରେ ସଜାଇ ରଖାଯାଏ। ଏ ଭୋଗରେ ଟେରା ପଡ଼େ ନାହିଁ । ଭୋଗ ପରେ ଶ୍ରୀଜୀଉମାନଙ୍କୁ ଅଳକା, ଚଉସରା, ୬ ମୂର୍ତ୍ତି ସୁନା ଅଳଙ୍କାର ଲାଗି ହୋଇ ବେଶ ବଢ଼େ । ଏହା ପରେ ପାଣି ପଡ଼ି ଧୋପଖାଳ ହେବା ପରେ ମଧ୍ୟାହ୍ନ ଧୂପ ଯାତ ଭୋଗ ସହ, ଘଣ୍ଟ, ଛତା, କାହାଳୀ ସହ ତଳିଚ୍ଛ ପଟୁଆରରେ ଛାମୁକୁ ଆସେ । ମୁଦିରସ୍ତଙ୍କ ପ୍ରସାଦ ଲାଗି, ଦକ୍ଷିଣ ଘରେ ଚନ୍ଦନ ସର୍ବାଙ୍ଗ ହୋଇ ଭୋଗ ଶେଷ ପରେ ରାମ, କୃଷ୍ଣ ଓ ମଦନମୋହନ ଭିତର ସିଂହାସନକୁ ବିଜେ କରନ୍ତି । ଏହା ପରେ ମଧ୍ୟାହ୍ନ ଧୂପ ହୁଏ । ପାଣି ପଡ଼ିବା ପରେ ପଣ୍ଡା, ପତି ଓ ମୁଦିରସ୍ତ ବନ୍ଦାପନା କରନ୍ତି । ପୂଜାପଣ୍ଡା ଆଜ୍ଞାମାଳ ଦେବା ପରେ ଝୁଲଣ ମଣ୍ଡପ ତଳେ ରହିବା ପାଲିଙ୍କିରେ ରାମକୃଷ୍ଣ ଓ ବିମାନରେ ଶ୍ରୀଦେବୀ, ଭୂଦେବୀ ଓ ମଦନମୋହନଙ୍କୁ ବିଜେ କରାଯାଏ । ବିଜେ କାହାଳୀ ବାଜିଲା ପରେ ବିମାନବଡୁମାନେ ଘଣ୍ଟ ଛତା ଓ କାହାଳୀ ସହ ପାଲିଙ୍କି ଓ ମଣିବିମାନକୁ ନେଇ ନରେନ୍ଦ୍ର ଚକଡ଼ାକୁ ଯାତ୍ରା କରନ୍ତି । ବାଟରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ସାମନାରେ ଅନୁକୂଳ ନୀତି ସକାଶେ ଅଟକି ରହନ୍ତି ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# ପୁରିଖୁଣ୍ଟା ମୁନି ସମାଜର ୪ର୍ଥ ବାର୍ଷିକ ଉତ୍ସବ ପାଳିତ



ବୈଶିଙ୍ଗା , ୧୯/୪ (ନି.ପ୍ର): ବେତନଟୀ ବ୍ଲକ ଅନ୍ତର୍ଗତ ପୁରିଖୁଣ୍ଟା ସ୍ଥାନୀୟ ମୁନି ସମାଜର ୪ର୍ଥ ବାର୍ଷିକ ଉତ୍ସବ ଆଜି ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସତ୍ୟ ପତାକା ଉତ୍ତୋଳନ କରିଥିଲେ ମୁଖ୍ୟ ଅତିଥି ଯୋଗାଚାର୍ଯ୍ୟ ସୁଧାଂଶୁ ଶେଖର ମୁନି । ସମବେତ ପତାକା ସଙ୍ଗୀତ ଗାନ ପରେ ଆୟୋଜିତ ସଭାରେ ଜ୍ଞାନଦୀପ ପତ୍ରିକାର ସମ୍ପାଦକ ଯୋଗୀ ସଞ୍ଜୟ ମୁନି ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ଦର୍ଶନ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ସୁଲେଖକ ଯୋଗାଚାର୍ଯ୍ୟ ସୁଧାଂଶୁ ଶେଖର ମୁନି ଯୋଗ ଦେଇ ଜଡ ଓ ଚେତନାର ରହସ୍ୟ ଓ କାଞ୍ଚନିକ ପୂଜା ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ । ମୁଖ୍ୟବକ୍ତା ଭାବେ ଯୋଗ ଶିକ୍ଷିକା ଶାନ୍ତିଲତା ବେହେରା ଯୋଗର ଗୂଢ ରହସ୍ୟ ସହ ମନୁଷ୍ୟ କିପରି ନିରୋଗ ରହିବ ସେ ସମ୍ପର୍କରେ କହିଥିଲେ । ସମ୍ମାନିତ ବକ୍ତାଭାବେ ମୟୂରଭଞ୍ଜ ଜିଲ୍ଲା ମୁନି ସମାଜର ସଂପାଦିକା ମୁନିରାଜ୍ଞୀ ଡ଼ଃ ଅଳକା ମଞ୍ଜରୀ ଭୂୟାଁ ଯୋଗଦାନ କରି ଜୀବନ ମୁକ୍ତିର ରହସ୍ୟ ଉନ୍ମୋଚନ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗୀ ଗଦାଧର ମୁନି, ଯୋଗୀ ଜୟଚନ୍ଦ୍ର ମୁନି, ମୁନିରାଜ୍ଞୀ ସୁମତୀ ଓ ମୁନିମତୀ ଗୀତାଞ୍ଜଳି ଭୂୟାଁ ନିଜର ଅଭିମତ ବ୍ୟକ୍ତ କରିଥିଲେ । ସଭାର ସଂଯୋଜକ ଯୋଗୀ ସତୀଶ ମୁନି ପ୍ରାରମ୍ଭିକ ଅଭିଭାଷଣ ସହ ସଭାର ଉଦ୍ଦେଶ୍ୟ ସମ୍ବନ୍ଧରେ କହିଥିଲେ । ମୁନିମତୀ ନୟନା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ସଭାପତିଙ୍କ ଅଭିଭାଷଣ ପରେ ଯୋଗୀ ବିପିନ ମୁନି ଧନ୍ୟବାଦ ଅର୍ପଣ କରିଥିଲେ । ସହଯୋଗ କରିଥିଲେ ମୁନି ବିନୋଦ ମହାନ୍ତ, ରଇବୁ ମୁନି, ଭାଗିରଥି ମୁନି, ଗୋବିନ୍ଦ ମୁନି, ସୀତାରାମ, ଈଶ୍ୱର, ଡାକ୍ତର ମୁନି, ନରେନ୍ଦ୍ର ମୁନି, ପରମାନନ୍ଦ ମୁନି, ସୁବାସ ମୁନି, ପୂର୍ଣ୍ଣ ଚନ୍ଦ୍ର, ମୁନିମତୀ ସୁମିତ୍ରା, ମୁନିମତୀ ପ୍ରେମଲତା, ଡଃ ଚନ୍ଦ୍ରମୋହନ ମହାନ୍ତ ଓ ସ୍ଥାନୀୟ ମୁନି ସମାଜର ସମସ୍ତ ସଦସ୍ୟ ସଦସ୍ୟା ଗଣ ।

## ୫ ଗ୍ରାମ ବ୍ରାଉନସୁଗାର ଜବତ: ଦୁଇ ଗିରଫ

ଖୋର୍ଦ୍ଧା, ୧୯/୪ (ନି.ପ୍ର): ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଗାନ୍ଧୀ ପଡ଼ିଆରେ ଚଢ଼ଉ କରି ୫ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଶାଗୁଆନ ବଗିଚାର ରଶ୍ମି ରଞ୍ଜନ ବାରିକ(୨୬), ଠେଙ୍ଗା ହାଟ ସ୍ୱପ୍ନେଶ୍ୱର ସାହିର ଶ୍ରୀଧର ପୃଷ୍ଟି ଆଲିଆସ ଗୁଡୁ (୨୩)। ପୋଲିସ ଏମାନଙ୍କ ଠାରୁ ୪ଟି ଖଣ୍ଡା, ଗୋଟିଏ ଆପାଚୀ ଓ ଗୋଟିଏ ହିରୋ ସ୍ପ୍ଲେଣ୍ଡର ବାଇକ୍, ଦୁଇଟି ମୋବାଇଲ ଓ ନଗଦ ୨୫ ହଜାର ଟଙ୍କା ଜବତ କରି କୋର୍ଟଚାଲାଣ କରାଯାଇଛି ବୋଲି ଥାନାଧିକାରୀ ସଞ୍ଜୟ ନାୟକ ସୂଚନା ଦେଇଛନ୍ତି।

## ଓଡ଼ିଶାର ଭାଇଚାରା...

(ପୃଷ୍ଠା ୬ର ଅବଶିଷ୍ଟାଂଶ)

ଏହାଙ୍କ ସହିତ ପଞ୍ଚ ମହାଦେବ, ଯମେଶ୍ୱର, ମାର୍କଣ୍ଡେୟ, ଲୋକନା, କପାଳମୋଚନ ଓ ନୀଳକଣ୍ଠଙ୍କର ବିଜେ ପ୍ରତିମାମାନ ସ୍ୱ ସ୍ୱ ବିମାନରେ ବିଜେ କରି ନରେନ୍ଦ୍ର ପୁଷ୍କରିଣୀକୁ ଯାତ୍ରା କରନ୍ତି । ଏହି ପଞ୍ଚମହାଦେବଙ୍କୁ ପଞ୍ଚପାଣ୍ଡବ କୁହାଯାଏ । ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ସାମନାରେ ଦେଉଳ ପୁରୋହିତ ରଥର ଅନୁକୂଳ ହୋମ କରନ୍ତି । ହୋମ ପରେ ମହାରଣାମାନଙ୍କର ଶାଢ଼ିବନ୍ଧା କାର୍ଯ୍ୟ ହୁଏ । ତିନୋଟି ରଥର କାଠଗଣ୍ଡିକୁ ପୂଜାପଣ୍ଡାମାନେ ଶ୍ରୀଜୀଉଙ୍କ ତିନୋଟି ଆଜ୍ଞାମାଳ ଦିଅନ୍ତି । ପବିତ୍ର ଅକ୍ଷୟ ତୃତୀୟା ଶ୍ରୀମନ୍ଦିରର ମହାନ ପରମ୍ପରା ମଧ୍ୟରେ ଅନ୍ୟତମ। ଧାର୍ମିକ ଦୃଷ୍ଟିକୋଣରୁ ଅକ୍ଷୟ ତୃତୀୟା ଦିନର ବିଶେଷ ଗୁରୁତ୍ୱ ରହିଛି। ଦାନ ହେଉଛି ଅକ୍ଷୟ ତୃତୀୟାରେ ଏକ ବିଶେଷ ପୂଜା। ଲୋକମାନେ ଗରିବ ଏବଂ ଦରିଦ୍ରମାନଙ୍କୁ ଖାଦ୍ୟ, ପୋଷାକ ଏବଂ ଅନ୍ୟାନ୍ୟ ଜିନିଷ ଦାନ କରନ୍ତି। ଏହାକୁ ଏକ ଅତ୍ୟନ୍ତ ପବିତ୍ର କାର୍ଯ୍ୟ ବୋଲି ବିବେଚନା କରାଯାଏ। କିଛି ଲୋକ ଭଗବାନଙ୍କ ଆଶୀର୍ବାଦ ପାଇବା ପାଇଁ ତୀର୍ଥଯାତ୍ରା ଏବଂ ମନ୍ଦିର ପରିଦର୍ଶନ କରନ୍ତି। ଅକ୍ଷୟ ତୃତୀୟା ଲୋକଙ୍କ ମଧ୍ୟରେ ଏକତା, ପ୍ରେମ ଏବଂ ଭାଇଚାରା ଭାବନାକୁ ବୃଦ୍ଧି କରେ। ଏହି ଦିନରେ ସମସ୍ତେ ଏକାଠି ପାଳନ କରନ୍ତି ଏବଂ ସମ୍ପର୍କକୁ ମଜବୁତ କରନ୍ତି। ଏହି ଦିନକୁ ବ୍ୟବସାୟ ପାଇଁ ମଧ୍ୟ ଶୁଭ ବୋଲି ବିବେଚନା କରାଯାଏ। ଅନେକ ଲୋକ ନୂତନ ବ୍ୟବସାୟ ଆରମ୍ଭ କରନ୍ତି। ସୁନା କିଣିବା ଏହି ଦିନ ମଧ୍ୟ ଏକ ପ୍ରଥାଗତ, କାରଣ ଏହାକୁ ଧନ ଏବଂ ସମୃଦ୍ଧିର ପ୍ରତୀକ ଭାବରେ ବିବେଚନା କରାଯାଏ। ଅକ୍ଷୟ ତୃତୀୟା ପର୍ବ ମଣିଷ ଏବଂ ପ୍ରକୃତି ମଧ୍ୟରେ ବନ୍ଧନକୁ ମଜବୁତ କରେ। ଚାଷୀମାନେ ପୃଥିବୀକୁ ମାତା ଭାବରେ ପୂଜା କରନ୍ତି। ଏହା ଆମକୁ ପ୍ରକୃତିକୁ ସମ୍ମାନ କରିବାକୁ ଶିଖାଏ। ଆଜିର ଆଧୁନିକ ସମାଜରେ ମଧ୍ୟ ଅକ୍ଷୟ ତୃତୀୟାର ଗୁରୁତ୍ୱ ଅତୁଟ ରହିଛି। ଲୋକମାନେ ଏହିଦିନ ପୂଜାପାଠ, ଦାନ ଏବଂ ସମାଜସେବା କରିଚାଲିଛନ୍ତି। ଏହି ପର୍ବ ସହର ଏବଂ ଗ୍ରାମ ଉଭୟରେ ସମାନ ଉତ୍ସାହ ସହିତ ପାଳନ କରାଯାଏ। ଅକ୍ଷୟ ତୃତୀୟା ହେଉଛି ଓଡ଼ିଶାର ଏକ ପବିତ୍ର ଏବଂ ପାରମ୍ପରିକ ପର୍ବ ଯାହାର ଧାର୍ମିକ, ସାମାଜିକ, କୃଷି ଏବଂ ଆର୍ଥିକ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଏହା ଆମକୁ ଭଲ କାମ, ସହଯୋଗ ଏବଂ ପ୍ରକୃତି ପ୍ରତି ସମ୍ମାନର ମୂଲ୍ୟବୋଧ ଶିଖାଏ। ଏହି ପର୍ବ ମାଧ୍ୟମରେ, ଆମେ ଆମର ସଂସ୍କୃତି ଏବଂ ପରମ୍ପରାକୁ ସଂରକ୍ଷଣ କରିପାରିଥାଉ। ଅକ୍ଷୟ ତୃତୀୟା କେବଳ ଏକ ପର୍ବ ନୁହେଁ ବରଂ ଓଡ଼ିଆ ଜୀବନର ଏକ ଅଂଶ ଯାହା ଆମ ପରମ୍ପରା ଓ ସଂସ୍କୃତିର ଗର୍ବ ଓ ଗୌରବ ଏବଂ ପରିଚୟକୁ ପ୍ରତିଫଳିତ କରେ।

ଅରଙ୍ଗାବାଦ ବରୀ ଯାଜପୁର
ମୋ: ୮୨୪୯୫୦୨୭୭୬

# ହାତିଆଡିହା ଶିବ ମୁନି ଯୋଗାଶ୍ରମରେ ବ୍ରହ୍ମଯଜ୍ଞ



ରୂପସା , ୧୯/୪ (ନି.ପ୍ର): ହାତିଆଡିହା ଶିବ ମୁନି ଯୋଗାଶ୍ରମ ରେ,ଆତ୍ମଜ୍ଞାନୀ ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ବାରିକ -ମୁନିରାଜ୍ଞୀ ଗୀତାଞ୍ଜଳୀ ବାରିକଙ୍କ ସୁ ପୁତ୍ର ଇ. ନିଶୀଥ ନୟନ ବାରିକଙ୍କ ୪୨ ତମ ଏବଂ ସୁ ପୁତ୍ରବଧୂ ଲିପିକା ବାଛିନୀଙ୍କ ୩୪ ତମ ଶୁଭ ଜନ୍ମଦିନ , ଯୋଗୀ ପରମାନନ୍ଦ ବାରିକଙ୍କ ଅଧ୍ୟକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି । ମୁନି ସଙ୍ଗୀତ ଏବଂ ଜନ୍ମଦିନ ସଙ୍ଗୀତ ଗାନ କରିଥିଲେ, ସିଦ୍ଧସାଧିକା ମୁନିରାଜ୍ଞୀ ବାସନ୍ତୀ ମହାଳିକ, ମୁନିରାଜ୍ଞୀ ସୁମତୀ ଦଳାଇ ପ୍ରମୁଖ । ଉପସ୍ଥିତ ଥିଲେ ମୁନି ମତୀ ଜାହ୍ନବୀ ଗିରି, ମୁନିମତୀ ଆରତୀ ଗିରି,ମୁନି ମତୀ ଗଉରୀମଣୀ ସାହୁ, ମୁନିରାଜ୍ଞୀ ବିମଳା ଲେଙ୍କା, ମୁନି ମତୀ କୈକେୟୀ ଜେନା ପ୍ରମୁଖ ବହୁ ମୁନି ମୁନିମତୀ ମାନେ । ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦପାଠ, ଶାନ୍ତି ପାଠ କରାଯାଇ, ପୁତ୍ର- ପୁତ୍ରବଧୂଙ୍କୁ ଦୀର୍ଘ ନିରୋଗ ନିରାମୟ ଆନନ୍ଦମୟ ଶାନ୍ତିମୟ ଜୀବନ ଯାପନର ସମୂହ ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା। ସମୂହ ଇଚ୍ଛାଶକ୍ତି ହିଁ ପରମାତ୍ମା ଙ୍କ ଶକ୍ତି ।ଶେଷରେ ସତ୍ୟନିଷ୍ଠା ଆତ୍ମଜ୍ଞାନୀ ମୁନିମତୀ ସରସ୍ୱତୀ ନନ୍ଦ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି, ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଐତିହ୍ୟ ଦିବସ ପାଳିତ




ବାଲେଶ୍ୱର , ୧୯/୪ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟର ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ୧୮ ତାରିଖରେ ବିଶ୍ୱ ଐତିହ୍ୟ ଦିବସ ଅବସରରେ ଏକ ସେମିନାର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ସଫଳତାର ସହ ଆୟୋଜିତ ହୋଇଥିଲା। ଏହି ସେମିନାରରେ ପ୍ରସିଦ୍ଧ ଶିକ୍ଷାବିତ୍, ବିଶେଷଜ୍ଞ ଓ ଗବେଷକମାନେ ଯୋଗଦେଇ ଓଡ଼ିଶାର ସ୍ୱର୍ଣ୍ଣନୀୟ ଓ ଅସ୍ୱର୍ଣ୍ଣନୀୟ ଐତିହ୍ୟର ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମଟି ପ୍ରଫେସର ପବିତ୍ର ମୋହନ ନାୟକ (ସଂଯୋଜକ- ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗ) ଙ୍କ ସ୍ୱାଗତ ଭାଷଣ ସହ ଆରମ୍ଭ ହୋଇଥିଲା, ଯେଉଁଥିରେ ସେ ବର୍ତ୍ତମାନ ସମାଜରେ ଐତିହ୍ୟ ସୁରକ୍ଷାର ପ୍ରସଙ୍ଗିକତା ଉଲ୍ଲେଖ କରିଥିଲେ। ବିଭିନ୍ନ ଆମନ୍ତ୍ରିତ ବକ୍ତାମାନେ ଯଥା - ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଏ.ଆଇ.ଏଚ୍.ସି ଓ ପ୍ରତ୍ନତତ୍ତ୍ୱ ବିଭାଗର ପ୍ରଫେସର ସଞ୍ଜୟ ଆଚାର୍ଯ୍ୟ, ଓଡ଼ିଶାର ସମୃଦ୍ଧ ସ୍ମାରକ ଐତିହ୍ୟ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ସେ ଐତିହାସିକ ସ୍ଥଳଗୁଡ଼ିକର ବର୍ତ୍ତମାନ ସ୍ଥିତି, ସେମାନଙ୍କ ସୁରକ୍ଷା ପାଇଁ ସରକାରୀ ପଦକ୍ଷେପ ବିଷୟ ଅବଗତ କରାଇବା ସହ ଏକ ଭିଜୁଆଲ ପ୍ରଦର୍ଶନୀ ମାଧ୍ୟମରେ ନିଜ ଉପସ୍ଥାପନାକୁ ଅଧିକ ସ୍ପଷ୍ଟ କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ ରାଜନୀତି ବିଜ୍ଞାନ ପ୍ରଫେସର ଶ୍ୟାମ ସୁନ୍ଦର ଆଚାର୍ଯ୍ୟ, ଅସ୍ୱର୍ଣ୍ଣନୀୟ ସାଂସ୍କୃତିକ ଐତିହ୍ୟର ସୁରକ୍ଷାର ଗୁରୁତ୍ୱ ଉଲ୍ଲେଖ କରି, ଏହା ଆମ ସାଂସ୍କୃତିକ ପରିଚୟ ରକ୍ଷାର ମୂଳ ଭୂମିକା ଗୁଡ଼ିକକୁ ଉଲ୍ଲେଖ କରିଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ଡ଼କ୍ଟର ଉମାକାନ୍ତ ମିଶ୍ର, ଓଡ଼ିଶାର ପ୍ରାଚୀନ ଐତିହ୍ୟ ଓ ତାହାର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ମୂଲ୍ୟବାନ ମତାମତ ରଖି, ସମୂହିକ ଦାୟିତ୍ୱ ମାଧ୍ୟମରେ ଏହାର ସୁରକ୍ଷାର ଆବଶ୍ୟକତା ଉଲ୍ଲେଖ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ, ଓଡ଼ିଶାର ଲୋକସଂସ୍କୃତି ଓ ଆଦିବାସୀ ଐତିହ୍ୟର ସୁରକ୍ଷାର ଆବଶ୍ୟକତା ଉପରେ ମତ ରଖି, ସମୁଦାୟର ସହଭାଗିତା ଓ ନୀତିଗତ ସମର୍ଥନର ଗୁରୁତ୍ୱ ଉଲ୍ଲେଖ କରିଥିଲେ। ଆନଥ୍ରୋପୋଲୋଜି ବିଭାଗର ଡ଼କ୍ଟର ଆକାଶ ମଲ୍ଲିକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ଓ ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗର ସହାୟକ ପ୍ରଫେସର ଡ଼କ୍ଟର ଶିଖାଶ୍ରୀ ରାୟ ସେମିନାରର ବିଷୟବସ୍ତୁ ପ୍ରସ୍ତୁତ କରିଥିଲେ। କାର୍ଯ୍ୟକ୍ରମକୁ ସହାୟକ ଅଧ୍ୟାପକ ଶଶାଙ୍କ ଶେଖର ଗଡନାୟକ ସଂଯୋଜନା କରିଥିଲେ ଓ ଶେଷରେ ସହାୟକ ଅଧ୍ୟାପିକା ଜିନାପ୍ରିୟଙ୍କା ଜେଠୀଙ୍କ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଦ୍ରୀକ୍ଷା ପବ୍ଲିକ ସ୍କୁଲରେ ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ବାସୁଦେବପୁର, ୧୯/୪ (ନି.ପ୍ର): ବାସୁଦେବପୁର ପୌର ପାଳିକା ଅନ୍ତର୍ଗତ ଦ୍ରୀକ୍ଷା ପବ୍ଲିକ ସ୍କୁଲରେ ମେଧାବୀ ଛାତ୍ରୀ ମାନଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ସି ବି ଏସ ଇ ବୋର୍ଡ ପରୀକ୍ଷାରେ ପ୍ରଥମ ବର୍ଷର ଉତ୍ତୀର୍ଣ୍ଣ ହୋଇ ଥିବା ଶତ ପ୍ରତିଶତ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରୁ ଦୁଇ ଜଣ ଶ୍ରେଷ୍ଠ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସ୍କୁଲର ମେଧାବୀ ଛାତ୍ରୀ ଆଫିଆ ଆଲାମ୍ ଶତକଡା ୮୪ ଓ ଆତିଆ ଫାତେମା ଶତକଡା ୮୦ ନମ୍ବର ରଖି ସଫଳତା ହାସଲ କରିଛନ୍ତି ଓ ଏହି ଅବସରରେ ତାଙ୍କୁ ସମ୍ବର୍ଦ୍ଧିତ କରା ଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ଏହି ବିଦ୍ୟାଳୟର ପ୍ରତିଷ୍ଠାତା ଆଲୋକ ରଞ୍ଜନ ପଣ୍ଡା, ଉଦ୍ୟୋକ୍ତା ଅବସର ପ୍ରାପ୍ତ ହାଇସ୍କୁଲ ଶିକ୍ଷକ ଦୁର୍ଯୋଧନ ପଣ୍ଡା, ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ମହାକୁଡ଼ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

## ମୁରିବାହାଲ ସିଏଚସିରେ ରୋଗୀ କଲ୍ୟାଣ ସମିତି ବୈଠକ

ବଲାଙ୍ଗିର, ୧୯/୪ (ନି.ପ୍ର): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭା ଗୃହରେ ରୋଗି କଲ୍ୟାଣ ସମିତିର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁରିବାହାଲ ସିଏଚସି ସୁପରିଟେଣ୍ଡେନ ଡା. ଥବିର ମେହେରଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ରୋଗି କଲ୍ୟାଣ ସମିତି ଅଧ୍ୟକ୍ଷ ତଥା କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ।

# ମୟୂରଭଞ୍ଜରେ ସ୍କୁଲ ଛୁଟି ଘୋଷଣା: ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ପାଇଁ ଜିଲ୍ଲାପାଳଙ୍କ ନିଷ୍ପତ୍ତି

- ■ଆସନ୍ତା ୨୦ରୁ ୨୩ ତାରିଖ ଯାଏଁ ବନ୍ଦ ରହିବ ସମସ୍ତ ଶିକ୍ଷାନୁଷ୍ଠାନ
- ■ସମସ୍ତ ଛାତ୍ରାବାସ ମଧ୍ୟ ବନ୍ଦ ରହିବ
- ■୫ମ ଓ ୮ମ ଶ୍ରେଣୀର ସାପ୍ଲିମେଣ୍ଟାରୀ ପରୀକ୍ଷା ସତର୍କତାର ସହ ଜାରି ରହିବ

ବାରିପଦା, (୧୮/୦୪): ରାଜ୍ୟରେ ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଗରମକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ୍ ଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ସମସ୍ତ ବିଦ୍ୟାଳୟକୁ ଆସନ୍ତା ୪ ଦିନ ପାଇଁ ବନ୍ଦ ରଖିବାକୁ ଘୋଷଣା କରାଯାଇଛି । ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ, ବେସରକାରୀ ସ୍କୁଲ ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି । ଶିଶୁ ବାଟିକା ଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ପାଇଁ ଏହି ନିୟମ ଲାଗୁ ହେବ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ, ଆସନ୍ତା ୨୦.୦୪.୨୦୨୬ (ସୋମବାର)ରୁ ୨୩.୦୪.୨୦୨୬ (ଗୁରୁବାର) ପର୍ଯ୍ୟନ୍ତ ସମସ୍ତ ସ୍କୁଲଗୁଡିକ ବନ୍ଦ ରହିବ । ସେହିପରି ଜିଲ୍ଲାର ସମସ୍ତ ଛାତ୍ରାବାସ ଓ ଛାତ୍ରୀନିବାସ ବନ୍ଦ ରହିବା ସହ ଏଠାରେ ଥିବା ଛାତ୍ରଛାତ୍ରୀଙ୍କୁ ଘରକୁ ଫେରାଇ ନେବା ପାଇଁ ଅଭିଭାବକମାନଙ୍କୁ ପରାମର୍ଶ ଦିଆଯାଇଛି । ଖରା ସମୟରେ କୋମଳମତି ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷାକୁ ପ୍ରାଥମିକତା ଦେଇ ଜିଲ୍ଲାପାଳ ଶ୍ରୀ ସୟ୍ ଏହି ପ୍ରତିଷେଧକ ମୂଳକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୟ ମଧ୍ୟରେ ୫ମ ଓ ୮ମ ଶ୍ରେଣୀର ସାପ୍ଲିମେଣ୍ଟାରୀ ପରୀକ୍ଷା ପୂର୍ବ ନିର୍ଦ୍ଧାରିତ ପରୀକ୍ଷା ସୂଚୀ ଅନୁଯାୟୀ ଜାରି ରହିବ । ପରୀକ୍ଷା ସମୟରେ ସମସ୍ତ ସତର୍କତା ଅବଲମ୍ବନ ପୂର୍ବକ ବିଦ୍ୟାଳୟରେ ପର୍ଯ୍ୟାପ୍ତ ପରିମାଣର ଫଳ, ଫଳରସ, ଓଆରଏସ୍ ମହଜୁଦ୍ ରଖିବାକୁ କୁହାଯାଇଛି । ସେହିପରି ଜନଗଣନା କାର୍ଯ୍ୟ ମଧ୍ୟ ଯଥା ପୂର୍ବ ଜାରି ରହିବ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ନିୟମିତ ବିଦ୍ୟାଳୟକୁ ଯାଇ ଜାରି ରହିଥିବା ନାମଲେଖା ପ୍ରକ୍ରିୟା, ଜନଗଣନା ପ୍ରକ୍ରିୟା ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟ ସମ୍ପାଦନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ତଥା ଅଭିଭାବକମାନଙ୍କୁ ଅବଗତ କରାଯାଇଛି । ଏହା ସହ ଗ୍ରୀଷ୍ମର ବଢୁଥିବା ପ୍ରଭାବକୁ ଦୃଷ୍ଟିରେ ରଖି କୌଣସି ନୂତନ ପଦକ୍ଷେପ ନିଆଗଲେ ଆଗୁଆ ସୂଚାଇ ଦିଆଯିବ ବୋଲି ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି ।

# ଗୃହ ଗଣନା କରିବାକୁ ଯାଇ ଶିକ୍ଷୟତ୍ରୀ ଗୁରୁତର



ବାଲିଆପାଳ , ୧୯/୪ (ନି.ପ୍ର): ବାଲିଆପାଳ ଥାନା କଚୁଆପଡା ଗ୍ରାମକୁ ଗୃହ ଗଣନା ପାଇଁ ଯାଇ ଗୁରୁତର ହେଲେ ଶିକ୍ଷୟତ୍ରୀ। ସୂଚନା ଅନୁସାରେ ଚାଲିତ ବର୍ଷ ଜନଗଣନା ପାଇଁ ସରକାର ସମସ୍ତ ସ୍କୁଲର ଶିକ୍ଷକ, ଶିକ୍ଷୟତ୍ରୀ ମାନଙ୍କୁ ଜନଗଣନା କାର୍ଯ୍ୟରେ ନିୟୋଜିତ କରିଛନ୍ତି। ହେଲେ ଏପ୍ରିଲ ମାସ ସବୁଠାରୁ ଉତ୍ତପ୍ତ ମାସ ହୋଇଥିବା ବେଳେ, ଜନଗଣନା କରୁଥିବା ଶିକ୍ଷକ ଶିକ୍ଷୟତ୍ରୀଙ୍କ ପାଇଁ ସେଭଳି କୌଣସି ସୁବିଧା ସୁଯୋଗ ନଥିବା ଦେଖିବାକୁ ମିଳୁଛି । ତେବେ ଜନଗଣନା କାର୍ଯ୍ୟରେ ନିୟୋଜିତ ହୋଇଥିବା ଶିକ୍ଷକ ଶିକ୍ଷୟତ୍ରୀଙ୍କ ମଧ୍ୟରୁ ଅନେକ ଶିକ୍ଷକ ଶିକ୍ଷୟତ୍ରୀ ରୋଗାଗ୍ରସ୍ତ ଥିବା ସତ୍ତ୍ୱେ ସେମାନେ ପ୍ରଚଣ୍ଡ ଖରା ରେ କାମ କରୁଛନ୍ତି। ମିଳିଥିବା ସୂଚନା ଅନୁସାରେ ନାଚିଣ୍ଡିଆ ମୁରଲୀଧର ସରକାରୀ ଉପ୍ରା ବିଦ୍ୟାଳୟ ର ଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ଦାସ, ଗତ ୧୬ ତାରିଖ ଠାରୁ ଜନଗଣନା କାର୍ଯ୍ୟରେ ନିୟୋଜିତ ହୋଇଥିବା ବେଳେ ଗତ କାଲି ଦିନ ୨.୩୦ ମିନିଟ ସମୟରେ କଚୁଆପଡା ଗ୍ରାମ ରେ କାମ ସାରି ଫେରୁଥିବା ସମୟରେ ରାସ୍ତା ଉପରେ ତଳେ ପଡିଯାଇଥିଲେ। ତେବେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ତାଙ୍କର ପରିବାର କୁ ଖବର ଦେଇଥିଲେ। ପରିବାର ଲୋକେ ପହଂଚି ତାଙ୍କୁ ପ୍ରଥମେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇ ଥିବା ବେଳେ ସେଠାରେ କେହି ଡାକ୍ତର ନଥିବାରୁ ତାଙ୍କୁ ତୁରନ୍ତ ବସ୍ତା ମେଡିକାଲ କୁ ନେଇଥିବା ଜଣାପଡିଛି। ତେବେ ଶ୍ରୀମତୀ ଦାସ ଜଣେ ମଧୁମେହ ଓ ଉଚ୍ଚ ରକ୍ତ ଚାପ ରୋଗୀ ହୋଇଥିବା ରୁ ପ୍ରବଳ ଗରମ ପାଇଁ ଏଭଳି ହୋଇଥିବା ଡାକ୍ତର କହିଛନ୍ତି।

# ନୋଇଡାରେ ଶ୍ରମିକମାନଙ୍କ ଉପରେ ହୋଇଥିବା ସରକାରୀ ଆକ୍ରମଣ ବିରୁଦ୍ଧରେ ସିଆଇଟିୟୁ ପକ୍ଷରୁ ଭଦ୍ରକରେ ପ୍ରତିବାଦ ସଭା

ଭଦ୍ରକ, ୧୯/୪ (ନି.ପ୍ର): ଜାତୀୟ ରାଜଧାନୀ ଅଞ୍ଚଳ ( ଏନ୍ ସି ଆର) ଓ ବିଶେଷକରି ନୋଇଡା ଅଞ୍ଚଳରେ ଶିଳ୍ପ ଶ୍ରମିକ ମାନଙ୍କ ଉପରେ ହୋଇଥିବା ସରକାରୀ ଆକ୍ରମଣ ଓ ପୋଲିସ୍ ଦମନ ବିରୁଦ୍ଧରେ ସିଆଇଟିୟୁ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ଭଦ୍ରକ ବନ୍ତ ଛକ ଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଦିନକୁ ୮ ଘଣ୍ଟା କାମ କରିବାର ଅଧିକାରର ସୁରକ୍ଷା, ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ବାତିଲ, ଶ୍ରମିକ ମାନଙ୍କ ମଜୁରୀ ବୃଦ୍ଧି, ଶ୍ରମିକ ମାନଙ୍କୁ ସାମାଜିକ ନ୍ୟାୟ ଆଦି ଦାବି କରି ନୋଇଡା ଓ ଜାତୀୟ ରାଜଧାନୀ ଅଞ୍ଚଳ ରେ ଶିଳ୍ପ ଶ୍ରମିକ ମାନେ ଶାନ୍ତିପ୍ରିୟ ଆନ୍ଦୋଳନ ଚଳାଇ ଥିବା ବେଳେ ଶିଳ୍ପପତି ଶ୍ରେଣୀ ନିର୍ଦ୍ଦେଶରେ ଦିଲ୍ଲୀ ପୋଲିସ, ଉତ୍ତରପ୍ରଦେଶ ପୋଲିସ ଓ ହରିୟାଣା ପୋଲିସ ଯେପରି ଭାବେ ଆକ୍ରମଣ କରି ଲହୁଲୁହାଣ କରି , ମିଥ୍ୟା ମକଦ୍ଦମାରେ ଶ୍ରମିକ ନେତା ମାନଙ୍କୁ ଜେଲଖାନାରେ ଭର୍ତ୍ତି କରିଛନ୍ତି, ତାହା ଗଣତାନ୍ତ୍ରିକ ରାଷ୍ଟ୍ରରେ ଗ୍ରହଣୀୟ ନୁହେଁ ବୋଲି ସଭାରେ ଯୋଗ ଦେଇଥିବା ନେତୃବୃନ୍ଦ ପ୍ରକାଶ କରିଛନ୍ତି ଓ ଜେଲଖାନାରେ ଥିବା ଶ୍ରମିକ ନେତା ମାନଙ୍କୁ ଖଲାସ କରିବାକୁ ଦାବି କରିଛନ୍ତି । ଦୋଷୀ ପୋଲିସ ମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏହି ପ୍ରତିବାଦ ସଭାରେ ସିଆଇଟିୟୁ ଭଦ୍ରକ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ, ଓଡିଶା କ୍ଷେତମଜଦୂର ୟୁନିୟନ ଭଦ୍ରକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ପାଢୀ, ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ ଜିଲ୍ଲା ଆବାହକ ବିକାଶ ନାଥ, ଓଡିଶା କ୍ଷେତମଜଦୂର ୟୁନିୟନ ଜିଲ୍ଲା ସଂପାଦକ ଗିରିଧାରୀ ନାଥ, ଭଦ୍ରକ ଓକିଲ ସଂଘ ପୂର୍ବତନ ଉପସଭାପତି ଅଶୋକ କୁମାର ନାୟକ, ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ରାଜ୍ୟ ସଂପାଦିକା ସୁରଜିତା ନାୟକ, ଆଇନଜୀବୀ ଦେବେନ୍ଦ୍ର ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ରୋଟାରି କ୍ଲବ ଜୟପୁର ପ୍ରାଇଡର ମାଗଣା ସ୍ୱାସ୍ଥ୍ୟ ଶିବିର

ଜୟପୁର, ୧୯/୪ (ନି.ପ୍ର): ରୋଟାରି କ୍ଲବ ଜୟପୁର ପ୍ରାଇଡର ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଆଜି ଜୟପୁର ସୌରାଗୁଡା ସ୍ଥିତ ନମ୍ରତା ଚକ୍ଷୁ ଚିକିତ୍ସାଳୟରେ ଅନୁଷ୍ଠିତ ହୋଇଛି । ଏହି ଶିବିରରେ ବିଶାଖାପାଟଣାର ଡାକ୍ତର ରାମାରାଓ ହସିପଟାଲର ୫ ଜଣ କାନ, ନାକ ଗଳା ବିଶେଷଜ୍ଞ ଡାକ୍ତର ଅଣ୍ଡପୁଣ୍ଡା ରାଓ, ଅସ୍ଥି ଶଲ୍ୟ ବିଶେଷଜ୍ଞ ୱାଇ ସୁରେନ୍ଦ୍ର, ଗ୍ୟଷ୍ଟ୍ରୋ ଲୋଜିଷ୍ଟ ଡାକ୍ତର ଶିବ କୁମାର ବୁରା, ମଧୁମେହ ବିଶେଷଜ୍ଞ ଡାକ୍ତର ଚୈତନ୍ୟ ମୁର୍ତ୍ତି, ସ୍ତ୍ରୀ ରୋଗ ବିଶେଷଜ୍ଞ ଆର ଶେଷା କୁମାରୀ ଉପସ୍ଥିତ ଥିଲେ । ଏହି ଶିବିରରେ ୧୫୧ ଜଣ ରୋଗିଙ୍କ ଚିକିତ୍ସା କରାଯାଇଥିଲା ।

# ବଜ୍ରାଘାତରେ ଜଳିଗଲା ଘର ଓ ନଡିଆ ଗଛ



ନୀଳଗିରି, ୧୯/୪ (ନି.ପ୍ର): କାଳବୈଶାଖୀ ପ୍ରଭାବରେ ଆଜି ସନ୍ଧ୍ୟାରେ ହୋଇଥିବା ବଜ୍ରାଘାତରେ ହୁତୁହୁତୁ ହୋଇ ଜଳିଗଲା ଦୁଇଟି ନଡିଆ ଗଛ ଓ ଘର ।ଏଭଳି ଅଘଟଣ ଘଟିଛି ନୀଳଗିରି ବ୍ଲକ କାଂଶ ଗ୍ରାମରେ। ସନ୍ଧ୍ୟାରେ ହଠାତ ବଜ୍ରାଘାତ ପ୍ରଭାବରେ ଶ୍ରୀଧର ଦଳେଇଙ୍କ ବାଡିରେ ଥିବା ଦୁଇଟି ନଡିଆଗଛରେ ନିଆଁ ଲାଗିଥିଲା। ନିଆଁଝୁଲ ଖସୁଥିବାରୁ ତଳେ ଥିବା ଚାଳଘରର ପରିବାର ଲୋକେ ଭୟଭୀତ ରହିଥିଲେ। ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଅବଗତ କରିବା ପରେ ନୀଳଗିରି ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।ସେହିପରି ମିତ୍ରପୁର ପେଟ୍ରୋଲ ପମ୍ପ ସମ୍ମୁଖରେ ଥିବା ଘର ଆପଣାଛାଏଁ ଜଳିବାକୁ ଲାଗିଥିଲା ।ସ୍ଥାନୀୟ ଲୋକ ପ୍ରଥମେ ନିଆଁକୁ ଆୟତ୍ତକରିବାକୁ ଚେଷ୍ଟାକରିଥିବା ବେଳେ ଅଗ୍ନିଶମବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆକୁ ଆୟତ୍ତ କରିବା ବେଳକୁ ସବୁ ଜଳିପୋଡି ପାଉଁଶ ହୋଇଯାଇଥିଲା।




❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida